ଭୁବନେଶ୍ୱର
ରବିବାର ୧୦ ମାର୍ଚ୍ଚ, ୨୦୨୪
ପ୍ରାତଃ ସଂସ୍କରଣ
ମୂଲ୍ୟ : ୫ ଟଙ୍କା, ୮ + ୪ ପୃଷ୍ଠା
March 10, 2024, Bhubaneswar
Vol - XXI, Issue - 339
Price: Rs.5/- ( 8 + 4 Pages)
e-mail : pratidin.daily@gmail.com
Postal Regd. No: BN /134/21-23
RNI No- ODIODI/2003/10995

# ପ୍ରତିଦିନ

PRATIDIN Odia Daily

www.pratidintv.com
e-paper:
www.pratidintv.com

## ଇବ୍ ନଦୀରେ ୩ ବାଳକ ନିଖୋଜ

**ସୁନ୍ଦରଗଡ଼,୯।୩(ନି.ପ୍ର):** ସୁନ୍ଦରଗଡ଼ ସଦର ଥାନା ସେମିନା ନିକଟରେ ଇବ୍ ନଦୀରେ ୩ ବାଳକ ନିଖୋଜ ହୋଇଯାଇଥିବା ଜଣାଯାଇଛି। ସେମାନେ ଗୋଟିଏ ପରିବାରର। ବଣଭୋଜି କରିବାକୁ ଆସିଥିଲେ। ଗାଧୋଇବା ବେଳେ ୩ ବାଳକ ନିଖୋଜ ହୋଇଯାଇଥିଲେ। ଚୋରାବାଲିରେ ଗୋଡ଼ ଖସିଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି।




## ବିଭିନ୍ନ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୩(ନି.ପ୍ର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ନବ ନିଯୁକ୍ତ କର୍ମଚାରୀମାନଙ୍କୁ ମଧ୍ୟ ଦିଗ୍‌ଦର୍ଶନ ଦେଇଛନ୍ତି।

ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଗୃହ ବିଭାଗରେ ପ୍ରଦାନ କରାଯାଇଛି ଏହି ନିଯୁକ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ ଜଣ କନିଷ୍ଠ ସହାୟକ, ଅର୍ଥ ବିଭାଗରେ ୧୭୭ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ ଜଣ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅଧିକାରୀ, ୭ ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ନିଯୁକ୍ତି ପାଇଛନ୍ତି। (ପୃଷ୍ଠା:୫)

## ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

### ୧୭ଟି ପ୍ରସ୍ତାବକୁ ମଞ୍ଜୁରୀ



**ଭୁବନେଶ୍ୱର,୯।୩(ନି.ପ୍ର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ବୈଠକରେ ୧୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ୩ଟି ପ୍ରସ୍ତାବରେ ମୋହର ଲାଗିଛି। ରାଜ୍ୟର ସମସ୍ତ ୟୁଜି (ସ୍ନାତକ) ଓ ପିଜି (ସ୍ନାତକୋତ୍ତର) ପିଲାଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ମିଳିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ କେବଳ ଉଚ୍ଚଶିକ୍ଷା ବିଭାଗ ଅଧୀନ ୟୁଜି, ପିଜି ପିଲା ଏହି ବୃତ୍ତି ପାଉଥିଲେ। ଏବେ ଅନ୍ୟ ବିଭାଗ କୃଷି, ସଂସ୍କୃତି ବିଭାଗ ଅଧୀନରେ ଥିବା ପିଲା ମଧ୍ୟ ପାଇବେ।

ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ଦରମାରେ ପରିବର୍ତ୍ତନ ଆଣିଛନ୍ତି। ଏହାଦ୍ୱାରା ୧ ଲକ୍ଷ ୪ ହଜାରରୁ ଅଧିକ ଶିକ୍ଷକ ଉପକୃତ ହେବେ। ରାଜ୍ୟ ସରକାର ଏଥିପାଇଁ ୫୮୭ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଲିମେଣ୍ଟାରୀ ଶିକ୍ଷକ କ୍ୟାଡର ପୁନର୍ଗଠିତ ହେବ।

ରାଜ୍ୟରେ ୩୧୮ ଆମ ବସ୍‌ଷ୍ଟାଣ୍ଡ ପାଇଁ ୬ ହଜାର କୋଟି ମଞ୍ଜୁର କରାଯାଇଛି। ନୂଆ ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ସହିତ ନୂଆ ନୂଆ ସ୍ଥାନକୁ ବିମାନ ଚଳାଚଳ ଆରମ୍ଭ ହେଉଛି। (ପୃଷ୍ଠା:୫)

## ରତ୍ନଭଣ୍ଡାର ତଦାରଖ କମିଟି ବୈଠକ

## ଟେକ୍ନୋଲୋଜିର ସହାୟତା ନିଆଯିବ

**ପୁରୀ,୯।୩(ନି.ପ୍ର):** ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଜଷ୍ଟିସ ପଶାୟତ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ୧୯୭୮ରେ କରାଯାଇଥିବା ଗଣତି ତାଲିକା ଉପରେ ଆଲୋଚନା କରାଯାଇଛି। ରତ୍ନଭଣ୍ଡାର ଭିତରକୁ ଯିବା ପାଇଁ କେତେବେଳେ ଉପଯୁକ୍ତ ହେବ ସେ ନେଇ ଅନୁଧ୍ୟାନ କରାଯାଇଛି। ରଥଯାତ୍ରା ବେଳେ ଗଣନା ପାଇଁ ଉପଯୁକ୍ତ ସମୟ ରହିବ। ୧୯୭୮ ମସିହାରେ ଗଣତି ପାଇଁ ୪ମାସ ଲାଗିଥିଲା। ୧୯୮୫ ମସିହା ପରଠୁ ଆଉ କିଛି ଗଣନା ହୋଇନି। ଆବଶ୍ୟକ ପଡ଼ିଲେ ଗଣତି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ। କ୍ୟାମେରା ଲଗାଯାଇ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନିଆଯିବ। ସମ୍ପର୍କରେ ଆଲୋଚନା କରାଯାଇଛି। ଜଷ୍ଟିସ ଅରିଜିତ ପଶାୟତ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶନିବାର ସପତ୍ନୀକ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ରତ୍ନଭଣ୍ଡାର ତଦାରଖ କମିଟି ବୈଠକରେ ଯୋଗ ଦେଇଛନ୍ତି।



## ବେଦ ବାଣୀ

ହେ ମନୁଷ୍ୟଗଣ! ତୁମେ ଶହ ଶହ ହାତଯୁକ୍ତ ହୋଇ ଧନ ଏକତ୍ର କର ଏବଂ ହଜାରେ ହାତଯୁକ୍ତ ହୋଇ ତାହାକୁ ଦାନ କର। ଏହିପରି ତୁମେ ତୁମ ଦ୍ୱାରା କରାଯାଇଥିବା ଏବଂ କରିବାକୁ ଥିବା କର୍ମର ବୃଦ୍ଧି କର। ଶହେ, ହଜାରେ ଧାରାରେ ପ୍ରବାହିତ ହେଲେ ସୁଦ୍ଧା ଜଳର ଆଦି ସ୍ରୋତ ଯେପରି ଅକ୍ଷୟ ହୋଇ ରହେ, ସେହିପରି ଆମର ଧନ୍ୟଧାନ୍ୟ ମଧ୍ୟ ଅନେକ ଧାରା (ରୂପ)ରେ ଖର୍ଚ୍ଚ ହେବା ପରେ ମଧ୍ୟ ଅକ୍ଷୟ ହୋଇ ରହୁ।

ହେ ଜଳପ୍ରବାହ! ଏହି (ତୁଷ୍ଟିଦାୟକ ପ୍ରଭାବ) ତୁମର ହୃଦୟ ଅଟେ। ହେ ରତପ୍ରବାହୀ ଧାରା! ଏହି (ରତ) ତୁମର ପୁତ୍ର ଅଟେ।

–ଅଥର୍ବବେଦ





# ୩ଟି ଫିଲ୍ମରେ ବାଣୀ କପୁର



ନିର୍ଦ୍ଦେଶକ ନବଜୋତ ଗୁଲାଟିଙ୍କ ଅପ୍‌କମିଙ୍ଗ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ ବାଣୀ କପୁର। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଅପାରଶକ୍ତି ଖୁରାନା ଓ ପରେଶ ରାଓ୍ୱଲ । ପାରିବାରିକ ଡ୍ରାମା–କମେଡି ଆଧାରିତ ଏହି ଫିଲ୍ମରେ ଆଧୁନିକ ସମ୍ପର୍କ ଉପରେ ଗତିଶୀଳ। ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବାଣୀ, ପରେଶ ଓ ଅପାରଶକ୍ତି ଫିଲ୍ମର କାହାଣୀ ଶୁଣିବା ମାତ୍ରେ କାମ କରିବାକୁ ହଁ କହିଥିଲେ। ଖୁବ୍‌ଶୀଘ୍ର ଫିଲ୍ମର ଶୁଟିଂ ଆରମ୍ଭ ହେବ ଏବଂ ସମ୍ପୂର୍ଣ୍ଣ ରୂପେ ଲଣ୍ଡନରେ ଶୁଟିଂ ହେବ।

ଫିଲ୍ମରେ ବାଣୀ ଓ ଅପାରଶକ୍ତି ଭାଇ–ଭଉଣୀ ଭୂମିକା ନିର୍ବାହ କରିବେ ବୋଲି ଚର୍ଚ୍ଚା ହେଉଛି । ଖୁବ୍‌ଶୀଘ୍ର ଫିଲ୍ମ 'ମଣ୍ଡାଲା ମର୍ଡର୍ସ' ଜରିଆରେ ଓଟିଟିରେ ଏଣ୍ଟ୍ରି କରିବେ ବାଣୀ। ଫିଲ୍ମ 'ମର୍ଦ୍ଦାନି' ଫ୍ରାଞ୍ଚାଇଜର ଗୋପୀ ପୁଥରନ୍ ହାର ନିର୍ଦ୍ଦେଶନା ଦେଇଛନ୍ତି । ଅଜୟ ଦେବଗନଙ୍କ ଫିଲ୍ମ 'ରେଡ୍–୨'ରେ ମଧ ବାଣୀ ନଜର ଆସିବେ। ରାଜ କୁମାର ଗୁପ୍ତା ଏହାର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଛନ୍ତି । ମୁଦସର ଅଜିଜଙ୍କ ନିର୍ଦ୍ଦେଶିତ 'ଖେଲ୍ ଖେଲ୍ ମେଁ'ରେ ଅକ୍ଷୟ କୁମାର, ତାପସୀ ପନ୍ନୁ ଓ ଫରଦିନ ଖାନ୍‌ଙ୍କ ସହ ନଜର ଆସିବେ ବାଣୀ।

## ଏସିଆର ପ୍ରଥମ ଇଲେକ୍‌ଟ୍ରିକ୍ ଟ୍ରେନ୍ ଚାଲିଥିଲା ମୁମ୍ବାଇରେ



ଭାରତର ପ୍ରଥମ ଇଲେକ୍‌ଟ୍ରିକ୍ ଟ୍ରେନ୍ ଚାଲିଥିଲା ମୁମ୍ବାଇରେ ୩ ଫେବୃଆରୀ ୧୯୨୫ରେ। ତତ୍କାଳୀନ ବମ୍ବେର ଭିକ୍ଟୋରିଆ ଟର୍ମିନସ୍ (ବର୍ତ୍ତମାନ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍)ରୁ କୁର୍ଲା ହାର୍ବର ଷ୍ଟେସନ ମଧ୍ୟରେ ଚାଲିଥିଲା ଏହି ଇଲେକ୍‌ଟ୍ରିକ୍ ଟ୍ରେନ୍। ଏହା ଥିଲା ଏସିଆର ପ୍ରଥମ ଇଲେକ୍‌ଟ୍ରିକ୍ ଟ୍ରେନ୍। ଏହାର ସଞ୍ଚାଳନ ୧୫୦୦ ଡିସି ଭୋଲ୍ଟରେ ହୋଇଥିଲା।

## ଏଇ ଫେବୃଆରୀରେ

### ଚନ୍ଦ୍ରପୃଷ୍ଠରେ ପ୍ରଥମ ମହାକାଶ ଯାନର ସଫ୍ଟ ଲ୍ୟାଣ୍ଡିଂ

ଚନ୍ଦ୍ରପୃଷ୍ଠରେ ପ୍ରଥମଥର ସଫ୍ଟ ଲ୍ୟାଣ୍ଡିଂ କରିଥିଲା ମହାକାଶ ଯାନ ଲୁନା–୯, ୩ ଫେବୃଆରୀ ୧୯୬୬ରେ। ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ଏହା ପ୍ରଥମ ମହାକାଶ ଯାନ। ଏହି ମହାକାଶ ଯାନ ତତ୍କାଳୀନ ସୋଭିଏତ୍ ସଂଘ ପକ୍ଷରୁ ଲଞ୍ଚ୍ କରାଯାଇଥିଲା। ୧୨ଥର ପ୍ରୟାସ କରିବା ପରେ ମିଳିଥିଲା ଏହି ସଫଳତା। ଏହା ଥିଲା ଅନ୍ତରୀକ୍ଷରେ କୌଣସି ପୃଷ୍ଠରେ ଲ୍ୟାଣ୍ଡ କରିଥିବା ପ୍ରଥମ ମାନବ ନିର୍ମିତ ଯାନ।

## କଞ୍ଚା କ୍ଷିର ତ୍ୱଚା ପାଇଁ ଭାରି ଉପକାରୀ



ତ୍ୱଚା ପାଇଁ କଞ୍ଚା ଖିର ଭାରୀ ଉପକାରୀ। ଏହା ଏକ ଉତ୍ତମ ପ୍ରାକୃତିକ ଏକ୍ସଫୋଲିଏଟର। ଡେଡ୍ ସ୍କିନ୍‌କୁ ହଟାଇବା ଓ ତ୍ୱଚାକୁ କୋମଳ କରିବା ପାଇଁ କଞ୍ଚା ଖିର ସବୁଠାରୁ ଭଲ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ତ୍ୱଚାରୁ ଦାଗ ଦୂର କରେ। ବୟସ ବଢ଼ିବା ସହ ତ୍ୱଚାରେ ଭାଙ୍ଗ ପଡ଼ିଯାଏ ବା ତ୍ୱଚା ସଙ୍କୁଚିତ ହୋଇଯାଏ। ନିୟମିତ କଞ୍ଚା ଖିର ବ୍ୟବହାର କଲେ ଏହି ସମସ୍ୟାରୁ ମୁକ୍ତି ମିଳିବ। ଶୀତୁଆ ପବନ ଓ ପ୍ରଖର ସୂର୍ଯ୍ୟକିରଣର ନକରାତ୍ମକ ପ୍ରଭାବ ଦୂର କରିଥାଏ କଞ୍ଚା କ୍ଷୀର।

**କିପରି ବ୍ୟବହାର କରିବେ:** ଏକ ଛୋଟ ପାତ୍ରରେ ଅଳ୍ପ କଞ୍ଚା ଖିର ନେଇ ତୁଳାର ଟୁକୁଡାକୁ ସେଥିରେ ବତୁରାଇ ମୁହଁ, ବେକ, ହାତ ଓ ପାଦରେ ଲଗାନ୍ତୁ। କିଛି ସମୟ ଶୁଖିବାକୁ ଦିଅନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

## ମଣିଷ ଶରୀର ପାଇଁ ଖୁବ୍ ଲାଭଦାୟକ ସେଲ୍‌ମନ ମାଛ



ବିଶ୍ୱରେ ଅନେକ ମାଛ ଅଛନ୍ତି, ଯେଉଁମାନେ ମଣିଷ ଶରୀର ପାଇଁ ଖୁବ୍ ଲାଭଦାୟକ ଚ ଏପରି ଏକ ମାଛ ହେଉଛି ସେଲ୍‌ମନ୍। ଏହାକୁ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟୋଲ୍‌ର ମାତ୍ରା କମିଥାଏ । ଏମିତିକି ଅନେକ ରୋଗରୁ ଶରୀରକୁ ସୁରକ୍ଷା ଦେଇଥାଏ । ସେଲ୍‌ମନ୍ ମାଛରେ ଅତିକମରେ ୩୦ଟି ସ୍ୱାସ୍ଥ୍ୟ ବୃଦ୍ଧିକାରୀ ମେଟାବୋଲିଜିମ୍ ମିଳିଥାଏ । ଏହାକୁ ଖାଇବା ଦ୍ୱାରା ଓଜନ ହ୍ରାସ ହେବା ସହ ଅନେକ ରୋଗରୁ ମୁକ୍ତି ମିଳିଥାଏ। ସେଲ୍‌ମନ୍ ମାଛରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଓମେଗା –୩ ଫ୍ୟାଟି ଏସିଡ୍, ଭିଟାମିନ୍ ଡି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଥାଏ ।

ସ୍ୱାସ୍ଥ୍ୟ ସହିତ ଏହା ମାଂସପେଶୀ ତିଆରି କରିବାରେ ବେଶ୍ ଲାଭଦାୟକ । ଆମେରିକାର କଲୋରଡୋ ବିଶ୍ୱବିଦ୍ୟାଳୟର ଏକ ରିସର୍ଚ୍ଚ ଟିମ୍ ସେଲ୍‌ମନ୍ ମାଛରେ ୪ ପ୍ରକାରର କମ୍ପାଉଣ୍ଡ ପାଇଛନ୍ତି । ରିସର୍ଚ୍ଚ ଟିମ୍ ୩୦–୪୯ ବର୍ଷର ୪୧ ଜଣଙ୍କ ଉପରେ ପରୀକ୍ଷା କରିଥିଲେ । ଆଉ ଏଥିରୁ ୧୫୧୮ରୁ କମ୍ପାଉଣ୍ଡ ମିଳିଥିଲା । ଯେଉଁଥିରୁ ୫୦୮ଟି କମ୍ପାଉଣ୍ଡ କେବଳ ସେଲ୍‌ମନ୍‌ର ରହିଥିଲା । ତେବେ ବିଶ୍ୱରେ ୭ ପ୍ରକାରର ସେଲ୍‌ମନ୍ ମାଛ ଦେଖିବାକୁ ମିଳିଥାନ୍ତି । ଏଥିମଧ୍ୟରୁ ପାଞ୍ଚଟି ପ୍ରଜାତି ଉତ୍ତର ଆମେରିକା ଏବଂ ଅନ୍ୟ ୨ଟି ମସ୍କୁ ଏବଂ ଅମାଗୋ ଏସିଆରେ ଦେଖିବାକୁ ମିଳିଥାଏ ।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହୋମ ଜରୁରୀ



ହୋମ ବା ହବନ କେବଳ ବାତାବରଣକୁ ପ୍ରଦୂଷଣମୁକ୍ତ କରେ ନାହିଁ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଧ ଏହା ଜରୁରୀ। ହୋମ ଧୂଆଁରେ ପ୍ରାଣରେ ସଞ୍ଜୀବନୀ ଶକ୍ତିର ସଞ୍ଚାର ହୋଇଥାଏ। ରଗ୍ ବେଦରେ ହୋମ ମାଧ୍ୟମରେ ବେମାରିରୁ ମୁକ୍ତି ମିଳିବାର ଉଲ୍ଲେଖ ରହିଛି। ହୋମ ଅତି ପବିତ୍ର କାର୍ଯ୍ୟ। ହୋମ ପୂର୍ବରୁ ଓ ହୋମ ସମୟରେ ସ୍ୱଚ୍ଛତା ନିହାତି ଆବଶ୍ୟକ। ହୋମ ପାଇଁ ଆମ୍ବକାଠ, ବେଲ, ନିମ, ପଳାଶ ଚାରା, ଦେବଦାରୁ, ଅଶ୍ୱତ୍‌ଥ ଛେଲି, ଆମ୍ବପତ୍ର, ଚନ୍ଦନକାଠ, ତିଳ, କଅଁଳ ଜାମୁପତ୍ର, ଅଶ୍ୱଗନ୍ଧା, କର୍ପୂର, ଲବଙ୍ଗ ତଥା ବନ୍ୟସ୍ପତି ବ୍ୟବହୃତ ହୋଇଥାଏ। ଗାଈ ଗୋବରରେ ଛୋଟ ଛୋଟ ଗୁଳା କରାଯାଇ ଏହାକୁ ଘିଅରେ ବୁଡାଇ ହୋମକୁଣ୍ଡରେ ପକାଯାଇଥାଏ। ହୋମରେ ସବୁ ପ୍ରକାରର ୯୪% ଜୀବାଣୁଙ୍କର ନାଶ ହୋଇଥାଏ। ହୋମ ସହ ମନ୍ତ୍ର ପାଠ କଲେ ସକରାତ୍ମକ ଧ୍ୱନି ତରଙ୍ଗାୟିତ ହେବା ସହ ଊର୍ଜା ସଞ୍ଚାର ହୋଇଥାଏ। ପ୍ରତ୍ୟେକ ଘରେ ହୋମ ହେବା ଉଚିତ ବୋଲି କୁହାଯାଇଛି।

## ରାଜା ଦଶରଥଙ୍କ ଭୂମିକାରେ ଅମିତାଭ



ନିତେଶ ତିୱାରୀ ତାଙ୍କ ଡ୍ରିମ ପ୍ରୋଜେକ୍ଟ 'ରାମାୟଣ' ପାଇଁ କଠିନ ପରିଶ୍ରମ କରୁଛନ୍ତି। ନିର୍ଦ୍ଦେଶକ ତାଙ୍କ ମୁଭିରେ ସବୁଠାରୁ ବଡ ଷ୍ଟାର କାଷ୍ଟଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି। ମାଆ ସୀତା ଭୂମିକାରେ ସାଇ ପଲ୍ଲବି କାର୍ଯ୍ୟ କରୁଥିବା ବେଳେ ପ୍ରଭୁ ରାମଙ୍କ ଭୂମିକାରେ ରଣବୀର କପୁରଙ୍କୁ କାଷ୍ଟ କରୁଛନ୍ତି। ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ ନଜର ଆସିବେ।

ଜୁମ ଏଣ୍ଟରଟେନମେଣ୍ଟର ଏକ ରିପୋର୍ଟ ଅନୁଯାୟୀ ଅମିତାଭ ବଚ୍ଚନ ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସୂଚନାନୁସାରେ, ଏହି ଭୂମିକା ପାଇଁ ଅମିତାଭ ବଚ୍ଚନଙ୍କୁ ଆପ୍ରୋଚ କରାଯାଇଛି। ଏହା ପ୍ରଥମ ଘଟଣା ନୁହେଁ। ବହୁ ଦିନ ପୂର୍ବେ ବିଗ ବିଙ୍କୁ ରାଜା ଦାଶରଥଙ୍କ ଭୂମିକା ଅଫର ଦିଆଯାଇଥିଲା।

ସୂଚନାଯୋଗ୍ୟ, ସଞ୍ଜୟ ଖାନ 'ଦି ଲିଜେଣ୍ଡ ଅଫ ରାମ' ଟାଇଟଲ ସହିତ ଏକ ଚଳଚ୍ଚିତ୍ର ନିର୍ମାଣ କରୁଥିଲେ। ସେତେବେଳେ ମଧ ରାଜା ଦଶରଥଙ୍କ ଭୂମିକା ପାଇଁ ଅମିତାଭଙ୍କ ନିକଟକୁ ଯାଇଥିଲେ। ଏହି ଚଳଚ୍ଚିତ୍ରରେ ରାମ ଭୂମିକାରେ ହ୍ରିତିକ ରୋଶନଙ୍କୁ ଦେଖିବାକୁ ମିଳିଥିଲା। ସଞ୍ଜୟଙ୍କ ପୁଅ ଜାଏଦ ଖାନ ଲକ୍ଷ୍ମଣ ହେବାକୁ ଯାଉଥିଲେ। ତେବେ କୌଣସି କାରଣରୁ ଫିଲ୍ମକୁ ନିର୍ମାଣ କରାଯାଇଥିଲା।

ବିଗ ବି ତୁଳସୀ ପୂଜା କରିବା ସମୟରେ ସୋସିଆଲ ମିଡିଆରେ ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ଅମିତାଭ ବଚ୍ଚନ ତୁଳସୀଙ୍କୁ ଜଳ ଏବଂ କ୍ଷୀର ଦେଉଥିବାର ନଜର ଆସିଛନ୍ତି।

## ଭାରତର ପ୍ରଥମ ଅରବପତି



ବିଶ୍ୱରେ ଅନେକ ଧନୀ ବ୍ୟକ୍ତି ଅଛନ୍ତି । ଯେଉଁମାନଙ୍କର ସମ୍ପତ୍ତି କିଛି ଦିନର ବ୍ୟବଧାନରେ ବଢୁଛି ଓ କମୁଛି । କିନ୍ତୁ ଭାରତର ଏପରି ଜଣେ ଧନୀ ଥିଲେ ଯାହାଙ୍କ ପାଖରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଥିଲା। ତାଙ୍କ ପାଖରେ ଏତେ ସୁନା–ରୂପା, ହୀରା, ମାଣିକ ରହିଥିଲା ଯେ ସେ କୌଣସି ସହରକୁ ବି ପୋତି ଦେଇ ପାରିଥାନ୍ତେ । ୧୯୪୭ରେ ଦେଶ ସ୍ୱାଧିନତା ପାଇବା ବେଳେ ସେ ଥିଲେ ସବୁଠାରୁ ଅଧିକ ସୁନା ରଖିଥିବା ରାଜା। ଏହି ରାଜା ହେଉଛନ୍ତି ହାଇଦ୍ରାବାଦର ନିଜାମ ମିର ଓସମାନ ଅଲି ଖାନ।ସେ କେବଳ ଭାରତରେ ନୁହେଁ ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଭାବେ ଥିଲେ ପରିଚିତ । ରିପୋର୍ଟ ଅନୁଯାୟୀ ମୀର ଓସମାନ ଅଲି ଖାନଙ୍କ ପାଖରେ ୧୦୦ ମିଲିୟନ ପାଉଣ୍ଡ ଅର୍ଥାତ୍ ୪୫ ହଜାର ୩୫୯ ଟନ୍‌ରୁ ଅଧିକ ସୁନା ଥିଲା । ଏହାବ୍ୟତୀତ ପ୍ରାୟ ୪୦୦ନିୟୁତ ପାଉଣ୍ଡ ମୂଲ୍ୟର ହୀରା, ମୋତି, ମାଣିକ ଏବଂ ଅନ୍ୟ ଅଳଙ୍କାର ରହିଥିଲା । ଫ୍ରିଡମ୍ ଆଟ୍ ମିଡନାଇଟ୍ ପୁସ୍ତକ ଅନୁଯାୟୀ ନିଜାମଙ୍କ ପାଖରେ ସେତେବେଳେ ଏତେ ସୁନା ଥିଲା ଯେ ତାଙ୍କ ବଗିଚାର କାଦୁଅରେ ଫସି ରହିଥିଲା ସୁନା ଇଟା ଭର୍ତ୍ତି ଡର୍ଜନେ ଟ୍ରକ୍ । କାରଣ ଏହି ଟ୍ରକଗୁଡ଼ିକର ଓଜନ ଏତେ ଥିଲା ଯେ ସେମାନଙ୍କର ଚକ ପୋତି ହୋଇଯାଇଥିଲା। ନିଜାମଙ୍କ ପାଖରେ ଏତେ ମୋତି ରହିଥିଲା ଯେ ଯଦି ସେ ଚାହିଁଥାନ୍ତେ ତେବେ ଲଣ୍ଡନର ପ୍ରସିଦ୍ଧ ପିକ୍କେଡଲି ସର୍କସର ସବୁ ରାସ୍ତାକୁ ଘୋଡେଇ ହୋଇ ଯାଇଥାନ୍ତା । ୧୯୬୫ରେ ଯେତେବେଳେ ଭାରତ–ଚୀନ୍ ଯୁଦ୍ଧ ଆରମ୍ଭ ହୋଇଥିଲା, ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ ସରକାର ଜାତୀୟ ପ୍ରତିରକ୍ଷା ସୁନା ଯୋଜନା ଆରମ୍ଭ କରିଥିଲେ । ଖବର ଅନୁଯାୟୀ ନିଜାମ ଏହି ଯୋଜନାରେ ୪.୨୫ଲକ୍ଷ ଗ୍ରାମ ଅର୍ଥାତ୍ ୪୨୫କିଲୋଗ୍ରାମର ସୁନା ନିବେଶ କରିଥିଲେ । ତେବେ ଏହି କଥା ଲାଲ ବାହାଦୂର ଶାସ୍ତ୍ରୀଙ୍କ ଭାଷଣରେ ମଧ ଉଲ୍ଲେଖ କରାଯାଇଛି। ୧୧ ଡିସେମ୍ବର ୧୯୬୫ରେ ଯେତେବେଳେ ଲାଲ ବାହାଦୂର ଶାସ୍ତ୍ରୀ ହାଇଦ୍ରାବାଦ ଆସିଥିଲେ, ସେତେବେଳେ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ ନିଜାମ । ଆଉ ସେହିଦିନ ଏକ ରାଲିରେ ଲାଲ ବାହାଦୂର ଶାସ୍ତ୍ରୀ ନିଜାମ ମିର ଓସମାନ ଅଲି ଖାନଙ୍କୁ ସୁନା ନିବେଶ ଯୋଗୁଁ ଅଭିନନ୍ଦନ ଜଣାଇଥିଲେଚ ସୂଚନାନୁସାରେ, ସେତେବେଳେ ସେହି ସୁନା ଦାମ୍ ପ୍ରାୟ ୫୦ ଲକ୍ଷ ଟଙ୍କା ଥିଲା। ନିଜାମ ମିର ଓସମାନ ଅଲି ଖାନଙ୍କୁ ଭାରତର ପ୍ରଥମ ବିଲିୟନେୟାର ମଧ କୁହାଯାଏ । ୧୯୧୧ ମସିହାରେ ମାତ୍ର ୨୫ ବର୍ଷ ବୟସରେ ନିଜାମ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଓସମାନ ଅଲି । ସେତେବେଳର ମୋଟ ସମ୍ପତ୍ତି ଆମେରିକା ଜିଡିପିର ଦୁଇ ପ୍ରତିଶତ ସହିତ ସମାନ ଥିଲା।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା,୯।୩(ନିପ୍ର): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଦୌରା ଜଜଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୮୦୮୮ଟି ମାମଲା ମଧ୍ୟରୁ ୧୩୮୮ଟି ମାମଲାର ଆପୋଷ ବିଚାର ହୋଇ ୩କୋଟି ୬୧ଲକ୍ଷ ୫୮ହଜାର ୭୮୬ଟଙ୍କା ଆଦାୟ ପାଇଁ ଧାର୍ଯ୍ୟ ହୋଇ ସମାଧାନ କରାଯାଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି ଲିଟିଗେଶନ ସମ୍ବନ୍ଧୀୟ ୬୪୧୭ ଟି ମାମଲା ମଧ୍ୟରୁ ୫୭୯୨ ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୬୨୫ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇ ମୋଟ ୧ କୋଟି ୭୮ଲକ୍ଷ ୬୪ ହଜାର ୯୮୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେଶ ୧୯, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୯ ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୩ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୬ଟି, ବୈବାହିକ ସମ୍ବନ୍ଧୀୟ ୭ଟି, ରାଜସ୍ୱ ମାମଲା ୭୧୨ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୩୬ ଟିକୁ ମିଶାଇ ମୋଟ ୯୩୬ଟି ମାମଲା ଫଇସଲା କରାଯାଇ ମୋଟ ୧କୋଟି ୮୨ଲକ୍ଷ ୯୩ ହଜାର ୭୯୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଏହି ଦୁଇ ବର୍ଗର ମୋଟ ୮୦୮୮ ମାମଲା ମଧ୍ୟରୁ ୧୩୮୮ଟି ମାମଲା ଫଇସଲା କରାଯାଇ ମୋଟ ୩,୬୧,୫୮,୭୮୬ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ସୂଚିତ ହୋଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ମିସ୍ ଶିବାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଫାମିଲି କୋର୍ଟ ଜଜ ବିରଞ୍ଚି ନାରାୟଣ ମହାନ୍ତି, ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ସୁରେଶ ଚନ୍ଦ୍ର ପ୍ରଧାନ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଡ଼.ଦୀପକ ରଞ୍ଜନ ସାହୁ, ସିନିୟର ସିଭିଲ ଜଜ ସୁଦାମ ଚରଣ ଦାସ, ସିନିୟର ସିଭିଲ ଜଜ ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ସିଭିଲ ଜଜ କୈଳାଶ ସାହୁ , ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ ବିଶ୍ୱକଳ୍ପିତା ମହାନ୍ତି, ଏସଡିଜେଏମ ସୁବାସିନୀ ବେହେରା ଓ ଜେଏମଏଫସି ଜଜ ଜରିନ ଖାନଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ/ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଭାରପ୍ରାପ୍ତ ରେଜିଷ୍ଟ୍ରାର କୈଳାଶ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳାର ସହିତ ସୁଚାରୁ ରୂପେ ଅନୁଷ୍ଠିତ ହୋଇ ଥିଲା।

# ଶିକ୍ଷକ ମହାସଂଘ ପକ୍ଷରୁ ସହିଦ ଦିବସ ପାଳିତ



ନୟାଗଡ଼,୯।୩(ନିପ୍ର): ଶିକ୍ଷକମାନଙ୍କ ବିଭିନ୍ନ ଦାବି ନେଇ ୧୯୭୮ ମସିହା ମାର୍ଚ୍ଚ ୯ ତାରିଖରେ ଭୁବନେଶ୍ୱରଠାରେ ଶିକ୍ଷକ ମହାସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲାରୁ ବିଭିନ୍ନ ବର୍ଗର ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହେବାକୁ ବସ ଯୋଗେ ଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଟିକାତାଳ ଠାରେ ଦୁର୍ଘଟଣାରେ ଶିକାର ହୋଇ ମୋଟ ୬ଜଣ ଶିକ୍ଷକ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ନୟାଗଡ଼ ଜିଲ୍ଲାର ୪ଜଣ ଶିକ୍ଷକ। ନୟାଗଡ଼ ମହାବିଦ୍ୟାଳୟର ଶିକ୍ଷକ କାହ୍ନୁ ଚରଣ ପଟ୍ଟନାୟକ, ଦଶପଲ୍ଲା ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ପଟ୍ଟନାୟକ, ସହକାରୀ ଶିକ୍ଷୟିତ୍ରୀ ଚାରୁଲତା ପଟ୍ଟନାୟକ ଏବଂ ଶାନ୍ତିଲତା ମହାରଣା ପ୍ରାଣ ହରାଇଥିଲେ । ଶିକ୍ଷକ ସମାଜ ପାଇଁ ପ୍ରାଣବଳି ଦେଇ ସହିଦ୍ ହୋଇଥିବା ଏହି ଶିକ୍ଷକ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୯ ତାରିଖକୁ ସମଗ୍ର ରାଜ୍ୟରେ ଶିକ୍ଷକ ସହିଦ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ପୂର୍ବାହ୍ନରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଶିକ୍ଷକ ସ୍ମୃତିସ୍ତମ୍ଭ ନିକଟରେ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ମୃତି ସଭାରେ ଶିକ୍ଷା ସଂଗ୍ରାମର ସଂଗଠକ ବିଶ୍ୱନାଥ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଅନାଦି ଚରଣ ମହାନ୍ତି, ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅଯୋଧ୍ୟାନାଥ ନାୟକ, ସମ୍ପାଦକ ପରମାନନ୍ଦ ଦଳେଇ, ରାଜ୍ୟ ସଂଯୋଜକ ମାଣିକେଶ୍ୱର ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ସଭାପତି କିଶୋର ପରମଗୁରୁ, ଅଧ୍ୟାପକ କେଶବ ରାଉତରାୟ, ଦିଲିପ ମିଶ୍ର, ବ୍ରଜବନ୍ଧୁ ବେହେରା, ସ୍ୱିତା ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୟ ମଲ୍ଲିକ, ଶିକ୍ଷକ ଲକ୍ଷ୍ମୀଧର ସାହୁ, ପ୍ରଦୀପ କୁମାର ଡାକୁଆ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ଆନ୍ଦୋଳନର ଗୌରବମୟ ଇତିହାସକୁ ରୋମାନ୍ଥନ କରିବା ସହ ଆଗାମୀ ପିଢ଼ି ଏହି ଦୃଢ଼ ଭିତ୍ତିଉପରେ ଶକ୍ତିଶାଳୀ ଶିକ୍ଷା ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ।

# ଶିଶୁ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା





ବାରିପଦା,୯।୩(ନିପ୍ର): ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧିନରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାବ ସିନ୍ଧେ ଉପସ୍ଥିତ ରହି ହିତାଧିକାରୀଙ୍କୁ ଡୋମି ଚେକ ମାଧ୍ୟମରେ ଉକ୍ତ ସହାୟତା ପ୍ରଦାନ କରିଥିଲେ । ଏହି ଯୋଜନା ଅଧିନରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଶିଶୁ ମାନଙ୍କୁ ଯେଉଁ ମାନେ ବୈଷୟିକ ଶିକ୍ଷା ଗ୍ରହଣ କରୁଛନ୍ତି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ ରାଶି ସିଧା ସଳଖ ପାଠ ପଢୁଥିବା ଅନୁଷ୍ଠାନକୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୨୦୨୩ ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମଧ୍ୟ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସୁରକ୍ଷା ଅଧିକାରୀ ଆମର କୁମାର ଦେ , ପରାମର୍ଶଦାତା ଦିଲୀପ କୁମାର ପଣ୍ଡା, କୋଷାଧକ୍ଷ ବ୍ରଜ କିଶୋରେ ଖୁଣ୍ଟିଆ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ଓଷ୍ଟା ପକ୍ଷରୁ ସଂକଳ୍ପ ସମାବେଶ




ବଲାଙ୍ଗୀର,୯।୩(ନିପ୍ର): ଜିଲ୍ଲା ସାମ୍ବାଦିକ ଭବନଠାରେ ଓଷ୍ଟା ବଲାଙ୍ଗୀର ଶାଖା ପକ୍ଷରୁ ଏକ ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଅବନୀ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ, ସମ୍ପାଦକ କୁଶଧ୍ୱଜ ସାହୁ, ରାଜ୍ୟ ଉପ-ସଭାପତି ସୁଧିର କୁମାର ନାଏକ କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ ଓ ସହ ସମ୍ପାଦକ ଅନିଲ ସାହୁ ମଂଚାସିନ ଥିଲେ । ୧୯୪ ସ୍କୁଲ ଗୁଡିକୁ ଅନୁଦାନ ଦେବା, ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲର ଶିକ୍ଷକମାନଙ୍କୁ ପେନସନ ଓ ଅବସରକାଳିନ ସୁବିଧା, ସମସ୍ତ ବିଦ୍ୟାଳୟମାନଙ୍କୁ ସରକାରୀ କଳନ, ୬୦ ବୟସ ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଖାଲି ପଡିଥିବା ପଦବୀ ପୁରଣ, କୋର୍ଟ ରାୟକୁ କାର୍ଯ୍ୟକାରୀ କରିବା ଓ ଅନ୍ୟାନ୍ୟ ସୁବିଧା ଗୁଡିକ କାର୍ଯ୍ୟକରି କରିବା ପାଇଁ ବଲାଙ୍ଗୀର ଜିଲ୍ଲା ଓଷ୍ଟା ଦାବି ଜଣାଇଛି । ଅନ୍ୟ ପକ୍ଷରେ ଏହି ଦାବି ଗୁଡିକୁ ସରକାର ତୁରନ୍ତ ଦାବି ପୁରଣ କରନ୍ତୁ । ନଚେତ ସଂକଳ୍ପ ସମାବେଶରେ ଚରମ ନିଷ୍ପତ୍ତି ନେବାକୁ ସମସ୍ତ ଶିକ୍ଷକ ବାଧ ହେବେ । ମାଟ୍ରିକ ଖାତା ମୂଲ୍ୟାୟନ କାର୍ଯ୍ୟକୁ ବର୍ଜନ କରିବା ସହିତଆଗାମୀ ନିର୍ବାଚନ ପରିଚାଳନା କାର୍ଯ୍ୟରେ ସହ ଯୋଗ କରିବେ ନାହିଁ ବୋଲି ଆଜିର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି । ଅମୁଲ୍ୟ ବେହେରା, ସଞ୍ଜିବ ହୋତା, ଶଙ୍କର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ଗୋବର୍ଦ୍ଧନ ସାହୁ, ରସାନନ୍ଦ ମହାପାତ୍ର,ସାରଥୀ ସାହୁ, ମଦନ ରଥ, ଜଗନ୍ନାଥ ସାହୁ, ସାଧନା ପଣ୍ଡା, ସଂଜିକ୍ତା ଚୋପଦାର, ଲବ ବିଶ୍ୱାଲ ପ୍ରମୁଖ ସହେଯାଗ କରିଥିଲେ ।

# ବିବାହ ଉତ୍ସବରେ ନବ ଦମ୍ପତିଙ୍କ ବୃକ୍ଷରୋପଣ ଓ ଅଙ୍ଗଦାନ ପଞ୍ଜିକରଣ



ନାଉଗାଁ ୯।୩ (ନିପ୍ର) ନାଉଗାଁ ବ୍ଲକ ସ୍ଥିତ ତିରୁଣା ପଞ୍ଚାୟତରେ ତେନ୍ତୋଇ ଗ୍ରାମର ବାଳକୃଷ୍ଣ ସାହୁ ଙ୍କ ପୁଅ ସୁନିଲ କୁମାର ସାହୁ ବୈଦିକ ରୀତିନୀତି ରେ ବାଲିକୁଦା ବ୍ଲକ ବରଗୁଡ଼ିପଡ଼ା ଗ୍ରାମ ର ନନ୍ଦକିଶୋର ସାହୁ ଙ୍କ ଝିଅ ରୋଜାଲିନ ସାହୁଙ୍କୁ ୨୮ତାରିଖରେ ବିବାହ ବନ୍ଧନ ରେ ଯୋଡି ହୋଇଥିଲେ। ଏହି ବିବାହରେ ବର ହୋଇ ଯାଇଥିବା ସୁନିଲ ବାଜା ବାଣ ସହିତ ଏକ ନିଆରା ଆଦର୍ଶ ଢଙ୍ଗ ରେ ବିବାହ ବରଯାତ୍ରୀ ଯିବା ବେଳେ ଏକ ଭିନ୍ନ ଢଙ୍ଗରେ ପାଳନ କରିଥିଲେ। ପ୍ରତେକ ଙ୍କ ଘରେ ୨୦୦ ରୁ ଉର୍ଦ୍ଧ୍ବ ଆମ୍ବ,ନିମ୍ବ,ବେଲ ପ୍ରଭୃତି ଚାରା ବଣ୍ଟନ କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବାକୁ ନିବେଦନ କରିଥିଲେ। ବିବାହ ଭୋଜି ରେ ଉଭୟ ଦମ୍ପତି ସମାଜସେବା ରେ କିଛି କରିବା ସହିତ ମୃତ୍ୟୁ ପୂର୍ବରୁ ଶରୀର କୁ ଦାନ କରିବା ପାଇଁ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିକଟ ରେ ଜୀବନ ପରେ ବଞ୍ଚିବାର ସୁଯୋଗ ଅଙ୍ଗଦାନ କରି ଅନ୍ୟ ର ଜୀବନ ବଞ୍ଚାଇବା ପାଇଁ ନାମ କୁ ପଞ୍ଜୀକରଣ କରିଛନ୍ତି। ଲିଭର,କିଡ଼ନୀ,ହାର୍ଟ,ଲଙ୍ଗସ ପ୍ରଭୃତି ଶରୀର ର ଅଙ୍ଗପ୍ରତ୍ୟଙ୍ଗ ମୃତ୍ୟୁ ପରେ ଡାକ୍ତର ବିଶେଷଜ୍ଞ ଙ୍କ ଦ୍ବାରା ଚିକିତ୍ସା ଉଦେଶ୍ୟ ରେ ମୋ ଶରୀର ରୁ ଅଙ୍ଗ ଗୁଡିକ ଅପସରଣ କରିବାକୁ ମୁଁ ଅନୁମତି ପ୍ରଦାନ କରୁଛି। ଏକ ଚୁକ୍ତି ପତ୍ର ନବ ଦମ୍ପତି ରାଜିନାମା କରିଛନ୍ତି। ତାଙ୍କ ପରିବାର ଲୋକେ ଏହାକୁ ପ୍ରଶଂସା କରିବା ସହିତ ସମର୍ଥନ କରିଛନ୍ତି। ମୃତ୍ୟୁ ପରେ ଶରୀର ଯଦି କୌଣସି ବ୍ୟକ୍ତି ର ଜୀବନ କୁ ବଞ୍ଚାଇ ପାରିଲା ଏହା ଆମପାଇଁ ଓ ସମାଜ ପାଇଁ ଏକ ମହାନ ସେବା ହେବ ବୋଲି କହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲ ରେ ପ୍ରଶଂସା ଓ ଶୁଭେଚ୍ଛା ଛୁଟିଛି।

# ଗଳ୍ପ ସଙ୍କଳନ 'ପ୍ରତୀକ୍ଷା' ଓ କବିତା ସଙ୍କଳନ 'ସୁମନ' ଲୋକାର୍ପିତ



ଜୟପୁର,୯।୩(ନି ପ୍ର):ଜାନକୀ ପାଣିଗ୍ରାହୀଙ୍କ ଦୁଇଟି ପୁସ୍ତକ ଗଳ୍ପ ସଙ୍କଳନ ପ୍ରତୀକ୍ଷା ଏବଂ କବିତା ସଙ୍କଳନ ସୁମନ ର ଲୋକାର୍ପଣ ଜୟପୁର ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ହୋଇଯାଇଛି । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯଜ୍ଞେଶ୍ୱର ପଣ୍ଡା, ଅତିଥି ଆମନ୍ତ୍ରଣ ଏବଂ ପରିଚୟ ପ୍ରଦାନ କରିଥିଲେ କବିତା ମଞ୍ଜରୀ ପଲେଇ । ପ୍ରଦୀପ ପ୍ରଜ୍ୱଳନ ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଆଦର୍ଶ ଅଭିଳାଷ ପଲେଇ, ପ୍ରିୟଦର୍ଶିନୀ ମହାପାତ୍ର ଏବଂ ଜୟଶ୍ରୀ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜାନକୀ ପାଣିଗ୍ରାହି ପୁସ୍ତକ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ସଭାପତିତ୍ୱ ଶ୍ରୀନାଥ ମିଶ୍ର କରିଥିଲେ ।ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଅତିଥି ଭାବେ ନଳିନୀ ରଞ୍ଜନ ମିଶ୍ର,ଚନ୍ଦ୍ରକାନ୍ତ ବିଶ୍ୱାଳ, ଉଦୟଶଙ୍କର ଜାନି, ପ୍ରକାଶ ଦାଶ ଏବଂ ବିଜୟ ଲକ୍ଷ୍ମୀ ପାଣିଗ୍ରାହି ଉପସ୍ଥିତ ଥିଲେ। ହରିହର କରସୁଧା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।ଏହିଅଧିବେଶନ ଶେଷରେ ବୈରାଗୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତି ଥିଲେ ହରିହର କରସୁଧା ପଟ୍ଟନାୟକ । ଅତିଥି ଆମନ୍ତ୍ରଣ ଏବଂ ପରିଚୟ ପ୍ରଦାନ କରିଥିଲେ ଜାହ୍ନବୀ ପଣ୍ଡା।ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଡ.ସୁରେଶ ଦାଶ, ଡ. ମନୋରଞ୍ଜନ ପ୍ରଧାନ। ସମୀକ୍ଷକଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ ଅଶୋକ ମହାରଣା ଏବଂ ରୂପ ଚନ୍ଦ୍ର ସୋରେନ, ଡ. ମନୋରଂଜନ ପ୍ରଧାନ। ଝୁନୁ ପଣ୍ଡା,ସନ୍ତୋଷ କୁମାର ସାହୁ,ସନ୍ଧ୍ୟା ସାହୁ, କବିତା ସାହୁ,ମମତା ମହାପାତ୍ର,ତପନ କିରଣ ତ୍ରିପାଠୀ,କୃଷ୍ଣ ଚନ୍ଦ୍ର ହୋତା,ନୃସିଂହ ପ୍ରସାଦ ଷଡ଼ଙ୍ଗୀ , ମଧୁସୂଦନ ମିଶ୍ର,ଶୋଭାଗିନି ନନ୍ଦ, ସରସ୍ୱତୀ ସାହୁ,ମମତା ମହାପାତ୍ର କବିତା ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅବିନାଶ ସନ୍ତ୍ରାପାତ୍ର ।ଜୟନ୍ତୀ ସାହୁ,ବାସନ୍ତୀ ମିଶ୍ର,ଉଷା ରାଣୀ ମହାପାତ୍ର , ଦୁଲାରୀ ଭଞ୍ଜ, କନକଲତା ରଥ, ସରସ୍ୱତୀ ମହାପାତ୍ର,ପ୍ରକାଶ ମହାନନ୍ଦିଆ,ନରସିଂହ ପାଣିଗ୍ରାହି, ଅନୁସୁୟା ସାମନ୍ତରାୟ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଅଶୋକ କୁମାର ପଲେଇ।

# ମହାଶିବରାତ୍ରି ଅବସରରେ ସମ୍ବର୍ଦ୍ଧନା ଉତ୍ସବ





ବାରିପଦା,୯।୩(ନିପ୍ର): ପବିତ୍ର ମହାଶିବରାତ୍ରି ଅବସରରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ ନଂ ୱାର୍ଡର ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ମହାଦେବ ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁ ଅଖଣ୍ଡ ଦୀପ ଜାଳି ନିଜ ନିଜ ପରିବାରର ସୁଖ ମନାସିଛନ୍ତି। ଏହି ଅବସରରେ ଶହେ ବର୍ଷରୁ ଉର୍ଦ୍ଧ ଏହି ମନ୍ଦିରର ଏକଦା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱର୍ଗତ ନୀଳକଣ୍ଠ ବେହେରା, ଯାମିନୀକାନ୍ତ ମିଶ୍ର, ଅଜୟ କୁମାର ମିଶ୍ର, ସୁରେଶ ଚନ୍ଦ୍ର ଷଡଙ୍ଗୀ, ଅବନୀକାନ୍ତ ମିଶ୍ର, ପ୍ରଭାକର ଦାଶ, ପ୍ରଶାନ୍ତ ଦାଶ, ସୋମନାଥ ମିଶ୍ର ଓ ଶ୍ରୀନିବାସ କରଙ୍କ ସମେତ ୯ ଜଣଙ୍କ ଅବର୍ତ୍ତମାନରେ ସେମାନଙ୍କ ପରିବାରବର୍ଗଙ୍କୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ହାତରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା ଓ ବର୍ଷସାରା ମନ୍ଦିର ପ୍ରାଙ୍ଗଣରେ ଭାଗବତ ଟୁଙ୍ଗିଟିଏ କରି ଭାଗବତ / ପୁରାଣ ଆଲୋଚନା କରିଆସୁଥିବା କୈଳାଶ ଚନ୍ଦ୍ର ଆଚାର୍ଯ୍ୟ, ତିଲୋତ୍ତମା କର, ସୁଜାତା ମିଶ୍ର, ରେବତୀ ବେହେରା, ଜୟନ୍ତୀ ଷଡଙ୍ଗୀ, ସାବିତ୍ରୀ ବେହେରା, ଅନ୍ନପୂର୍ଣ୍ଣା ସେଠି ଓ ନିର୍ମଳା ଶତପଥୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବର୍ତ୍ତମାନ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କୈଳାଶ ଚନ୍ଦ୍ର ବେହେରା, ତପନ କୁମାର ଷଡଙ୍ଗୀ, ସତ୍ୟମ ଷଡ଼ଙ୍ଗୀ, ଦେବରାଜ ମିଶ୍ର, ବୈଦ୍ୟନାଥ ମିଶ୍ର, ଭବାନୀ ଶଙ୍କର କର, ଲିଙ୍ଗରାଜ ମିଶ୍ର ଓ ଦେବଦତ୍ତ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏହି ମନ୍ଦିର ସମେତ ବେଲଗଡ଼ିଆ ସ୍ଥିତ ପଞ୍ଚାନନ ମନ୍ଦିର ପରିସରରେ ଦୀପ ଜାଳୁଥିବା ସମସ୍ତ ମା ଭଉଣୀ ମାନଙ୍କୁ କାଉନସିଲର ଧୂପକାଠି ବଣ୍ଟନ କରିଥିଲେ ଓ ସମାଜସେବୀ ଅମର କୁମାର ସେଠି, ସୋମନାଥ ସିଂହ ଓ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଜଗଦୀଶ ପିସିସି ସାଧାରଣ ସଂପାଦକ ନିଯୁକ୍ତ



କୋରାପୁଟ,୯।୩(ନି ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋରାପୁଟ ଜିଲ୍ଲାର ତିନି ଜଣ କଂଗ୍ରେସ ନେତାଙ୍କୁ ସାଧାରଣ ସଂପାଦକ ଓ ସଂପାଦକ ପଦବୀରେ ନିଯୁକ୍ତ କରାଯାଇଛି। କୋରାପୁଟ ଜିଲ୍ଲା ପରିଷଦର ପୂର୍ବତନ ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଜଗଦୀଶ ଖୋସଲାଙ୍କୁ ସାଧାରଣ ସମ୍ପାଦକ ପଦରେ ନିଯୁକ୍ତ ଦିଆଯାଇଛି।ସେହିପରି ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗା ଶଙ୍କର ସାହୁଙ୍କୁ ସାଧାରଣ ସମ୍ପାଦକ ପଦରେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି।ଯୁବ ନେତା ରୂପକ ତୁରୁକଙ୍କୁ ସଂପାଦକ ପଦବୀରେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ନବ ନିଯୁକ୍ତ ସଧାରଣ ସମ୍ପାଦକ ଓ ସମ୍ପାଦକଙ୍କୁ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶଶୀ ଭୂଷଣ ପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ବିଶିଷ୍ଟ ଜାତୀୟ ସେବା ଶିବିର




ମୁନିଗୁଡ଼ା,୯।୩(ନିପ୍ର):ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଗୋବର୍ଦ୍ଧନ ଗ୍ରାମରେ ସାତ ଦିନିଆ ସେବା ଶିବିର ଆରମ୍ଭ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ହୃଷିକେଶ ଜାଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଅଧ୍ୟକ୍ଷ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟନ କରିଥିଲେ ପ୍ରାୟ ପଚାଶଜଣ ଛାତ୍ରଛାତ୍ରୀ ବା ସେବାଶିବିରାର୍ଥୀ ମାନଙ୍କୁ ପ୍ରେରଣା ପ୍ରଦାନ କରିବା ଶହ ଉତ୍ସାହିତ କରିଥିଲେ । ଏଥିଶହ ଗାଁ ଗହଳିର ଲୋକମାନଙ୍କ ସେବା ଯତ୍ନ କଲେ ଛାତ୍ର ଛାତ୍ରୀମାନଙ୍କର ଜୀବନ ଧନ୍ୟ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ପ୍ରାକ୍ତନ ସଂଯୋଜକ ସର୍ବଶ୍ରୀ ଅଧ୍ୟାପକ ଡ଼. ରାମନାଥ ମହାପାତ୍ର, ଅଧ୍ୟାପକ ବିରାଟ କିଶୋରେ ପଣ୍ଡା, ଅଧ୍ୟାପକ ରଜନୀ କାନ୍ତ ମିଶ୍ର, ଅଧ୍ୟାପକ ବିଶ୍ୱନାଥ ନାୟକ, ଅଧ୍ୟାପକ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଗ୍ରନ୍ଥଗାରିକ ବାଳକୃଷ୍ଣ ବାଣୁଆ ତଥା ଗ୍ରାମର ପ୍ରତିନିଧିଗଣ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରର ସଂଯୋଜକ ଅଧ୍ୟାପକ ଅସିତ କୁମାର ମହାନ୍ତି ଶିବିରର କାର୍ଯ୍ୟକ୍ରମ, ବାଲ୍ୟ ବିବାହ ରୋକିବା, ଫାଇଲେରିଆ ନିରାକରଣ, ଗ୍ରାମ୍ୟ ପରିମଳ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବ ଓ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ଇତ୍ୟାଦି ବିଷୟରେ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ ଏହି ସେବା ଶିବିରରେ ଗ୍ରାମର ଲୋକମାନେ ଯୋଗଦେଇ ଏହିଭଳି ଶିବିରର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

# ସ୍ୱର୍ଗତ ଗିରୀଶ୍ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ



ଠାକୁରମୁଣ୍ଡା,୯।୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସମାଜସେବୀ ପଦ୍ମଲୋଚନ ନନ୍ଦ ଓ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତଙ୍କ ଆୟୋଜନରେ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବହୁବର୍ଷ ଧରି ଶିକ୍ଷାଦାନ କରିଥିବା ଶିକ୍ଷକ ସ୍ୱର୍ଗତ ଗିରୀଶ୍ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି।ଏହି ଅବସରରେ ସମାଜସେବୀ ପଦ୍ମଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେମୁଖ୍ୟ ଅତିଥି ଭାବେ ସ୍ୱର୍ଗତ ଗିରୀଶ୍ ସାର୍ଙ୍କ ପୂର୍ବତନ ଛାତ୍ର ତଥା ଟେଲିକମ୍ୟୁନିକେଶନ୍ ବିଭାଗର ଅବସରପ୍ରାପ୍ତ କର୍ମଚାରୀ କରଞ୍ଜିଆର ହରେକୃଷ୍ଣ ମହାନ୍ତ,ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦେବାଶିଷ୍ ସାର୍ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରଥମେ ସ୍ୱର୍ଗତ ଗିରୀଶ୍ ସାର୍ଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ ଉପସ୍ଥିତ ସମସ୍ତେ ସାର୍ଙ୍କ ଫୋଟ ଚିତ୍ରରେ ଧୂପଦୀପ ପ୍ରଦାନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତେ ସାର୍ଙ୍କ ସୁଗୁଣାବଳର ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବାରିକ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

# ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ପାରଳାଖେମୁଣ୍ଡି,୯।୩ ( ନିପ୍ର) ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ ଆନନ୍ଦ ଙ୍କ ଅଧ୍ୟକ୍ଷତାରେ ସହକାରୀ ବନ ସଂରକ୍ଷକ ଅରୁଣ କୁମାର ସାହୁ, ଦେବଗିରି ବନାଞ୍ଚଳ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ବନପାଳ ଭେଙ୍କଟ ରମଣ, ସନ୍ତୋଷ କୁମାର ପରିଛା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା, ରକ୍ଷଣା ବେକ୍ଷଣ, ଜଙ୍ଗଲ ନିଆଁ କ୍ଷେତ୍ରରେ ବନ ବିଭାଗର ଉଲ୍ଲେଖନୀୟ ଅବଦାନ ଥିବା ବନପାଳ ଶିବାନୀ ଗୌଡ, ବନରକ୍ଷୀ ସୁମିନା ଗମାଙ୍ଗ, ବର୍ଷାରାଣୀ ପଟ୍ଟନାୟକ, କବିତା କାର୍ଜୀ, ସୁମିତ୍ରା ପ୍ରଧାନ, ଦମୟନ୍ତୀ ଗୌଡ, ପ୍ରିୟଙ୍କା ବେହେରଦଳେଇ, ପ୍ରିୟଦର୍ଶିନୀ ସ୍ବାଇଁ ଙ୍କୁ ପାରଳାଖେମୁଣ୍ଡି ବନଖଣ୍ଡ ତରଫରୁ ବନଖଣ୍ଡ ଅଧିକାରୀ ଶ୍ରୀ ଏସ ଆନନ୍ଦ ସମ୍ମାନିତ କରିଥଲେ। ଲୋକ ମାନଙ୍କ ର ଅଧିକ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ସେ ବିଜେତା ମାନଙ୍କୁ ଅନୁରୋଧ କରିଥଲେ ଏବଂ ସେମାନଙ୍କୁ ସେବା କରୁଥିବା ଲୋକଙ୍କ ପାଇଁ ପ୍ରେରଣା ବୋଲି ମଧ୍ୟ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବନରକ୍ଷୀ ପ୍ରସାଦ ନାୟକ, ଜଙ୍ଗଲ ସୁରକ୍ଷା କର୍ମୀ ଆକାଶ ପଧାନ ଉପସ୍ଥିତ ରହି ସହଯୋଗ କରିଥଲେ ।

# ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର



ଠାକୁରମୁଣ୍ଡା,୯।୩(ନି.ପ୍ର):ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଠାରୁ ୧ କିମି ଦୂର ୫୩ ନଂ ରାଜ୍ୟ ରାଜପଥ ଠାକୁରମୁଣ୍ଡା - କରଞ୍ଜିଆ ରାସ୍ତା ଜୁଆଳିକଟା ବାଙ୍କ ନିକଟରେ ଅଜଣା ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସୁଚନା ଅନୁଯାୟୀ ଚମକପୁର ଗ୍ରାମର ନବକିଶୋର କୁଲାପଡିଆ(୫୫) ଶନିବାର ସନ୍ଧ୍ୟା ରେ କୌଣସି କାମରେ ଜୁଆଳିକଟା ଯାଇ ନିଜ ଘରକୁ ଫେରୁଥିଲେ।ଚମକପୁର୍ ନିକଟସ୍ଥ ଜୁଆଳିକଟା ବାଙ୍କ ନିକଟରେ କୈଣସି ଏକ ବାଇକ୍ ନବକିଶୋର କୁ ଧକ୍କା ଦେଇ ଚାଲିଯାଇଥିଲା। ନବକିଶୋର ରାସ୍ତା ପାର୍ଶ୍ବରେ ଅଚେତ ଅବସ୍ଥାରେ ପଡ଼ିରହିଥିଲେ।ଘଟଣାସ୍ଥଳ ରେ ବାଇକ୍ ର ଇଣ୍ଡିକେଟର୍ ଭାଙ୍ଗି ପଡିଥିବା ବେଳେ ଅନ୍ଧାରରେ ପଡିଥିବା ନବକିଶୋର କୁ ଗାଁ ପିଲା ମାନେ ଉଦ୍ଧାର କରି ଏକ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।ହେଲେ ନବକିଶୋର ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ କୁ ସ୍ଥାନାନ୍ତର କରାଯାଇଛି।

**ଅନୁଚିହ୍ନ**

ମୁକ୍ତି ଶାଶ୍ୱତ ଶାନ୍ତିର ଆଶ୍ରୟ ସ୍ଥଳ ।

# ମଣିଷଖିଆ କୁମ୍ଭୀର

ମଣିଷଖିଆ କୁମ୍ଭୀରଙ୍କ ଉତ୍ପାତ ବଢ଼ିଚାଲିଛି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରର ଦକ୍ଷିଣଭେଡ଼ା ଗ୍ରାମରେ ପତ୍ନୀଙ୍କ ସମ୍ମୁଖରୁ ତାଙ୍କର ୩୪ ବର୍ଷ ବୟସ୍କ ସ୍ୱାମୀଙ୍କୁ ଟାଣି ନେଇଛି କୁମ୍ଭୀର । ଗ୍ରାମଟି ଭିତରକନିକା ନ୍ୟାସନାଲ ପାର୍କ ଭିତରେ । ଏହା ଗତ ଶୁକ୍ରବାରର ଘଟଣା। ମୃତକ ନିମାଇଁ ମଲ୍ଲିକ ନଦୀରୁ ବାଲ୍ଟିରେ ପାଣି ଆଣି ତାଙ୍କ ପରିବା ଖେତରେ ମଡ଼ାଉଥିଲେ। ପାଣି ଆଣୁଥିବା ବେଳେ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ମଣିଷଖିଆ କୁମ୍ଭୀର ଆକ୍ରମଣରେ ଆଉ କେତେଜଣଙ୍କର ପ୍ରାଣ ଯାଇଛି। ୨୦୨୩ ଜୁଲାଇରେ ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇରେ ବ୍ରାହ୍ମଣୀ ନଦୀରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ କୁମ୍ଭୀର ଟାଣି ନେଇଥିଲା। ଜୁନ୍ ୨୯ରେ ମଧ ଘଗରାଡ଼ିହ ଗାଁରେ ଗଙ୍ଗାଧର ତରାଇ ନାମକ ଜଣେ ବ୍ୟକ୍ତିଙ୍କର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ହୋଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକର ନିମପୁର ଗ୍ରାମରେ ଗତବର୍ଷ ୧୪ ଜୁନ୍‌ରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ ଟାଣି ନେଇଥିଲା କୁମ୍ଭୀର। ଜୁନ୍‌ରେ ରାନଗର ବ୍ଲକ ଅନ୍ତର୍ଗତ ହଟିଆଗଡ଼ି ଗ୍ରାମରେ ଜଣେ ମହିଳା ସୀତା ଦାସ ମଧ କୁମ୍ଭୀର ଆକ୍ରମଣରେ

**୧୯୭୪ରେ କୁମ୍ଭୀରଙ୍କ ସଂଖ୍ୟା ଥିଲା ୯୬। ୨୦୨୪ରେ ଏହା ୧୮୧୧ରେ ପହଞ୍ଚିଛି। ଏହି ସଂଖ୍ୟା ସର୍ବାଧିକ। କାପାସିଟିଠାରୁ ଅଧିକ। ଗୋଟିଏ ଗୋଟିଏ କୁମ୍ଭୀରଙ୍କ ଲମ୍ବ ୨୩ ଫୁଟ।**

ଶୀକାର ହୋଇଥିଲେ। ଲଗାତାର ଏହିଭଳି ଘଟଣା ଘଟିଚାଲିଛି। ମଣିଷଖିଆ କୁମ୍ଭୀରଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଛି। ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟରେ କୁମ୍ଭୀରଙ୍କ ସଂଖ୍ୟାରେ ୧୮ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାଯାଇଛି। ପ୍ରାୟ ୧୮୦୦ରୁ ଅଧିକ କୁମ୍ଭୀର ଅଛନ୍ତି। ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ମଧ କୁମ୍ଭୀର ଆକ୍ରମଣର ସୂଚନା ରହିଛି।

୧୯୭୪ରେ କୁମ୍ଭୀରଙ୍କ ସଂଖ୍ୟା ଥିଲା ୯୬। ୨୦୨୪ରେ ଏହା ୧୮୧୧ରେ ପହଞ୍ଚିଛି। ଏହି ସଂଖ୍ୟା ସର୍ବାଧିକ। କାପାସିଟିଠାରୁ ଅଧିକ। ଗୋଟିଏ ଗୋଟିଏ କୁମ୍ଭୀରଙ୍କ ଲମ୍ବ ୨୩ ଫୁଟ, ଏକ ଜୀବନ୍ତ ମଣିଷକୁ ଟାଣି ନେଇ ପାଟିରେ ପୂରାଇ ଦେବା ପାଇଁ ଯଥେଷ୍ଟ। ରିପୋର୍ଟ ଅନୁଯାୟୀ, ୨୦୧୩ରୁ ୫୦ରୁ ଅଧିକ ଲୋକଙ୍କୁ ଟାଣିନେଲେଣି ମଣିଷଖିଆ କୁମ୍ଭୀର । ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ଡେରାଡୁନ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ବୈଜ୍ଞାନିକ ବି ସି ଚୌଧୁରୀ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାକୁ ପରାମର୍ଶ ଦେଇଛନ୍ତି। ୨୦୨୨ରେ ପ୍ରାୟ ୩୮ ଛୁଆ ଲୁଣିପାଣି କୁମ୍ଭୀରଙ୍କୁ ଭିତରକନିକା ଅଭୟାରଣ୍ୟର ଜଳଉତ୍ସଗୁଡ଼ିକରେ ଛାଡ଼ି ଦିଆଯାଇଥିଲା। ସେମାନଙ୍କ ବୟସ ୪ ବର୍ଷ ଭିତରେ। ଜଳଉତ୍ସରେ ଛାଡ଼ି ଦିଆଯାଇଥିବା କୁମ୍ଭୀର ସବୁ ପ୍ରାୟ ୭୦ରୁ ୧୦୦ କିମି ଦୂରତାରେ ଏତେତେଣେ ବ୍ୟାପି ଯାଇଛନ୍ତି। ସେମାନଙ୍କ ଉପସ୍ଥିତି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଭିତରକନିକାର ଡାଙ୍ଗମାଳରେ ଚାଲିଛି କୁମ୍ଭୀର ବ୍ରିଡ଼ିଂ ପ୍ରୋଗ୍ରାମ। ଏହି ପ୍ରୋଗ୍ରାମ ଏବେ ବନ୍ଦ ରହିଥିବା ଜଣାପଡ଼ିଛି। କେବଳ ଏହି ପ୍ରୋଗ୍ରାମ ନୁହେଁ, ଛୁଆ କୁମ୍ଭୀରଗୁଡ଼ିକୁ ମଧ ଆଉ ଜଳଉତ୍ସଗୁଡ଼ିକରେ ନଛାଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଅନ୍ତତଃପକ୍ଷେ ବର୍ତ୍ତମାନ ପାଇଁ ଏହା ବନ୍ଦ ରହୁ।

# ଆଶା ଉଜ୍ଜୀବିତ ରହିଛି

ଭାରତ ୨୦୩୬ ଅଲିମ୍ପିକ୍ସର ଆୟୋଜକ ରାଷ୍ଟ୍ର ହେବା ପାଇଁ ଚାହୁଁଛି। ଏଥିପାଇଁ ତା'ର ଦାବି ଓ ପ୍ରସ୍ତାବ ମଧ ଜଣାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ, ଭାରତର ଏହି ଆଶା ଉଜ୍ଜୀବିତ ରହିଛି। ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟି (ଆଇଓସି) ସହ ଏନେଇ ମଧ ଆଲୋଚନା ଜାରିରହିଛି। ଇଣ୍ଡିଆନ ଅଲିମ୍ପିକ ଆସୋସିଏସନ (ଆଇଓଏ) ଲଗାତାର ଏହି କାର୍ଯ୍ୟ ଜାରିରଖିଛି। ନିକଟରେ ଆଇଓସି ସହ ହୋଇଥିବା ଆଲୋଚନା ସକରାତ୍ମକ ହୋଇଥିବା କହିଛନ୍ତି କ୍ରୀଡ଼ା ମନ୍ତ୍ରୀ। ୨୦୩୬ରେ ଏହି ମର୍ଯ୍ୟାଦାଜନକ କ୍ରୀଡ଼ା ମହାକୁମ୍ଭ କାହିଁକି ଭାରତରେ ଅନୁଷ୍ଠିତ ହେବା ଉଚିତ ଏହାର ବିଭିନ୍ନ ଆଦର୍ଶଗତ ଦିଗଗୁଡ଼ିକ ଉପରେ ଆଲୋକପାତ କରାଯାଇଛି। ଅନରାଗ ଠାକୁର ମଧ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ (୨୦୨୪)ରେ ଭାରତ ଖୁବ୍ ଭଲ କରିବ ବୋଲି କହିଛନ୍ତି। ୨୦୨୨ ଏସିଆନ ଗେମ୍ସରେ ଭାରତ ପ୍ରଥମଥର ପାଇଁ ୧୦୦ ମେଡ଼ାଲ-ମାର୍କ ଅତିକ୍ରମ କରିଥିଲେ। ଏହି ସଫଳତା ଭାରତୀୟ କୀଡ଼ାବିତ୍‌ଙ୍କୁ ଆହୁରି ଉତ୍ସାହିତ କରିଛି। ସେମାନଙ୍କ ଆତ୍ମବିଶ୍ୱାସ ମଧ ବଢ଼ାଇଛି। କ୍ରୀଡ଼ାବିତ୍‌ଙ୍କ ପ୍ରସ୍ତୁତିକୁ ସହାୟତା ଯୋଗାଉଛି 'ଟାର୍ଗେଟ ଅଲିମ୍ପିକ ପୋଡ଼ିୟମ ସ୍କିମ୍ (ଟିଓପିଏସ୍)' ଏବଂ 'ଆନୁଆଲ କ୍ୟାଲେଣ୍ଡର ଫର୍ ଟେନିଂ ଆଣ୍ଡ୍ କମ୍ପିଟିସନ (ଏସିଟିସି)'।

# ଆୟୁଷ ସ୍ୱାସ୍ଥ୍ୟ ସେବା

**ଡାକ୍ତର ଦୀନବନ୍ଧୁ ମହାରଣା**

ଆୟୁର୍ବେଦ ଏକ ପ୍ରାଚୀନ ଚିକିତ୍ସା ପଦ୍ଧତି, ଯାହା ବର୍ଷ ବର୍ଷ ଧରି ଭାରତ ଓ ବିଦେଶରେ ଆଦର ଲାଭ କରିଛି । କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ମାନସିକ ସୁସ୍ଥତା ଓ ଆତ୍ମିକ ପରିପୂର୍ଣ୍ଣତା କିପରି ଲାଭ କରିହେବ, ସେସବୁର ପ୍ରାମାଣିକ ଉପସ୍ଥାପନାକୁ ଆୟୁର୍ବେଦର ମୂଳତତ୍ତ୍ୱ ଭାବେ ବର୍ଣ୍ଣନା କରାଯାଏ।

ଲୋକମାନଙ୍କ ମନରୁ ଆୟୁର୍ବେଦ ପ୍ରତି ଥିବା ସଂଶୟକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ଭାବେ ଉଦ୍ୟମ କରାଯାଉଛି। ଆୟୁର୍ବେଦ ତଥା ଆୟୁଷ ଔଷଧର ବୈଜ୍ଞାନିକ ପ୍ରମାଣ ନିମନ୍ତେ ଭାରତ ସରକାର ଯୋଜନା ପ୍ରସ୍ତୁତ କରି ତଦନୁଯାୟୀ କାର୍ଯ୍ୟ ଆରମ୍ଭ କରିବା ସହିତ ସମଗ୍ର ଦେଶରେ ଆୟୁଷ ହସ୍ପିଟାଲର ସଂପ୍ରସାରଣ ଓ ବହୁଳ ପ୍ରସାର ନିମନ୍ତେ ଅଧୁନା ପଦକ୍ଷେପ ନେଇଛନ୍ତି । ସମଗ୍ର ଭାରତବର୍ଷରେ ଏବେ ୩ ହଜାର ୮୪୪ଟି ଆୟୁଷ ହସ୍ପିଟାଲ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ପରିଚାଳନାରେ କାର୍ଯ୍ୟ କରୁଛନ୍ତି । ଏସବୁ ହସ୍ପିଟାଲରେ ସମୁଦାୟ ୬୦ ହଜାର ୯୪୩ଟି ଶଯ୍ୟା ରହିଛି ।

ଆୟୁଷ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଭାରତୀୟ ଜନସ୍ୱାସ୍ଥ୍ୟ ମାନକ ବା ଇଣ୍ଡିଆନ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡକୁ ଅନୁସରଣ କରି ଆୟୁଷ ହସ୍ପିଟାଲଗୁଡିକ କିପରି ଉଚ୍ଚମାନର ଆୟୁଷ ସ୍ୱାସ୍ଥ୍ୟସେବା ପରିସରକୁ ବୃଦ୍ଧି କରିପାରିବେ, ସେ ଦିଗରେ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶିକା ଜାରି କରିଛନ୍ତି । ଏହି ନିର୍ଦ୍ଦେଶିକା ବା ଗାଇଡ୍‌ଲାଇନ୍ ଅନୁସାରେ ୫ ହଜାର ଜନସଂଖ୍ୟା ପାଇଁ ଗୋଟିଏ ହସ୍ପିଟାଲ ଶଯ୍ୟା ନିହାତି ଆବଶ୍ୟକ ହେଉଥିବା ବେଳେ ପ୍ରତି ପ୍ରତି ୨୦୦୦ ଜନସଂଖ୍ୟା ପାଇଁ ଗୋଟିଏ ଶଯ୍ୟା ବାଞ୍ଛନୀୟ।

ସଂପ୍ରତି ଦେଶର ବିଭିନ୍ନ ସ୍ଥାନରେ ଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା ବା ଏମ୍ସ ହସ୍ପିଟାଲରେ ଆୟୁଷ ବିଭାଗ ଖୋଲାଯାଇଛି । ଏସବୁ ହସ୍ପିଟାଲରେ ଥିବା ଆୟୁଷ ବିଭାଗରେ ସମନ୍ୱିତ ସ୍ୱାସ୍ଥ୍ୟ ଚିକିତ୍ସା ସଂକ୍ରାନ୍ତ ଗବେଷଣା କେନ୍ଦ୍ର କାର୍ଯ୍ୟ କରୁଛି । ଏହି ଗବେଷଣା କେନ୍ଦ୍ରରେ ଅଳ୍ପ କେତୋଟି ରୋଗର ଆୟୁର୍ବେଦୀୟ ଔଷଧ ସଂପର୍କରେ ପ୍ରାଥମିକ ଭାବେ ଗବେଷଣା କରାଯାଇ ଔଷଧ ପ୍ରସ୍ତୁତି କରାଯିବ । ଏହାଦ୍ୱାରା ରୋଗର ନିରାକରଣ ପାଇଁ ବ୍ୟବହୃତ ଆୟୁର୍ବେଦ ଔଷଧ ବିଜ୍ଞାନସମ୍ମତ ହୋଇପାରିବ । ଏହି ଗବେଷଣା ଦ୍ୱାରା ଆୟୁର୍ବେଦ ଓ ଆଲୋପାଥି ଔଷଧ ମଧ୍ୟରେ ଦୂରତା ହ୍ରାସ ପାଇବ ଓ ଜନସାଧାରଣଙ୍କ ମନରୁ ଆୟୁର୍ବେଦ ପ୍ରତି ଥିବା ସଂଶୟ ଦୂର ହୋଇପାରିବ ।

ଡି.ଲିଟ୍ ପ୍ରାପ୍ତ ଆୟୁର୍ବେଦ ଗବେଷକ
୧୧୧, ମ୍ୟୁନିସିପାଲ ମାର୍କେଟ କମ୍ପ୍ଲେକ୍ସ ଓଏମପି ଛକ,
କଟକ, ମୋ-୯୪୩୭୦୪୩୧୦୩

# ରାମାୟଣରେ ଆଧାତ୍ମିକ ଓ ନୈତିକ ମୂଲ୍ୟବୋଧ

**ସୌର ଚନ୍ଦ୍ର ମହାପାତ୍ର**



**ନାରଦ ବାଲ୍ମୀକିଙ୍କୁ ପରିହାସ କରି ପଚାରିଲେ, ତୁମ କାବ୍ୟର ଅଯୋଧ୍ୟା କେଉଁଠି? ବାଲ୍ମୀକି ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ, ଶ୍ରୀରାମ ଯେଉଁଠି ଅଯୋଧ୍ୟା ସେଇଠି ।**

ନୈତିକ ମୂଲ୍ୟବୋଧ ଏବଂ ଚିରନ୍ତନ ସତ୍ୟର ଭିତ୍ତିଭୂମି ଉପରେ ରାମାୟଣ ରଚନା କରାଯାଇଛି। ରାମାୟଣ ରଚନା ହେବା ଦିନଠାରୁ ଏହାର ମୁଖ୍ୟ ଚରିତ୍ର ଶ୍ରୀରାମ ଏବଂ ଦେଶ ସୀତା ମାନବ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ପ୍ରଭାବିତ କରିଆସୁଛନ୍ତି। ଏହି ଦୁଇ ଚରିତ୍ରଙ୍କୁ ଆମେ ପରଂ ବ୍ରହ୍ମ ଭାବେ ସମ୍ମାନ ଏବଂ ଭକ୍ତି ଅର୍ପଣ କରିଆସୁଛୁ। ରାମାୟଣ ଆମକୁ ଏହି ଶିକ୍ଷା ଦେଇ ଆସିଛି ଯେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ ତାହାର ବିନାଶ ନିଶ୍ଚିତ ହେବ ଏବଂ ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ ଧର୍ମର ବିଜୟ ହେବ। ରାବଣ ଚରିତ୍ରରୁ ଏହି ଶିକ୍ଷା ମିଳିଛି।

ରାବଣ ପରମ ପରାକ୍ରମୀ ଏବଂ ମହାଶକ୍ତିଶାଳୀ। ଏଥିସହିତ ତା'ର ପାଣ୍ଡିତ୍ୟର ତୁଳନା ନଥିଲା। କଳା, ସଂସ୍କୃତି, ସାହିତ୍ୟ ଆଦି କ୍ଷେତ୍ରରେ ସେ ଥିଲା ଧୂରନ୍ଧର। ନିଜର ପରାକ୍ରମ ବଳରେ ସେ ତିନିଲୋକର ଅଧିପତି ହୋଇପାରିଥିଲା। ପ୍ରକୃତିକୁ ସେ ନିଜର ଦାସ କରିପାରିଥିଲା। ଦେବତାମାନଙ୍କୁ ନିଜର ସେବକ କରିଥିଲା। ଦଶଟି ଶକ୍ତିଶାଳୀ ମସ୍ତିଷ୍କର ଯେତିକି ଶକ୍ତି ତାହାର ଅଧିକାରୀ ସେ ଥିଲା। ନିଜର ସାଧନା ବଳରେ କୋଡିଏ ଜଣ ମହାପରାକ୍ରମୀ ଯୋଦ୍ଧାଙ୍କ ସାମର୍ଥ୍ୟର ଅଧିକାରୀ ମଧ ହୋଇପାରିଥିଲା। ତାଙ୍କର ଏହି ବିଭବ ଏବଂ ପରାକ୍ରମ କିନ୍ତୁ ଶ୍ରୀରାମଙ୍କ ନିକଟରେ ତୁଚ୍ଛ ହୋଇଗଲା। ଶ୍ରୀରାମ ନିଜର ବାନର ସେନା ସାହାଯ୍ୟରେ ରାବଣର ପ୍ରବଳ ଶକ୍ତିଶାଳୀ ରାକ୍ଷସ ବାହିନୀର ଅନ୍ତଃ କରିଥିଲେ। ଶିବ ଏବଂ ବ୍ରହ୍ମାଙ୍କଠାରୁ ରାବଣ ଯେଉଁସବୁ ବର ପ୍ରାପ୍ତି କରିଥିଲା ଯଦି ସେ ଚାହିଁ ଥାଆନ୍ତା ତେବେ ତାହାରି ବଳରେ ସେ ମାନବ ସମାଜର ବହୁ କଲ୍ୟାଣ କରିବା ସହିତ ଜଣେ ମହାନ ଶାସକର ମର୍ଯ୍ୟାଦା ଲାଭ କରିଥାଆନ୍ତା। ଇତିହାସ ଆଜି ତା'ର ଯଶଗାନ କରୁଥାଆନ୍ତା। ତାହା ନକରି ସେ ନିଜର ସ୍ୱାର୍ଥ ନିମନ୍ତେ ଦୈବୀ ଶକ୍ତିର ଅପବ୍ୟବହାର କରି ନିଜ ବଂଶ ନାଶର କାରଣ ହେଲେ। ଛଳ କରି ସୀତାଙ୍କୁ ଅପହରଣ କରିବା ଦ୍ୱାରା ତାଙ୍କର ସମସ୍ତ ସୁକର୍ମ ନଷ୍ଟ ହୋଇଗଲା। ନିଜର ଅଧର୍ମ କାର୍ଯ୍ୟ ଯୋଗୁ ତାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା।

ରାମାୟଣରେ ପରିବାରରେ ଥିବା ସଂପର୍କ, ବନ୍ଧୁତ୍ୱର ପରାକାଷ୍ଠା, ପତିପତ୍ନୀ ମଧ୍ୟରେ ଭଲପାଇବା, ଶାସକର ଧର୍ମ ଏବଂ ସମାଜରେ କିପରି ସୁସଂପର୍କ ପ୍ରତିଷ୍ଠା ହୋଇପାରିବ ତାହାର ବର୍ଣ୍ଣନା ଅତି ସୁନ୍ଦର ଭାବେ କରାଯାଇଛି। ରାମାୟଣ ରଚନା କରିବାପରେ ଭେଟିବା ପାଇଁ ଦେବର୍ଷି ନାରଦ ଆସିଥିଲେ। ଉଭୟ ରାମାୟଣ ସଂପର୍କରେ ଆଲୋଚନା କରୁଥିବାବେଳେ ପରିହାସ କରି ନାରଦ ପଚାରିଲେ, ତୁମ କାବ୍ୟର ଅଯୋଧ୍ୟା କେଉଁଠି? ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ ଶ୍ରୀରାମ ଯେଉଁଠି, ଅଯୋଧ୍ୟା ସେଇଠି। ପଣ୍ଡିତଙ୍କଠାରୁ ଆରମ୍ଭ କରି ନିରକ୍ଷର ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ରାମାୟଣକୁ ବୁଝିପାରନ୍ତି। ପତିପତ୍ନୀଙ୍କ ସଂପର୍କକୁ ରାମସୀତାଙ୍କ ସଂପର୍କ ସହିତ ତୁଳନା କରାଯାଏ। ବନବାସ ସମୟରେ ମା କୌଶଲ୍ୟା ରାମଙ୍କ ସହିତ ଯିବାକୁ ବାହାରିବାରୁ ଶ୍ରୀରାମ କହିଥବଲେ ମା', ତୁମର କର୍ତ୍ତବ୍ୟ ହେଉଛି ତୁମେ ତୁମର ସ୍ୱାମୀ ଦଶରଥଙ୍କ ପାଖରେ ବାସ କରିବ। ସୀତା ଠିକ ସେଇ କଥା ରାମଙ୍କୁ କହିଥିଲେ ଏବଂ ତାଙ୍କ ସହିତ ବନବାସରେ ଯାଇଥିଲେ। ସତ୍ୟନିଷ୍ଠ ରାମ ମନା କରିପାରିନଥିଲେ।

ଏ ସଂପର୍କରେ କୁହାଯାଇଛି ଯେ ବିଦ୍ୱାନ ବ୍ୟକ୍ତିମାନେ ଅଧ୍ୟୟନ ଏବଂ ଜ୍ଞାନର ବିତରଣରେ ସମୟ ଅତିବାହିତ କରନ୍ତି। ଅଧ୍ୟୟନ ପ୍ରତି ଆଗ୍ରହ ନଥିବା ବ୍ୟକ୍ତିମାନେ ଶୋଇରହି ସମୟ କାଟନ୍ତି। ଦୁଷ୍ଟ ଲୋକମାନେ ଅନ୍ୟର ଅପବାଦ କରି ତାହାର ପ୍ରସାର କରିବା ସହିତ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି। ତେଣୁ ଅପବାଦର ପ୍ରତିକାର କିପରି କରାଯାଇପାରିବ ଏହାର ଉତ୍ତର ଦେଇ କବି ଲେଖିଛନ୍ତି, ଏକମାତ୍ର ମାର୍ଗ ହେଉଛି ଗୁଜବ ଦ୍ୱାରା ପ୍ରଭାବିତ ନହେବା ନିମନ୍ତେ ନିଜକୁ ସବୁବେଳେ ସଜାଗ ରଖିବା ଅନେକ ସମୟରେ ନଚାହିଁକରି ମଧ ଆମେ ଗୁଜବର ଶୀକାର ହୋଇପଡୁ। ଏହା ଘଟିଲେ ଆମେ ତାହାର ପ୍ରତିବାଦ କରିବା ଏବଂ ତାହାର ବିନାଶ ନହେବା ପର୍ଯ୍ୟନ୍ତ ତାହା ବିରୋଧରେ ନୈତିକ ସଂଗ୍ରାମ ବଜାୟ ରଖିବା।

ଶ୍ରୀରାମଙ୍କ ଜୀବନରେ ଆଧାତ୍ମିକତା ଏବଂ ନୈତିକ ମୂଲ୍ୟବୋଧର ଏକ ଉତ୍ତମ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ। ଉତ୍ତମ ଚରିତ୍ର ବିନା ଆଧାତ୍ମିକ ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ନୁହେଁ ଏବଂ ନୈତିକ ଶୃଙ୍ଖଳା ନଥିଲେ ଉତ୍ତମ ଚରିତ୍ର ଗଠନ ସମ୍ଭବ ନୁହେଁ। ଧର୍ମରେ ଥିବା ନିୟମଗୁଡ଼ିକୁ ଶ୍ରୀରାମ ପାଳନକରି ନିଜକୁ, ନିଜର ଲୋକମାନଙ୍କୁ ଏବଂ ପ୍ରତ୍ୟେକଙ୍କୁ ବିଭିନ୍ନ କ୍ଷେତ୍ରରେ ରକ୍ଷା କରିଛନ୍ତି।

ରାମାୟଣରେ ତ୍ୟାଗ, ଭକ୍ତି, ନୈତିକ ମୂଲ୍ୟବୋଧ ଏବଂ ଆଧାତ୍ମିକତାର ଅପୂର୍ବ ସଂଗମ ହୋଇଥିବା ଆମେ ଦେଖିବାକୁ ପାଇଥାଉ। ଏହି କାରଣ ଯୋଗୁ ଶିରିଡ଼ିର ସାଇବାବା ସବୁବେଳେ ରାମ ବିଜୟ ପାଠ କରିବା ନିମନ୍ତେ ଭକ୍ତମାନଙ୍କୁ ପରାମର୍ଶ ଦେଉଥିଲେ। ରାମାୟଣ ହେଉଛି ଏକ ଜୀବନ କାବ୍ୟ।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୦୦୪୪୬୬

# କିମ୍ବଦନ୍ତୀରେ ସାନ୍ତାଳ ବାହା ପାରାବ୍

**ଦଶରଥ ହେମ୍ବ୍ରମ**

ଶୀତଋତୁ ଗଲା ପରେପରେ ଋତୁରାଜ ବସନ୍ତର ଆଗମନ ହେଉହେଉ ସାନ୍ତାଳ ଗ୍ରାମଗୁଡ଼ିକରେ ବାହା ପାରାବ୍/ବଙ୍ଗା ଚଳଚଞ୍ଚଳ ହୋଇଉଠେ। ପ୍ରକୃତିରାଣୀର ଅପୂର୍ବ ପ୍ରାକୃତିକ ପରିବେଶ ଭିତରେ ସବୁକିଛି ନୂଆ ନୂଆ ଲାଗିବା ସହିତ ଚାରିଆଡ଼େ ନୂତନ ବାସ୍ନାରେ ମହକି ଉଠେ। ପ୍ରକୃତି ଓ ମଣିଷ ଭଲ ପାଇବା ଡୋରିରେ ପରସ୍ପର ବାନ୍ଧି ହେଇଯାନ୍ତି। ବନ୍ୟଜନ୍ତୁ ଓ ପକ୍ଷୀମାନେ ବସନ୍ତର ବାସ୍ନାରେ ବିଭୋର ହୋଇ ନାଚ ଗୀତରେ ମାତିଯାଆନ୍ତି। ଖେତରେ ସୋରିଷ ଫୁଲ ମୃଦୁମଳୟର ସ୍ପର୍ଶରେ ମନକୁ ଆନ୍ଦୋଳିତ କରି ଶରୀରକୁ ପୁଲକିତ କରିଦିଏ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ କେତେବେଳେ ହଳଦିଆ ରଙ୍ଗରେ ରଙ୍ଗେଇଦିଏ ତାହା ଜଣା ପଡ଼େନାହିଁ। ଏମିତିକି ମହୁଲ ଫୁଲର ବାସ୍ନା ମନରେ ଥିବା ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ କେତେବେଳେ ଯେ ଦୂରକରି ଅପୂର୍ବ ଖୁସି ଆଣିଦେଇଥାଏ, ତାହା ମଧ ଜାଣିହୁଏନାହିଁ। ତେଣୁ ଯେଉଁଠି ବସନ୍ତ ଅଛି, ସେଠି ଦୁଃଖର ସ୍ଥାନ ନାହିଁ।

ଋତୁଚକ୍ରରେ ଫଗୁଣ ମାସରେ ବୃକ୍ଷରାଜି ପଲ୍ଲବିତ ହୋଇ ନବ କୁସୁମରେ ପରିପୂର୍ଣ୍ଣ ହୁଏ। ଫଳନ୍ତି ବୃକ୍ଷମାନଙ୍କରେ ନାନାଜାତିର ଫୁଲଫଳ ଖାଇବାର ପ୍ରକ୍ରିୟା ମଣିଷ ଆରମ୍ଭ କରିଦେଇଥାଏ। ସାନ୍ତାଳ ବିଧି ଅନୁସାରେ ବାହାପୂଜା ନହେବା ପର୍ଯ୍ୟନ୍ତ କେହି ଫୁଲ ତୋଳନ୍ତି ନାହିଁ କିମ୍ବା ଖାଇବାଯୋଗ୍ୟ ଜଙ୍ଗଲି ଫୁଲକୁ ମଧ କେହି ଖାଆନ୍ତି ନାହିଁ। ପ୍ରକୃତିମାତାର ଏହି ଉପହାରକୁ ବଙ୍ଗାମାନଙ୍କୁ (ଠାକୁର ଗୋସାଇଁ) ଅର୍ପଣ କରିବା ପରେ ହିଁ ସେମାନେ ବ୍ୟବହାର କରିଥାନ୍ତି। ତେବେ ଏହି ମାସରେ ବାହାଘର କରିବା ଅତ୍ୟନ୍ତ ଶୁଭଦାୟକ ହୋଇଥିବାରୁ ଘରର ପିତାମାତା ଓ ଅନ୍ୟାନ୍ୟ ଗୁରୁଜନମାନେ ପୁଅଘର ଏବଂ ଝିଅଘରକୁ ଯାଇ ଶୁଭଲଗ୍ନ ଦେଖି ପୁଅ-ଝିଅଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଥାନ୍ତି। ତେଣୁ ଫଗୁଣ ମାସର ଶୁକ୍ଳପକ୍ଷ (ମୁଲୁଗ୍ ମଣେ ମାହା)ରେ ବାହା ପାରାବ୍/ବଙ୍ଗା ଆୟୋଜନ କରାଯାଏ।

ବାହା ପାରାବ୍ ସାନ୍ତାଳମାନଙ୍କର ଏକ ପ୍ରମୁଖ ପୂଜା ପର୍ବ ଏହାକୁ ଓଡ଼ିଆରେ ଫୁଲପର୍ବ ମଧ କୁହାଯାଏ। ଫୁଲ ପାଇଁ ଯେଉଁ ପର୍ବ ପାଳନ କରାଯାଏ ତାହାକୁ ବାହା ପାରାବ୍ କୁହାଯାଏ। ଏହା ସାନ୍ତାଳମାନଙ୍କ ଦ୍ୱିତୀୟ ମୁଖ୍ୟ ପର୍ବ। ତେବେ ପ୍ରତି ସାନ୍ତାଳଗ୍ରାମରେ ବିଧି ଓ ତିଥି ଅନୁସାରେ ଏହି ପର୍ବ ଫଗୁଣ ମାସର ଶୁକ୍ଳପକ୍ଷଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ। ବାହା ପର୍ବ/ବଙ୍ଗା ଆରମ୍ଭ ହୁଏ ଉମ୍ ବା ସ୍ନାନରେ ଯାହାକୁ ବାହାବଙ୍ଗାର ପ୍ରଥମଦିନ ବୋଲି ବିବେଚନା କରାଯାଏ। ଏହାକୁ ଦେବସ୍ନାନ ମଧ କୁହାଯାଏ। ଗ୍ରାମବାସୀ ମିଶି ଜାହିରା ପୀଠରେ ଥିବା ଶାଳଗଛ ମୂଳରେ ଏକପାଖିଆ ଚାଳିଆ ପ୍ରସ୍ତୁତ କରିଥାନ୍ତି। ଏଥିରେ ତିନିଠାକୁର ରହନ୍ତି। ଅନ୍ୟ ଚାଳିଆଟି ମହୁଲ ଗଛ ମୂଳରେ ପ୍ରସ୍ତୁତ କରାଯାଏ। ସେଥିରେ ଗୋସାଇଁ ଏରା ପୂଜା ପାଆନ୍ତି। ପାଖାପାଖି ଅନ୍ୟାନ୍ୟ ବୃକ୍ଷମୂଳରେ ସୀମାଶାଳେବଙ୍ଗା ବାସକରନ୍ତି। ସେଠାରେ ମଧ ଗ୍ରାମବାସୀମାନେ ଚାଳିଆ ତିଆରି କରିଥାନ୍ତି। ତେବେ ଚାଳିଆ ତିଆରି କରିବା ପାଇଁ ଗ୍ରାମବାସୀଙ୍କୁ ରୀତିନୀତି ଓ ବିଧି ଅନୁସାରେ ନିଷ୍ଠାପର ରହିବାକୁ ପଡିଥାଏ। ଚାଳିଆ ନିର୍ମାଣ ସରିଲା ପରେ ଗାଁର ପୁରୋହିତ ଚଟାଣକୁ ଗୋବରରେ ଲିପି ସଫା କରନ୍ତି। ତା'ପରେ ଗ୍ରାମ ପୁରୋହିତ ଦେବତାମାନଙ୍କୁ ସ୍ନାନ କରିବା ସହିତ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା ତ୍ରିଶୂଳ, ଧନୁତୀର, ଟାଙ୍ଗୀ, କେନ୍ଦ୍ରା, ସିଙ୍ଗଶଙ୍ଖ, ବଇଁଶି ଆଦି ପାଣିରେ ଧୋଇ ସଫା କରିଥାନ୍ତି। ଗ୍ରାମବାସୀ ଏହି କାର୍ଯ୍ୟରେ ପୁରୋହିତଙ୍କୁ ସାହାଯ୍ୟ କରିଥାନ୍ତି। ପୁରୋହିତଙ୍କ ସମେତ ଚାଳିଆ ପ୍ରସ୍ତୁତ କରିଥିବା ଗ୍ରାମବାସୀ ଦିନସାରା ଉପବାସରେ ରହିଥାନ୍ତି।

ବାହାବଙ୍ଗାର ଦ୍ୱିତୀୟ ଦିନରେ ଭୋରରୁ ପୁରୋହିତ ଏବଂ ଉପପୁରୋହିତ ସ୍ନାନାଦି କାର୍ଯ୍ୟ ସମାପନ କରନ୍ତି। ଏହି ଅବସରରେ ଉପପୁରୋହିତ ପୂଜା ପାଇଁ ଘଟ ଆଣନ୍ତି ଏବଂ ପୁରୋହିତ ନୂଆ କୁଲାରେ ସମସ୍ତ ପୂଜା ସରଞ୍ଜାମ ସଜାଇ ଜାହିରା ପୀଠକୁ ଯାଆନ୍ତି। ପରେ ପରେ ଗ୍ରାମର ଅନ୍ୟମାନେ ପୁରୋହିତଙ୍କ ପଛେପଛେ ଜାହିରା ପୀଠକୁ ଯାଆନ୍ତି। ସେଠାରେ ଚାଳିଆ ତଳେ ପୂଜାପାଇଁ ଅରୁଆ ଚାଉଳ ତିଆରି ଚୂନାରେ ପୁରୋହିତ ଖଣ୍ଡ ପ୍ରସ୍ତୁତ କରନ୍ତି। ତା'ପରେ ଗ୍ରାମର ମୁଖ୍ୟ ଦେବତା ମାରାଂବୁରୁ, ଜାହେର୍ ଆୟୋ / ଜାହେର୍ ଏରା, ମଣେକ-ତୁରୁୟକ, ଲିଟା ଗୋସାଇଁ, ଶିକାରୀ ଦେବଦେବୀ, ରଙ୍ଗବୁଢ଼ୀ, କୃଷିଦେବୀ ଆଦିଙ୍କୁ ପୂଜା ଅର୍ପଣ କରାଯାଏ।

ଗ୍ରାମର ପୁରୋହିତ ଶାଳ, ମହୁଲ, ଚିଙ୍ଗୁଡ଼ି, ପଳାଶ ଫୁଲ ସହିତ ଆମ୍ବକଷି, ଆମ୍ବଡ଼ା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫୁଲଫଳକୁ ଜାହିରା ଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ତତ୍ ସଙ୍ଗେସଙ୍ଗେ ବଳି ପ୍ରଦାନକରି ଗୁହାରି କରିଥାନ୍ତି, ''ଜୁହାର୍ ଗୋସାଇଁ, ମା'ତବେ, ନଃଅୟ ବାହା ବଙ୍ଗା ଛୁତୁମ୍‌ତେ ଏମାମ୍ କାନ୍ ଚାଲାମ୍ କାନାଲେ, କୁସିତେ ରାସ୍କାତେ ଆତାଙ୍ଗ୍‌କାଃ ତେଲାକାଃ ତାଲେ ମେ''। ଦେ ଏନ୍ତ ନାଆଁ ବାହା, ନାଆଁ ଯଅ ଜମାଲେ ହାବ୍ ଆଲେ, ଲାଜ୍ ହାସୁ ବହଃ ହାସୁକ ଆଲାମ୍ ଶିରଜାଅ ଅଚୟ ସାଉଂ ରୋଗ୍ ବେମାର୍, ବାଦୀ-ବାୟରି ଲାଗା ଗିଡ଼ି କାକ ମେ। କୁଳିକ ଲାଗିଦ୍ ହଁ ଦିଶମ୍ ପେଳାକ ଆୟୁର୍ ଆଗୁ ସୁତୁଃ ଆଗୁ କମେ। କଳା କହଁ ଯାହାଁ କାମି ଲାଗିଦ୍‌କ ସେନଃ ହର୍ ତାକ ସାର୍ କାଃ ସାଗୁନ୍ କାଃ ମେ''। ଅର୍ଥାତ, ''ଜୁହାର ଗୋସାଇଁ, ଆଜି ବାହା ପର୍ବ ଅବସରରେ ଅର୍ପଣ କରୁଅଛୁ, ଖୁସିରେ ଗ୍ରହଣ କରିବ, ଏହି ଯେ ନୂଆ ଫଳ, ନୂଆ ପୁଷ୍ପକୁ ତୋଳିବୁ, ଖାଇବୁ, ଯେମିତି ପେଟ ବ୍ୟଥା, ମୁଣ୍ଡ ବ୍ୟଥା ନହେଉ। ରୋଗ, ବେମାର ଓ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରି ସେମାନଙ୍କୁ ଭଗେଇ ଦିଅ ଗୋସାଇଁ। ଯୁବତୀମାନଙ୍କ ପ୍ରସ୍ତାବ ଆଣିବାରେ ତୁମେ ହିଁ ସାହାଯ୍ୟ କରିବ। ଯୁବକମାନେ ତୁମରି ନାମ ନେଇ ଯେଉଁ ଶୁଭ କାର୍ଯ୍ୟରେ ଆଗେଇବେ, ସେମାନଙ୍କୁ ସଫଳ କରିବ ଗୋସାଇଁ।

ପୂଜା ସରିବା ପରେ ବଳିଗୁଡ଼ିକର ମାଂସରେ ଶଳେ ଦାକା ଅର୍ଥାତ୍ ଖେଚୁଡ଼ି କରି ସମସ୍ତଙ୍କୁ ଖାଇବାକୁ ପ୍ରସାଦ ରୂପେ ଦିଆଯାଏ। ଉପବାସରେ ରହିଥିବା ପୁରୋହିତଙ୍କ ସମେତ ଗ୍ରାମବାସୀ ବଳି ପଡ଼ିଥିବା ମୁଣ୍ଡ ମାଂସକୁ ଅବଶିଷ୍ଟ ଚୂନାରେ ମିଶାଇ ପ୍ରସାଦ ପ୍ରସ୍ତୁତ କରି ଖାଆନ୍ତି। ବାହା ପୂଜାର ଶେଷ ପର୍ଯ୍ୟାୟରେ ପୁରୋହିତ ସମସ୍ତଙ୍କୁ ଫୁଲ ଦିଅନ୍ତି। ତା'ପରେ ସାନ୍ତାଳ ଲୋକମାନେ ସେଦିନଠାରୁ ବନ୍ୟଜାତ ଫୁଲଫଳକୁ ବ୍ୟବହାର କରିଥାନ୍ତି। ଏହାପରେ ଯୁବକମାନେ ପଗଡ଼ି ଓ ଯୁବତୀମାନେ ଖୋସାରେ ଶାଳଫୁଲ ଖୋସି ନୃତ୍ୟଗୀତ କରି ଗ୍ରାମାଭିମୁଖେ ଯାତ୍ରା କରିଥାନ୍ତି। ପୁରୋହିତ ଦମ୍ପତି, ତାଙ୍କ ପଛକୁ ଉପପୁରୋହିତ ଦମ୍ପତି ଏବଂ ତାଙ୍କ ପଛକୁ ନୃତ୍ୟରତ ତରୁଣ ତରୁଣୀମାନେ ମାଦଳର ତାଳେତାଳେ ଏହି ଶୋଭାଯାତ୍ରାରେ ସେମାନଙ୍କୁ ନିଜ ଘରେ ପହଞ୍ଚାଇ ସାରିବା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଯା'ନ୍ତି। କଳାପ୍ରେମୀମାନେ ରାତିସାରା ନାଚଗୀତ ଆୟୋଜନ କରି ହସଖୁସିରେ ଝୁମନ୍ତି।

ବାହା ପର୍ବର ତୃତୀୟ ଦିନରେ ଅର୍ଥାତ୍ 'ଆଗ୍ ରାଳା' ଦିବସ ପ୍ରଥା ରହିଛି। ତେବେ ଯେଉଁମାନେ 'ସହରାଇ' ପର୍ବରେ ପିତୃପୁରୁଷମାନଙ୍କୁ ପୂଜା କରି ନଥାନ୍ତି ସେମାନେ ଏହିଦିନରେ ଗୃହ ଦେବତାଙ୍କୁ ପୂଜାର୍ପଣ କରି ଆଶୀର୍ବାଦ ଓ ଶୁଭାଶିଷ ପାଇଥାନ୍ତି। ଏହି ଅବସରରେ ସମସ୍ତ ବନ୍ଧୁବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି। ସେଦିନ ସମସ୍ତଙ୍କ ଘରେ ଭୋଜିଭାତର ଆସର ଦେଖିବାକୁ ମିଳିଥାଏ। ଆନନ୍ଦ ଓ ଉଲ୍ଲାସରେ ଏହି ଦିନଗୁଡ଼ିକ ବିତିଯାଏ। କିନ୍ତୁ ଏହିଦିନରେ ଗ୍ରାମବାସୀ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି। ପ୍ରଥା ଅନୁସାରେ ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ଶିକାର କରି ଆଣିଲେ ତାହା ଶୁଭ ବୋଲି ବିବେଚନା କରାଯାଏ। କୌଣସି କାରଣବଶତଃ ଯଦି ଶିକାର ନମିଳେ ତେବେ ବିଧି ରକ୍ଷା ପାଇଁ ଗ୍ରାମମୁଖ୍ୟଙ୍କ କୁକୁଡ଼ାକୁ ଶିକାର କରିଥାନ୍ତି। ତା'ପରେ ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ 'ଆଗ୍ ରାଳା' ମାଙ୍ଗଳିକ କାର୍ଯ୍ୟ ବିଧି ଅନୁସାରେ ସମ୍ପନ୍ନ ହୁଏ। ଏହି କାର୍ଯ୍ୟ ସରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କ ଉପବାସ ଭାଙ୍ଗିବାପାଇଁ ପ୍ରଥମେ ତାଙ୍କ ଘରେ ଉପପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁ କାଳରୁ ରହିଆସିଛି। ତା'ପରେ ଗ୍ରାମବାସୀ ଗୀତ ଗାଇଗାଇ 'ବାହାପାରାବ୍/ବଙ୍ଗା'କୁ ଉଲ୍ଲାସରେ ବିଦାୟ ଦେଇଥାନ୍ତି।

ଦୁର୍ନୀତି ନିବାରଣ ଅଧିକାରୀ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ : ୯୩୩୭୪୦୪୨୫୪

# ମାଇଗ୍ରେନ ପ୍ରତି ସତର୍କତା ଜରୁରୀ

**ଡାକ୍ତର ମିତାଲି କର**

ମାଇଗ୍ରେନ ଏଭଳି ଏକ ରୋଗ ଯାହାକି ଯେକୌଣସି ବୟସରେ ଦେଖାଦେଇପାରେ। ବିଶେଷତଃ କୈଶୋର ଅବସ୍ଥାରେ ଓ ୩୦ ବର୍ଷ ବୟସ ବେଳକୁ ଏହି ରୋଗ ପ୍ରାୟତଃ ଦେଖାଦେଇପାରେ। ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ନିକଟରେ ମାଇଗ୍ରେନର ପ୍ରଭାବ ୩ ଗୁଣ ଅଧିକ ହୋଇଥାଏ। ଏହାର ଅବଧି ୪ରୁ ୭୨ ଘଣ୍ଟା ପର୍ଯ୍ୟନ୍ତ ରହିପାରେ।

ମାଇଗ୍ରେନକୁ ଅନେକ ଗୁଡ଼ିଏ ପର୍ଯ୍ୟାୟକୁ ନିଆଯାଇ ଶ୍ରେଣୀବିଭକ୍ତ କରାଇଯାଇପାରେ। ସେଗୁଡ଼ିକ ହେଲା ପ୍ରି-ଡ୍ରୋମ, ମୁଣ୍ଡବିନ୍ଧା ଓ ପୋଷ୍ଟଡ୍ରୋମ। ତେବେ କହିବାକୁ ଗଲେ ମାଇଗ୍ରେନ ଦୁଇ ପ୍ରକାରର। ଗୋଟିଏ ହେଉଛି ଔରା ସହିତ ମାଇଗ୍ରେନ ଯାହାକୁ କୁହାଯାଏ କ୍ଲାସିକ ମାଇଗ୍ରେନ। ଦୃଷ୍ଟିଶକ୍ତିରେ ସମସ୍ୟା ଓ ଅନ୍ୟାନ୍ୟ ସ୍ନାୟବିକ ଲକ୍ଷଣ ଯାହାକି ମାଇଗ୍ରେନ ଦେଖାଦେବାର ପ୍ରାୟ ୧୦ରୁ ୬୦ମିନିଟ୍ ପୂର୍ବରୁ ସୃଷ୍ଟି ହୋଇଥାଏ। ଏହା ଏକ ଘଣ୍ଟାରୁ ଅଧିକ ସମୟ ଧରି ରହେନାହିଁ। ଏହି ପର୍ଯ୍ୟାୟରେ ରୋଗୀମାନଙ୍କଠାରେ ଅସ୍ଥାୟୀ ଭାବରେ କିଛି ଅଂଶର ବ୍ୟାଘାତ କିମ୍ବା ସେମାନଙ୍କ ଦୃଷ୍ଟିଶକ୍ତି ପ୍ରଭାବ ଆସିବା, କଥା କହିବାରେ ଅସୁବିଧା ହେବା, ଏକ ଅସ୍ୱାଭାବିକ ସମ୍ବେଦନଶୀଳତା ସୃଷ୍ଟି ହେବା, କାଲୁଆପଣ କିମ୍ବା ଶରୀରର ଗୋଟିଏ ପାର୍ଶ୍ୱର ମାଂସପେଶୀରେ ଦୁର୍ବଳତା, ହାତ କିମ୍ବା ମୁହଁରେ ଛୁଞ୍ଚି ଫୁଟାଇବା ପରି ଅନୁଭବ ଓ ଦ୍ୱନ୍ଦ୍ୱ ଦେଖାଦେଇପାରେ। ବାନ୍ତି ଭାବ, ଭର୍ଟିଗୋ, ଖାଦ୍ୟ ଖାଇବାକୁ ଇଚ୍ଛା କମିଯିବା ଏବଂ ଆଲୋକ ଶବ୍ଦ ବା କୋଳାହଳ ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଇ ମୁଣ୍ଡବିନ୍ଧା ଅଧିକ ହେବା ଦେଖାଦେଇଥାଏ। ଅନ୍ୟଟି ହେଉଛି ବିନା ଔରାରେ ମାଇଗ୍ରେନ କିମ୍ବା ସାଧାରଣ ମାଇଗ୍ରେନ । ଏହି ପର୍ଯ୍ୟାୟରେ ରୋଗୀମାନଙ୍କ ଦେଖାଦେଇଥାଏ। ଏହି ପର୍ଯ୍ୟାୟରେ ରୋଗୀମାନଙ୍କଠାରେ ଦେଖାଇଥାଏ। ମୁଣ୍ଡବିନ୍ଧା ଅନୁଭୂତି ଯାହା ବିନା କୌଣସି ଲକ୍ଷଣରେ ସୃଷ୍ଟି ହୁଏ ଓ ଏହା ମୁଣ୍ଡର ଗୋଟିଏ ପାର୍ଶ୍ୱରେ ସାଧାରଣତଃ ଆରମ୍ଭ ହୋଇଥାଏ। ଏହାସହିତ କ୍ଲାସିକ ମାଇଗ୍ରେନରେ ଲକ୍ଷଣଗୁଡ଼ିକ ସଂପୃକ୍ତ ରହିଥାଏ।

ଏହାର କାରଣ ସମ୍ପର୍କରେ ବିଶେଷଜ୍ଞମାନେ କୁହନ୍ତି ଯେ, ମାଇଗ୍ରେନ ହେବାର ଅନେକ କାରଣ ରହିଛି। ମାନସିକ ଚାପ ବା ବିଚଳତା, ଶାରିରୀକ ଭାବେ ଦେଖିବାକୁ ଗଲେ ନିଦ୍ରାରେ ଅଭାବ ଅବା ହରମୋନର ପରିବର୍ତ୍ତନ ମଧ୍ୟ କାରଣ ହୋଇଥାଏ। ସେହିଭଳି ପରିବେଶ ମଧ୍ୟ ଏହି ରୋଗର କାରଣ ହୋଇଥାଏ। ଯେପରି ବ୍ୟାୟାମ, ଅତ୍ୟଧିକ ଆଲୋକ, ଜଳବାୟୁ ଓ ପରିବର୍ତ୍ତନଜନିତ ଉଚ୍ଚ ପ୍ରଭାବ ଏବଂ ଧୂମପାନ। ସେହିଭଳି ଡାଏଟିଂ, ଜଳୀୟଅଂଶର ଅଭାବ, ଆଲକହଲ ଓ ଅନିୟମିତ ଭାବେ ଭୋଜନ ଗ୍ରହଣ ମଧ୍ୟ ମାଇଗ୍ରେନର କାରଣ ହୋଇଥାଏ। ଏହାବ୍ୟତୀତ ବଂଶଗତ କାରକ ଏହାର ପ୍ରମୁଖ କାରଣ ହୋଇପାରେ।

ଆପଣ ସତର୍କ ରହିଲେ ଏହାର ପ୍ରତିକାର କରିପାରିବେ। ଏହାସହିତ ମାଇଗ୍ରେନର ସଠିକ୍ ଚିକିତ୍ସା ନିମନ୍ତେ ଡାକ୍ତର ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ। ଏହାର ଲକ୍ଷଣ ସମ୍ପର୍କରେ ତର୍ଜମା କଲେ ଜଣାପଡ଼େ ଯେ, ମାଇଗ୍ରେନ ହେବାର ବିଭିନ୍ନ ଲକ୍ଷଣ ରହିଛି । ସେଗୁଡ଼ିକ ହେଲା ମାଇଗ୍ରେନ ସହିତ ଆଲୋକ ଏବଂ ଶବ୍ଦ ପ୍ରତି ସମ୍ବେଦନଶୀଳତା ସୃଷ୍ଟି ହୁଏ। ଏହା ଆରମ୍ଭ ହେବାର ଗୋଟିଏ ବା ଦୁଇଦିନ ପୂର୍ବରୁ ପ୍ରୋଡ୍ରୋମ ସୃଷ୍ଟି ହୋଇଥାଏ। ଏହି ପର୍ଯ୍ୟାୟରେ କେତେକ ଉପଯୋଗୀ ପରିବର୍ତ୍ତନ ଯଥା କୋଷ୍ଠକାଠିନ୍ୟତା, ମନ ପରିବର୍ତ୍ତନ, ଖାଦ୍ୟ ପ୍ରତି ଲୋଭ, ବେକ ଟାଣି ଧରିବା ପରି ସମସ୍ୟା ସୃଷ୍ଟି ହୋଇପାରେ।। ଏହା ହେଉଛି ମୁଣ୍ଡବିନ୍ଧା ଯେଉଁ କାରଣରୁ ଗୁରୁତର ଶୁଳବିଦ୍ଧ ପରି ସମସ୍ୟା ସୃଷ୍ଟି ହୋଇ ଯନ୍ତ୍ରଣା ଦେଖାଦିଏ କିମ୍ବା ମୁଣ୍ଡର ଗୋଟିଏ ପାର୍ଶ୍ୱରେ ପଲସେଟିଂ ସମ୍ବେଦନଶୀଳତା ସୃଷ୍ଟି ହୋଇଥାଏ। ଏହାର ପ୍ରଭାବ ଗୋଟିଏ ଘଣ୍ଟାରୁ ଗୋଟିଏ ଦିନ ପାଇଁ ରହିପାରେ। ଏହି ଯନ୍ତ୍ରଣା ଅତିଶୟ ହୋଇପାରେ ଏବଂ ଦୈନନ୍ଦିନ କାର୍ଯ୍ୟ ଉପରେ ପ୍ରଭାବ ପକାଇଥାଏ। ମାଇଗ୍ରେନ ଆକ୍ରମଣ ପରେ ପୋଷ୍ଟଡ୍ରୋମ ଦେଖାଦେଇଥାଏ। ରୋଗୀମାନେ ଏହି ସମୟରେ ନିଜ ଶରୀରକୁ ଶୁଷ୍କ ହେବା ପରି ଅନୁଭବ, ଦ୍ୱନ୍ଦ୍ୱ ଏବଂ ଗୋଟିଏ ଦିନ ପର୍ଯ୍ୟନ୍ତ ଏହି ସମସ୍ୟା ଅନୁଭବ କରନ୍ତି।

ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ
କେୟାର ହସ୍ପିଟାଲ, ଭୁବନେଶ୍ୱର
ମୋ: ୭୦୯୩୩୯୧୭୪୬

## ମହୁଲଫୁଲକୁ ନେଇ ଗୋଟାଳି ଖୁସି



**ଝରିଗାଁ,୯।୩(ନି.ପ୍ର):** ଋତୁରାଜ ବସନ୍ତରେ ଫାଲଗୁନ ରାଣୀ ମହକରେ ଧରଣୀରେ ସଜେଇ ହୋଇଥାଏ ରଙ୍ଗ ବେରଙ୍ଗର ଫୁଲ । ଏହି ସମୟରେ ଆଦିବାସୀଙ୍କ ଜୀବିକା ସାଜିଥିବା ମହୁଲଫୁଲ ଧରାକୁ ଓହ୍ଲାଇ ଥାଏ । ଜଙ୍ଗଲ ପାହାଡ଼ ଜମି କ୍ଷେତ ସବୁଠି ଏବେ ମହୁଲ ଫୁଲର ମହକ । ମହୁଲଫୁଲ ସମ୍ଭାରକୁ ଦେଖି ମହୁଲ ଗୋଟାଳି ମାନେ ବେଶ ଖୁସି । ବ୍ଲକ ଝରିଗାଁ ଆଦିବାସୀ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଅଞ୍ଚଳର ଅନେକ ଗ୍ରାମମାନଙ୍କରେ ମହୁଲ ଗଛ ଦେଖିବାକୁ ମିଳେ । ବସନ୍ତ ଋତୁ ଆଗମନ ଦେଖି ମହୁଲ ଫୁଲ ଯେମିତି ଗଛରୁ ଝଡି ଉଠେ । ମହୁଲ ଫୁଲ ଗୋଟାଳି ମଧ ଦେଖି ଖୁସିହୁଏ । ମହୁଲ ଫୁଲ ଗୋଟାଳି ମାନଙ୍କ ପେଟପାଟଣା ସାଙ୍ଗକୁ ସହାୟକ ହୁଏ ପରିବାରର ପ୍ରତିପୋଷଣରେ । ମହୁଲ ଫୁଲ ସଂଗ୍ରହ କରିବା ଲାଗି ପୁରୁଷ, ମହିଳା, ପୁଅ, ଝିଅ ଭୋରରୁ ସନ୍ଧ୍ୟା ପର୍ଯ୍ୟନ୍ତ ମହୁଲ ଫୁଲ ଗଛରୁ ପଡ଼ିବା ଯାଏ ଅପେକ୍ଷା କରି ପରେ ସଂଗ୍ରହ କରି ଘରକୁ ଆଣନ୍ତି । ଖରାର ତାତିରେ ମହୁଲ ଫୁଲ ୨ ରୁ ୩ ଦିନ ଶୁଖାଇ ଦିଅନ୍ତି । ସେହି ଶୁଖିଲା ମହୁଲକୁ ବିକ୍ରି କରି ବେଶ କିଛି ପଇସା ପାଇଥାନ୍ତି । ସତରେ ପରିବେଶ ଆମ ପାଇଁ ଆଶୀର୍ବାଦ, ପ୍ରକୃତି ହେଉଛି ବରଦାନ । ସେଥିପାଇଁ ତ ବଞ୍ଚିବା ପାଇଁ ରାହା ଦେଉଛି ଏହି ପ୍ରକୃତି । ସେହି ବରଦାନ ଧବଳା ମହୁଲ ଫୁଲ ଏବେ ବଞ୍ଚିବାର ଜୀବିକାର ମାଧମ । ମହୁଲ ଗୋଟାଳି ମାନେ ମହୁଲ ଫୁଲକୁ ଆସିବା ଦେଖି ଖୁସି ବ୍ୟକ୍ତ କରିଛନ୍ତି ।

## ବନ୍ଧମୁଣ୍ଡାରେ ଅଷ୍ଟପ୍ରହର ନାମଯଜ୍ଞ

**କଣାସ,୯।୩ (ନି.ପ୍ର):** ସାହୁପଡା ପଞ୍ଚାୟତ ଅନ୍ତର୍ଗତ ବାନ୍ଧମୁଣ୍ଡା ଗ୍ରାମରେ ଜାଗର ଯାତ୍ରା ଉପଲକ୍ଷେ ଠାକୁର ଶ୍ରୀଶ୍ରୀ ନିତାଇଗୌର ଦେବଙ୍କ ୪୯ତମ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେଉଅଛି। ଏହି ଶୁଭଧିବାସ ଉପଲକ୍ଷେ କଳସ ଯାତ୍ରା ଠାକୁରଙ୍କ ପାହିଲୁଣ୍ଡି, ନାମ ଯଜ୍ଞ, ପ୍ରହରୀ ଭୋଗ ଓ ନାମ ଉଦ୍ୟାପନ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ବନ୍ଧମୁଣ୍ଡା କ ଓ ଖ, ସାହାସପୁର, ନୂଆଗାଁ ଗ୍ରାମର ନଦିଆ ମଣ୍ଡଳୀ ନାମ ପରିବେଷଣ କରିଥିଲେ। ପରେ କାଳିଘଡି ଓ ପାହିଲୁଣ୍ଡି ଗ୍ରାମରେ ଠାକୁର ଚାଚେରି ଭୋଗ ଖାଇଥିଲେ। ନଗର କିର୍ତ୍ତନ, ଜମୁନା ଦଧିହାଣ୍ଡି ଭଗ୍ନ ଓ ଜମୁନା ସ୍ନାନ ଓ ମହୋତ୍ସବ ଆଦି କାର୍ଯ୍ୟ ଯଥା ରିତି ସମ୍ପାଦନ କରାଯାଇଥିଲା। ପୁଜକ ସୁଷାନ୍ତ ଦାସ, ବାବାଜି, ଟାଇଁଲୋ ମଠର ବାବାଜି ବ୍ରଜ ମୋହନ ଦାସ ପ୍ରମୁଖ ଠାକୁରଙ୍କ ପୁଜାନିତୀ ସମ୍ପାଦନ କରିଥିବା ବେଳେ ଅନାଥ ସୁନ୍ଦରାୟ କାରଣିକ ଦାୟୀତ୍ୱ ରେ ରହିଥିଲେ। ଅଞ୍ଚଳର ହରିନାମ ପ୍ରେମୀ ଶ୍ରଦ୍ଧାଳୁମାନେ ନାମଯଜ୍ଞରେ ସମାଗମହୋଇ ଠାକୁରଙ୍କୁ ଦର୍ଶନ କରି ହରିନାମ ଶ୍ରବଣ କରିଥିଲେ।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଞ୍ଜନଗର,୯।୩(ନି.ପ୍ର):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦେରା ଜଜ୍ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ତାଲୁକ୍ ଆଇନ ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦେରାଜଜ୍ ଦେବଦତ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ଜଜ୍ ସୋମାଲିନ ମିଶ୍ର, ଏସ୍ଡିଜେଏମ୍ ଅମିତ କୁମାର, ଜେଏମ୍ଏଫସି ସନ୍ଧ୍ୟା ସୁଚରିତା ମୋଟ ୮୦୨ ଗୋଟି ମାମଲାର ବିଚାରଣ କରି ରାୟ ଶୁଣାଇ ଥିଲେ । ବିଚାର ହୋଇଥିବା ମାମଲା ଗୁଡ଼ିକରେ କ୍ଷତିଗ୍ରସ୍ତ ମାନଙ୍କୁ ୧ କୋଟି ୩୬ ଲକ୍ଷ ୯୫ ହଜାର ୩୫୭ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନେଇ ଶୁଣାଣୀ ହୋଇଥିଲା । ଲୋକ ଅଦାଲତ ବେଞ୍ଚ୍ ସଦସ୍ୟ ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସୋମନାଥ ନାୟକ, ତାଲୁକ୍ ଆଇନ୍ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡଙ୍କ ସମେତ ଆଇନଜୀବୀ ସନ୍ତୋଷ କୁମାର ତିଆଡି, ବଂଶୀଧର ପ୍ରଧାନ, ଶୁଦ୍ଧି ରଞ୍ଜନ ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର, ରଜନୀ କୁମାର ପଟ୍ଟନାୟକ, ଅରୁଣ କୁମାର ପାଢୀ, ସମୀର କୁମାର ନାୟକ, କାଳି ଚରଣ ପାଢ଼ୀ, ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଟିବି.ପଟ୍ଟନାୟକ, ଇ.ରାମା ରାଓ ଏବଂ ଅଞ୍ଜନ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



## ବିଧାୟକଙ୍କ ଦ୍ୱାରା କଲ୍ୟାଣ ମଣ୍ଡପର ଭିତିପ୍ରସ୍ତର ସ୍ଥାପନ

**କଣାସ,୯।୩ (ନି.ପ୍ର):** ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଝାରକାଟର ମା ମଙ୍ଗଳା ଓ ସାନପୁଟ ମା ଜାଗୁଲାଇଙ୍କ ମନ୍ଦିର ନିକଟରେ ଦୁଇଟି କଲ୍ୟାଣ ମଣ୍ଡପର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକଙ୍କୁ କର୍ମୀମାନେ ଏକ ଶୋଭାଯାତ୍ରାରେ ଭିତିପ୍ରସ୍ତର ସ୍ଥଳକୁ ପାଛୋଟି ନେଇଥିଲେ। ବିଧାୟକ ଶ୍ରୀ ସାମନ୍ତରାୟ ସରକାରଙ୍କ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ସରପଞ୍ଚଙ୍କ ସ୍ୱାମୀ ନିଳକଣ୍ଠ ଛୁଆଳସିଂହ, ଶ୍ରୀକାନ୍ତ ପରିଡା, ବିଜୟ ଖଣ୍ଡୟତରାୟ, ଧୁକୁଡା ମଙ୍ଗରାଜ, ଧୁକୁଡା ପାହାଡସିଂହ, ଗେଡୁ ବିଶ୍ୱାଳ, ଲିଟୁ ପଟ୍ଟାନାୟକ, ଦୁର୍ଗାଚରଣ ଝପଟସିଂହ, ବାବୁଲି ଛୁଆଳସିଂହ, ଦିଲିପ ସାମନ୍ତରା, ଟିକିରଣସିଂହ ଓ ଲୁନା ଜୟସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଦୁଇମାସ ବିତିଲା, ଉଠିଲାନି ୮୧୩ ଚାଷୀଙ୍କ ଧାନ

**ତେନ୍ତୁଳିଖୁଣ୍ଟି,୯।୩(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଖରିଫ ଧାନ କିଣିବା ପ୍ରକ୍ରିୟାକୁ ଦୁଇ ମାସ ପୁରିଲାଣି। ଦୁଇ ମାସ ମଧ୍ୟରେ ଦୁଇ ସମବାୟ ସମିତି ଓ ଗୋଟିଏ ଏସଏଚଜି ଧାନ କ୍ରୟ କରୁଥିବା ବେଳେ ଅଂଚଳଗୁମା ସମବାୟ ସମିତି ଅଧୀନରେ ୧୪୭୭ଚାଷୀ ପଞ୍ଜିକରଣ କରିଛନ୍ତି। ହେଲେ ମଣ୍ଡି ଆରମ୍ଭରେ ଦୁଇ ମାସ ମଧ୍ୟରେ ୧୧୬୭ ଚାଷୀଙ୍କ ୫୫୫୯୫ କୁଇଣ୍ଟାଲ ଧାନ କିଣା ଯାଇଛି। ତେନ୍ତୁଳିଖୁଣ୍ଟି ସମବାୟ ସମିତି ର ଖରିଫରେ ୮୪୭ ଚାଷୀ ପଞ୍ଜିକରଣ କରିଥିବା ବେଳେ ସରକାର ୩୫୩୭୪ କୁଇଣ୍ଟାଲ ଧାନ କ୍ରୟ କରିବା ନିର୍ଦ୍ଦେଶ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୭୧୮ଚାଷୀ ୩୩୧୮୨ ଧାନ ବିକ୍ରୟ କରିଛନ୍ତି। ବଳକା୧୨୯ଚାଷୀ ଧାନ ବିକ୍ରି କରିବାକୁ ରହିଛନ୍ତି। ସେହିପରି ଏସଏଚଜି ଗ୍ରୁପର ମୋଟ ଚାଷୀ ରେଜିଷ୍ଟ୍ରେସନ ୮୩୦ ହୋଇଥିବା ବେଳେ ସରକାର ୩୭୧୧୪ କୁଇଣ୍ଟାଲ ଧାନ କିଣିବା ଧାର୍ଯ୍ୟ କରିଛନ୍ତି।



ବର୍ତ୍ତମାନ ୬୭୪ ଚାଷୀ ୩୪୮୬୩କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ବଳକା ରହିଛନ୍ତି୨୫୪ ଚାଷୀ। ସମୁଦାୟ ତେନ୍ତୁଳିଖୁଣ୍ଟି ବ୍ଲକରେ ୮୧୩ଚାଷୀଙ୍କ ଧାନ କିଣା ବାକି ରହିଛି। ମାର୍ଚ୍ଚ ମାସର ଶେଷ ଯାଏ ଧାନ କ୍ରୟ ଚାଲିବ। ଏହି ସମୟ ସୀମା ମଧ୍ୟରେ ଧାନ କ୍ରୟ କରିବା ଲକ୍ଷ ରଖିଛି ପ୍ରଶାସନ। ମିଲରଙ୍କ ସୂଚନା ପ୍ରକାରେ ମିଲରକୁ ପ୍ରଥମ ପର୍ଯ୍ୟାୟରେ ଧାନ କ୍ରୟ କରିବା ଟାର୍ଗେଟ ଶେଷ ହଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ବିଳମ୍ବରେ ଦିଆ ଯାଇଛି। ଯାହା ଫଳରେ ବହୁ ଚାଷୀଙ୍କ ମଣ୍ଡି କାର୍ଡ ଲାମ୍ବ ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି। ଏଭଳି ଧାନ କ୍ରୟ କରିବା ୪୮ଘଣ୍ଟା ମଧ୍ୟରେ ଚାଷୀ ଆକାଉଣ୍ଟକୁ ଟଙ୍କା ଜମା ହେବାର ସରକାରଙ୍କ କଡା ନିର୍ଦ୍ଦେଶ ରହିଥିବା ବେଳେ ଚାଷୀ ସପ୍ତାହ ସପ୍ତାହ ଟଙ୍କା ପାଇବା ପାଇଁ ଅପେକ୍ଷା କରି ରହୁଛନ୍ତି। ମିଲର ଟାର୍ଗେଟ ନ ଥିବାରୁ ଚାଷୀଙ୍କ ଟୋକେନ୍ ଲାମ୍ବ ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ଧାନ ମଣ୍ଡି ସମୟ ସୀମା ସରିବା ପୂର୍ବରୁ ଚାଷୀଙ୍କ ନିକଟରେ ଥିବା ଧାନ ଶୀଘ୍ର କ୍ରୟ କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଂଶୁଘାତ ସଚେତନତା

**କଣାସ,୯।୩ (ନି.ପ୍ର):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରଦା ବିକାଶ ପରିଷଦ ତରଫରୁ ଜାଗରଯାତ୍ରା ଉପଲକ୍ଷେ ବସନ୍ତପଡା ସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ଅଂଶୁଘାତ ଚସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପରିଷଦର ସମ୍ପାଦକ କଣାସ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ଧନେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଚଳିତ ବର୍ଷ ସାମ୍ୟବ୍ୟ ଅଂଶୁଘାତର ମୁକାବିଲା ନିମନ୍ତେ ଲୋକମାନେ କି ପ୍ରକାର ଉପାୟ ଆପଣାଇବେ ସେ ସମ୍ପର୍କରେ ବୁଝାଇଥିଲେ। ଓଆରଏସର ପ୍ରସ୍ତୁତ ପ୍ରଣାଳି ଶିଖାଇଥିଲେ। ଏଥିସହ ପରିଷଦ ଦ୍ୱାର ଖୋଲା ଯାଇଥିବା ଦାତବ୍ୟ ହୋମିଓ ଚିକିତ୍ସା କେନ୍ଦ୍ରରେ ରୋଗିମାନେ କିପରି ଔଷଧ ସଂଗ୍ରହ କରିପାରିବେ ସେ ସମ୍ପର୍କରେ ମଧ ବିଝାଇଥିଲେ । କାର୍ଯ୍ୟକ୍ରମରେ ପରିଷଦ ତରଫରୁ ସ୍ୱେଚ୍ଛାସେବୀ ସୁଦର୍ଶନ ବେହେରା, ସରୋଜ କୁମାର ସ୍ୱାଇଁ, ହେମନ୍ତ ସ୍ୱାଇଁ, ଚନ୍ଦନ ସ୍ୱାଇଁ ଦେବାଶିଷ ବେହେରା, ଜଗନ୍ନାଥ ଛାଟୋଇ, ଜନାର୍ଦ୍ଦନ ଛାଟୋଇ, ପ୍ରମୁଖ ଲୋକ ମାନଙ୍କୁ ସଚେତନ କରାଇଥିଲେ।ଗ୍ରାମର ଛାତ୍ରଛାତ୍ରୀ ସର୍ବଶ୍ରୀ ଦିପ୍ତାଂସୁ, ଓଁମ, ବାବୁନା, ନବୀନ, ଧୋନୀ, ଗୁଡୁ, ଶୁଭ ପ୍ରମୁଖ ଦହିପଣା ବଣ୍ଟନରେ ସାହାଯ୍ୟ କରିଥିଲେ।

# ଭ୍ୟାନ-ବାଇକ୍ ମୁହାଁମୁହିଁ : ଜଣେ ମୃତ

**ଆସିକ,୯।୩(ନି.ପ୍ର):** ଗଞ୍ଜାମ ଜିଲ୍ଲା ଆସିକା କୋଟିବାଡି ଥାନା ଅନ୍ତର୍ଗତ ଭେଟନଇ ଓ ଭେଜିପୁଟ ମୁଖ୍ୟ ରାସ୍ତା ରାଜ୍ୟ ରାଜପଥ-୩୦ ରେ । ଲାଇଟ୍ ଆଣ୍ଡ ସାଉଣ୍ଡ ପିକ୍ଅପ୍ ଭ୍ୟାନ ଓ ବାଇକ ମଧ୍ୟରେ ମୁହାଁମୁହିଁ ହେବା ଯୋଗୁଁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ଆସିକା ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

ଖବରପାଇ କୋଟିନଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ବେଳେ ବ୍ୟବଛେଦ ପାଇଁ ଆସିକା ମେଡିକାଲକୁ ପଠାଇଛି । ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଗାଡି ଡ୍ରାଇଭର ଓ ଗାଡି ହେଲପର, ଏବଂ ଲେବର ଚମ୍ପଟ ମାରି ପଳାଇଥିବା ସୂଚନା ରହିଛି । ମହାଶିବରାତ୍ରି ଜାଗର ପାଇଁ ଓଡଗାଁ ଅଞ୍ଚଳର ଲାଇଟ ଆଣ୍ଡ ସାଉଣ୍ଡ ପିକଅପ ଭ୍ୟାନ ଗାଡି କବିସୂର୍ଯ୍ୟନଗର ଅଞ୍ଚଳକୁ ଯାଇଥିଲା । ଓଡଗାଁ ଫେରୁଥିବା ବେଳେ ଭେଟନଇ ଓ ଭେଜିପୁଟ ମୁଖ୍ୟ ରାସ୍ତାରେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲ । ନୟାଗଡ଼ ଜିଲ୍ଲା ଟାଉନଥାନା ଅନ୍ତର୍ଗତ ନୂଆବସଷ୍ଟାଣ୍ଡ ସଡକ ସାହି ପିତା ଅର୍ଜୁନ ମହାପାତ୍ରଙ୍କ ପୁଅ ଲକ୍ଷ୍ମୀଧର ମହାପାତ୍ର ଓରଫ କାଳିଆ ମହାପାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ପଶ୍ଚିମବଙ୍ଗ ଅଞ୍ଚଳ ହୁଗୁଳିର ଜାହିର ହାଜରତ ଗୁରୁତର ହୋଇଥିବା ଜଣାପଡିଛି । ମୃତ ଲକ୍ଷ୍ମୀଧର ମହାପାତ୍ର ଓ ଜାହିର ହାଜରତ ନୟାଗଡ଼ରୁ ବ୍ରହ୍ମପୁରକୁ ସୁନା ଓ ରୂପା ବ୍ୟବସାୟ ପାଇଁ ଯାଉଥିଲେ ।



# କଳିଙ୍ଗ କପ୍ କ୍ରିକେଟ : ଫାଇନାଲରେ କୁମାରବସ୍ତ ଓ ମଞ୍ଚେଶ୍ୱର

**ଖୋର୍ଦ୍ଧା,୯।୩(ନି.ପ୍ର):** ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳ ପଡ଼ିଆରେ କଳିଙ୍ଗ କ୍ରିକେଟ କପ୍ ୨୦୨୪ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅତ୍ରି ଓ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ଟସ୍ ଜିତି କୁମାରବସ୍ତ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଟି ୱିକେଟ ହରାଇ ୨୪୨ରନ୍ କରିଥିଲେ । କୁମାରବସ୍ତ ଦଳ ତରଫରୁ ଆଇଏସ୍ ଗିରି ୧୦୧ରନ ଓ ସନ୍ତୋଷ ସ୍ୱାଇଁ ୬୭ରନ ସଂଗ୍ରହ କରିଥିଲେ । ଅତ୍ରି ଦଳର ବିକାଶ ରାଉତ ୩ ଟି ଓ ଦିଲୀପ ରାଉତ ୨ଟି ୱିକେଟ ସଂଗ୍ରହ କରିଥିଲେ । ଜବାବରେ ଅତ୍ରି ଦଳର କୁଲଦୀପ ପାଇକରାୟଙ୍କ ୪୬ ରନ ଓ ସଂଗ୍ରାମ ମାଝୀଙ୍କ ୨୧ସହାୟତାରେ ୨୪ଓଭରରେ ସମସ୍ତ ୱିକେଟ ହରାଇ ୧୭୮ରନ ସଂଗ୍ରହ କରିଥିଲେ । କୁମାରବସ୍ତ ଦଳର ଅଶୀମାନନ୍ଦ ଦଳବେହେରା ଓ ବିଶିବା ଚାମୁଣ୍ଡା ୨ଟି ୱିକେଟ



ନେଇଥିଲେ । ଏହି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚକୁ କୁମାର ବସ୍ତ ଦଳ ୭୪ରନ୍‌ରେ ଜିତି ନେଇଥିଲେ । କୁମାରବସ୍ତ ଦଳର ଆଇଏସ ଗିରି ଶ୍ରେଷ୍ଠ ଖେଳାଳି ଭାବେ ଖୋର୍ଦ୍ଧା ଆସୋସିଏସନ୍ ଅଫ କ୍ରିକେଟ ଅଫ ଦି ଡିଷ୍ଟ୍ରିକ୍ଟର କୋଷାଧକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଓ ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାମନ୍ତ ସିଂହାର ଓ ପ୍ରକାଶ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅଭିନାଶ ପ୍ରସାଦ ବେହେରା, ସଜୀବ ପାଇକରାୟ, ସୁନିଲ କୁମାର ରାଉତରାୟ, ଶ୍ରୀକାନ୍ତ କୁମାର ସାହୁ, ପ୍ରଶାନ୍ତ ବେହେରା, ରାଜେନ୍ଦ୍ର ବେହେରା, ଜୟଦିପ ପଟ୍ଟନାୟକ ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜର ସମସ୍ତ କର୍ମକର୍ତ୍ତା ଆୟୋଜନରେ ସହାୟତା କରିଥିଲେ । ୧୦/୦୩/୨୪ (ରବିବାର) ତାରିଖରେ କୁମାରବସ୍ତ ବନାମ ମଞ୍ଚେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ସଭାପତି ସୁନିଲ କୁମାର ରାଉତରାୟ ଜଣାଇଛନ୍ତି ।

# ପିଏମ୍-ସୂର୍ଯ୍ୟ ଘର ଯୋଜନାରୁ ବଣାଇବାସୀ ବଞ୍ଚିତ

**ବଣାଇ,୯।୩(ନି.ପ୍ର):** ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାକୁ ଅନୁମୋଦନ ମିଳିଛି । ୧୩ ଫେବୃଆରୀ ୨୦୨୪ରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ଛାତ ଉପରେ ସୌର ପେନାଲ ସ୍ଥାପନ ପାଇଁ ଏକ କୋଟି ପରିବାରକୁ ମାଗଣା ବିଜୁଳି ଯୋଗାଇ ଦିଆଯିବା ସହ ଏଥିପାଇଁ ମୋଟ ୭୫,୦୨୧ କୋଟି ଟଙ୍କା ବ୍ୟୟ ବରାଦ ରଖା ଯାଇଛି ବୋଲି ଘୋଷଣା କରିଛନ୍ତି । ମାତ୍ର ପ୍ରଥମ ପର୍ଯ୍ୟାୟରେ ଉପଭୋକ୍ତା ପଞ୍ଜିକରଣ ପାଇଁ ରାଉରକେଲା ଡାକ ଜିଲ୍ଲାରେ ୨୦,୦୦୦ ଉପଭୋକ୍ତାଙ୍କ ପଞ୍ଜିକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇ ଥିବା ବେଳେ ବଣାଇ ଉପଖଣ୍ଡରେ ୫୦୦୦ ଉପଭୋକ୍ତାଙ୍କ ପଞ୍ଜିକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ଡାକ ବିଭାଗର ଅବହେଳା ଯୋଗୁଁ ବଣାଇ ଉପଖଣ୍ଡରେ ନିର୍ଦ୍ଧାରିତ ଲକ୍ଷ୍ୟ ୫୦୦୦ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ମାତ୍ର ୨୫୦ ଉପଭୋକ୍ତା ପଞ୍ଜିକରଣ ହୋଇଛି ବୋଲି ଶୁଣିବାକୁ ମିଳିଛି । ବଣାଇ ଡାକ ବିଭାଗ ସାଧାରଣରେ ଏହି ସୂଚନାକୁ ପ୍ରକାଶ କରି ନ ଥିବା କାରଣରୁ ଲୋକେ ଏହି ଯୋଜନା ସମ୍ପର୍କରେ ଜାଣିପାରି ନ ଥିବା ଅଭିଯୋଗ ହୋଇଛି । ଡାକ ବିଭାଗ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ଯୋଗାଯୋଗ କରିବାରୁ ସେ ଯୋଜନା ସମ୍ପର୍କିତ ସଠିକ ତଥ୍ୟ ପ୍ରଦାନ କରିବାରେ ଅସମର୍ଥତା ପ୍ରକାଶ କରିଛନ୍ତି । ଉପଖଣ୍ଡର କୌଣସି ଡାକ ଅଫିସ ରେ ମଧ ଯୋଜନା ସମ୍ପର୍କରେ କୌଣସି ବିଜ୍ଞାପନ ପ୍ରଦର୍ଶନ କରାଯାଉନାହିଁ । ଯାହା କି ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଡାକ ବିଭାଗର ଅବହେଳା ଯୋଗୁଁ ସାଧାରଣ ଲୋକେ ଏହି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏହି ସୂଚନା ବାବଦରେ ଡାକ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଏବଂ ବିଭିନ୍ନ ଗ୍ରାମରେ ସଚେତନତା ସୃଷ୍ଟି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହେଉଛି ।

# ବ୍ଲାଷ୍ଟିଙ୍ଗରେ ଥରୁଛି ବାଇଶିପଡା ଗାଁ

**ହରଭଙ୍ଗା,୯।୩(ନି.ପ୍ର):** ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ବାଇସପଡା ପଥର କୁଆରିରେ ମନଇଛା ଚାଲିଛି ବ୍ଲାଷ୍ଟିଙ୍ଗ। ଫଳରେ ଅତ୍ୟଧିକ ଶବ୍ଦରେ ଥରୁଛି ଗ୍ରାମ । ଭୟଭୀତ ହୋଇ ଅସୁରକ୍ଷିତ ମଣୁଛନ୍ତି ଗ୍ରାମବାସୀ । ଶିବ ରାତ୍ରି ସନ୍ଧ୍ୟାରେ ଲୋକମାନେ ମନ୍ଦିର ଯିବା ଆସିବା କରୁଥିବା ବେଳେ ପ୍ରଚଣ୍ଡ ଶବ୍ଦ, ଶବ୍ଦରେ ଥରିଲା ଗ୍ରାମ, ଲୋକମାନେ ହଟାତ ବୁଝିବା ପୂର୍ବରୁ ଉପରୁ ଖସିଲା ଛୋଟ ଛୋଟ ପଥର ଖଣ୍ଡ । ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଶିଗଲେ ଘର ଭିତରକୁ । କିଛି ସମୟର ଭୟଭୀତ ପରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ ନିକଟରେ ଥିବା ଠିକା ସଂସ୍ଥା ନିଜ କୁଆରିରେ ପଥର ବ୍ଲାଷ୍ଟିଙ୍ଗ କରୁଛି । ଏଘଟଣାକୁ ନେଇ ୪ମାସ ପୂର୍ବରୁ ଥରେ ଏଭଳି ଘଟଣା ଘଟିଥିଲେ ମଧ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ପରେ କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶୃତି ମିଳିବା ଏବଂ ଆଉ ଶବ୍ଦ ନହେବା ପାଇଁ କହିବାରୁ ଫେରି ଆସିଥିଲେ। କିନ୍ତୁ ଗତକାଲି ପୁଣି ଉକ୍ତ ଠିକା ସଂସ୍ଥା ମନ ଇଛା ବ୍ଲାଷ୍ଟିଙ୍ଗ କରିବାରୁ ଗ୍ରାମବାସୀ ମାନେ ଉକ୍ଷିପ୍ତ ହୋଇ ସଂଗେ ସଂଗେ କମ୍ପାନୀ ପରିସରକୁ ପହଁଚି ତାଗିଦ୍ କରିଥିଲେ ।

## ବାଲ୍ୟସାଥି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# କପାସିକୁ ହରାଇ ଗଲଦାରି ଫ୍ରେଣ୍ଡସ୍ ଟିମ୍ ବିଜୟୀ

**ନିଆଳି,୯।୩(ନି.ପ୍ର):** ନିଆଳି ବ୍ଲକ୍ ଅନ୍ତର୍ଗତ ତିହୁଡ଼ି ଖେଳ ପଡ଼ିଆରେ ଶନିବାର ବାଲ୍ୟସାଥି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଆୟୋଜକ ଦଳର ସମ୍ପାଦକ ରତିକାନ୍ତ ଲେଙ୍କା ଓ କୋଷାଧକ୍ଷ ବିନୟ ଭୂଷଣ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିବା ବେଳେ ଉଦ୍ଘାଟନୀ ମ୍ୟାଚ୍‌ରେ କପାସି କ୍ରିକେଟ୍ ଦଳକୁ ହରାଇ ଗଲଦାରି ଫ୍ରେଣ୍ଡସ୍ କ୍ରିକେଟ୍ ଦଳ ବିଜୟୀ ହୋଇଥିବା ଜଣାଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କପାସି କ୍ରିକେଟ୍ ଦଳ ଓ ଗଲଦାରି ଫ୍ରେଣ୍ଡସ୍ କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କପାସି କ୍ରିକେଟ୍ ଦଳ ଟସ୍ ଜିତି ଫିଲ୍ଡିଙ୍ଗ ଦାୟୀତ୍ୱ ନେଇଥିଲ । ନିର୍ଦ୍ଧାରିତ ୧୯ ଓଭରରେ ଗଲଦାରି କ୍ରିକେଟ୍ କ୍ଲବ୍ ୨୧୭ରନ୍ କରିଥିବାବେଳେ ଜବାବରେ କପାସି କ୍ରିକେଟ୍ ଦଳ ସମସ୍ତ ୱିକେଟ୍ ହରାଇ ୧୨୦ରନ୍ କରି ପରାଜୟ ବରଣ କରିଥିଲେ। ଏହି ମ୍ୟାଚ୍‌କୁ ଆଶିଷ ଲେଙ୍କା ଓ ସଞ୍ଜୟ ଲେଙ୍କା ପରିଚାଳନା କରିଥିଲେ। ଆୟାଜକ ଦଳର ଶୁଶିଲ ଲେଙ୍କା, ରାକେଶ ଜେନା, ହିମାଂସୁ ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



# ବ୍ରହ୍ମାକୁମାରୀ ସଂସ୍ଥାନରେ ତ୍ରି-ମୂର୍ତ୍ତି ଶିବ ଜୟନ୍ତୀ ଓ ସର୍ବଧର୍ମ ସଭା



**ଛତ୍ରପୁର,୯।୩(ନି.ପ୍ର):** ଛତ୍ରପୁର ସହରରେ ଅବସ୍ଥାପିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଶାନ୍ତି ଅନୁଭୂତି ଭବନ କେନ୍ଦ୍ରରେ ପବିତ୍ର ମହାଶିବରାତ୍ରୀ ଅବସରରେ ତିନିଦିନିଆ ଈଶ୍ୱରୀୟ ସନ୍ଦେଶ ଯାତ୍ରା ଓ ପ୍ରଚାର ସଭାଯାତ୍ରା ଉଦଯାପିତ ହୋଇଯାଇଛି । ମହାଶିବରାତ୍ରୀ ଦିନ ଆଶ୍ରମରେ ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ ତ୍ରୀ-ମୂର୍ତ୍ତି ଶିବ ଜୟନ୍ତୀ ଓ ସର୍ବଧର୍ମ ସଭାର ଆୟୋଜନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଆଶ୍ରମ କୁ ଆଞ୍ଚଳିକସ୍ତରର ବିଭିନ୍ନ ଧର୍ମାନୁଷ୍ଠାନର ଧର୍ମଯାଜକ ଗୁରୁ ଓ ଅନୁଷ୍ଠାନର ମୁଖ୍ୟଙ୍କୁ ଆମନ୍ତ୍ରଣ କରାଯାଇ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଛତ୍ରପୁରର ଅତିରିକ୍ତ ତହସିଲଦାର୍ ମନୋଜ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ରି-ମୂର୍ତ୍ତୀ ଶିବଙ୍କ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିଥିଲେ । ସମ୍ମାନୀତ ଅତିଥି ଭାବେ କାର୍ମେଲ୍ କନଭେଣ୍ଟ ସ୍କୁଲର ଅଧକ୍ଷା ସିଷ୍ଟର୍ ଡୋରେଟେ, ସ୍ଥାନୀୟ ମସଜିଦର ଧର୍ମଜାଜକ୍ ଗୁରୁ ମହମ୍ମଦ ୟାସଫ ହାଜି, ଛତ୍ରପୁର ଦିବ୍ୟ ଜୀବନ ସଂଘ ତଥା ସ୍ୱାମୀ ଚିଦାନନ୍ଦ ଆଶ୍ରମର ପ୍ରତିଷ୍ଠାତା ବିପ୍ର ଚରଣ ପାତ୍ର, ଶ୍ରୀ ଅଭିରାମ ପରମହଂସଙ୍କ ପ୍ରବର୍ତ୍ତିତ ଶାନ୍ତି ଆନନ୍ଦାଶ୍ରମ ମଲ୍ଲାଡ଼ ଶାଖା ଆଶ୍ରମ ର ବାବାଜୀ ରସାନନ୍ଦ ଦାସ୍, ଛତ୍ରପୁର ପ୍ରେସ କ୍ଲବ୍ ର ସଭାପତି ରବିନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ସାମ୍ବାଦିକ କେ. ସତ୍ୟନାରାୟଣ ରେଡ୍ଡୀ, ବିଜେପି ନେତା ବି. ଶଙ୍କର ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେଛ ବ୍ରହ୍ମା କୁମାରୀ ପିଙ୍କି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବ୍ରହ୍ମା କୁମାର୍ ୱାଇ.ବାଲା କ୍ରିଷ୍ଣା ରେଡ୍ଡୀ, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।

## ମଣିଷ ପଣିଆ ଦେଖାଇଲେ ପୋଲିସ ବାବୁ

# ଆହତ ବୃଦ୍ଧଙ୍କୁ ଉଦ୍ଧାର କରି ମେଡ଼ିକାଲ ନେଲେ ଏସଡ଼ିପିଓ

**ଭଞ୍ଜନଗର,୯।୩(ନିପ୍ର):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଏସଡିପିଓ ସୁଜିତ କୁମାର ନାୟକଙ୍କ ମହାନତା, ସରକାରୀ କାମ ସାରି ତାରସିଂ ରୁ ଭଞ୍ଜନଗର ଫେରୁଥିବା ସମୟରେ ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡିଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିଜ ସରକାରୀ ଗାଡିରେ ମେଡିକାଲ ଆଣିଲେ ଏସଡିପିଓ। ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଜଣେ ପୋଲିସ ବାବୁ ଙ୍କ ଏଭଳି ମହନୀୟ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଭୁରି ଭୁରି ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।

ଶୁକ୍ରବାର ରାତି ୮ ଟାରେ ତାରାସିଂ ଥାନାରୁ କାମ ସାରି ଭଞ୍ଜନଗର କାର୍ଯ୍ୟାଳୟକୁ ଫେରୁଥିଲେ ଏସଡିପିଓ ସୁଜିତ୍ କୁମାର ନାୟକ। ଏହି ସମୟରେ ତାରାସିଂ ଥାନା ଅନ୍ତର୍ଗତ ତିଲିସିଙ୍ଗି ଠାରେ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ବୃଦ୍ଧ ପଥଚାରିଙ୍କ ମୁଣ୍ଡ ଫାଟି ଯାଇ ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖିଥିଲେ। ମଣିଷ ପଣିଆ ନଭୁଲି ତତକ୍ଷଣାତ୍ ଏସଡିପିଓ ଓ ତାଙ୍କ ସରକାରୀ ଗାଡିର ଚାଳକ ବିକ୍ରମ ରାଉତ ଏବଂ ଜଣେ ଲାଇନମ୍ୟାନ ସହାୟତାରେ ଆହତ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ଶ୍ରୀ ନାୟକ ନିଜେ ମେଡିକାଲରେ ଉପସ୍ଥିତ ରହି ବୃଦ୍ଧଙ୍କ ଚିକିତ୍ସାରେ ସହାୟତା କରିଥିଲେ। ବୃଦ୍ଧଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ବର୍ତ୍ତମାନ ସେ ଚିକିତ୍ସାଧିନ ଅଛନ୍ତ । ପଚରାଉଚରା ସମୟରେ ଆହତ ବୃଦ୍ଧ ଜଣଙ୍କ ବେଲଗୁଣ୍ଠା ବ୍ଲକ ବଡପଡା ପଞ୍ଚାୟତ ଅଧିନ ସିରିକୋଇ ଗ୍ରାମର ରବିନ୍ଦ୍ରନାଥ ସାହୁ ବୋଲି ଜଣାପଡିଛି। ବୃଦ୍ଧଙ୍କୁ ଧକ୍କା ଦେଇଥିବା ମୋଟର ସାଇକେଲ ଆରୋହୀଙ୍କୁ ଠାବ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ନାୟକ ତାରାସିଂ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟରେ ଯୋଗଦେବାର ଅଳ୍ପ ଦିନ ମଧ୍ୟରେ ଏସଡିପିଓ ଶ୍ରୀ ନାୟକଙ୍କ ଏହି ମହାନ କାର୍ଯ୍ୟ ପାଇଁ ଭଞ୍ଜନଗରର ଜନ ସାଧାରଣ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର

**ବୁଗୁଡ଼ା,୯।୩(ନି.ପ୍ର):** ସ୍ଥାନୀୟ ବଡ଼ଦାଣ୍ଡସ୍ଥିତ କାଷ୍ଠ କୋଣାର୍କ ରୂପେ ସୁପ୍ରସିଦ୍ଧ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରାଚୀନ ମନ୍ଦିରର ଉନ୍ନତିକରଣ ସକାଶେ ୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢୀ, କେ.ତ୍ରିଲୋଚନ ଦୋରା ଓ ମନୋରଞ୍ଜନ ଦାଶଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।



# ୱାକଫ୍ ଭବନ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ

କଟକ,୯।୩ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ କଟକରେ ୱାକଫ ଭବନ ନିର୍ମାଣ ନିମନ୍ତେ ଆଜି ଏହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଆଇନ,ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଫାଇଭ-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ, ଭି.କେ. ପାଣ୍ଡିୟାନଙ୍କ ପ୍ରଚେଷ୍ଟାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତବ୍ୟକ୍ତ କରିବା ସହ ବିଶେଷ କରି ସେମାନଙ୍କର ଶିକ୍ଷା ଓ ସାମାଜିକସ୍ତରରେ ସମାନତା ଉପଲବ୍ଧି ନିମନ୍ତେ ସରକାର ଆର୍ଥିକ ସହାୟତା ସହ ସ୍ୱତନ୍ତ୍ରତା ଅବଲୋକନ କରୁଛନ୍ତି ବୋଲି କହିଥିଲେ। ଓଡିଶା ବୋର୍ଡ ଅଫ ୱାକଫ ତରଫରୁ ପ୍ରତିବର୍ଷ ଏହାର ଅନ୍ତର୍ଭୁକ୍ତ ଅନୁଷ୍ଠାନ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଆସୁଛି। ରାଜ୍ୟରେ ଏହି ୱାକଫ ବୋର୍ଡ ଅଧୀନରେ ବିଭିନ୍ନ ଜିଲ୍ଲାରୁ ସର୍ବମୋଟ ୪୧୦୬ଗୋଟି ଅନୁଷ୍ଠାନ ପଞ୍ଜୀକୃତ ହୋଇଥିବାବେଳେ ଚଳିତ ବର୍ଷ ଓଡିଶା ସରକାରଙ୍କ ଅନୁମୋଦନ କ୍ରମେ ରାଜ୍ୟର ୪୪୫ଟି ୱାକଫ ଅନୁଷ୍ଠାନକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ପ୍ରକାଶ କରିଥିଲେ। ଏହି ଅବସରରେ ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ, ବାଙ୍କୀ ବିଧାୟକ ଦେବୀରଂଜନ ତ୍ରିପାଠୀ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ସିତାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏହିଭଳି ବଳିଷ୍ଠ ପଦକ୍ଷେପ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶା ୱାକଫ ବୋର୍ଡ ପ୍ରଶାସକ ସେକ୍ ନିଜାଉଦ୍ଦିନ ସଭାକାର୍ଯ୍ୟ ପରିଚାଳନା କରି ଉପସ୍ଥିତ ଅତିଥିଙ୍କ ସମେତ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଶାସନ ସଚିବ ରୂପା ରୋଶନ ସାହୁଙ୍କର ଏହି ଭବନ ନିର୍ମାଣ ନିମନ୍ତେ ସେମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର ମୁସଲମାନମାନଙ୍କର ମସଜିଦ, ମଦ୍ରାସା, କବରସ୍ଥାନ, ଦରଘା ଓ ଅନ୍ୟାନ୍ୟ ମୁସଲିମ ଅନୁଷ୍ଠାନ ଗୁଡିକର ଉନ୍ନୟ ମୂଳକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ୧୯୫୯ ମସିହାରେ କଟକସ୍ଥିତ ପୁରୁଣା ସଚିବାଳୟ ଠାରେ କମିଶନର ଅଫ ୱାକଫ ସ୍ଥାପନ କରିଥିଲେ। ଏଠାରେ ସର୍ଭେ କମିଶନର କାର୍ଯ୍ୟାଳୟ ମାଧ୍ୟମରେ ୱାକଫ ଅନୁଷ୍ଠାନ ସର୍ଭେ କାର୍ଯ୍ୟ ସମ୍ପାଦନ ସହ ଓଡିଶା ବୋର୍ଡ ଅଫ ୱାକଫ ଏବଂ ଓଡିଶା ରାଜ୍ୟ ହଜ କମିଟି କାର୍ଯ୍ୟାଳୟ ପରିଚାଳିତ ହୋଇଆସୁଥିଲା। ପ୍ରତିବର୍ଷ ରାଜ୍ୟ ହଜ କମିଟି ତରଫରୁ ଓଡିଶାର ହଜ ଯାତ୍ରୀମାନେ ଉକ୍ତ କାର୍ଯ୍ୟାଳୟରେ ଆବେଦନ କରି ସାଉଦିଆରବର ମକାମଦିନାକୁ ସହଜରେ ଯାତ୍ରା କରିଥାନ୍ତି। ଚଳିତ ବର୍ଷ ମଧ ହଜ ଯାତ୍ରା ପାଇଁ ୫୮୬ଜଣ ଯାତ୍ରୀ ଆବେଦନ କରିଛନ୍ତି। ଉକ୍ତ କାର୍ଯ୍ୟାଳୟ ୱାକଫ ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୬କୋଟି ୭୪ଲକ୍ଷ ୨୪ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକୁ ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ କଟକ, ପ୍ରଭାଗ-୧ଙ୍କ ଦ୍ୱାରା ୧୧ମାସ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି ବୋଲି ସର୍ବେକ୍ଷଣ ୱାକଫ ଆୟୁକ୍ତ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓଡ଼ିଶା ୱାକଫ ବୋର୍ଡ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜ୍ୟ ହଜ କମିଟି ପୂର୍ଣ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପୂର୍ବକ ଆଜିର ଏହି ଶିଳାନ୍ୟାସ ଅବସରରେ ସୂଚନା ପ୍ରଦାନ କରିବା ସହ ରାଜ୍ୟସରକାରଙ୍କ ଦ୍ୱାରା ଏହି ଭବନ ନିର୍ମାଣ ସମ୍ବନ୍ଧୀୟ ପଦକ୍ଷେପ ସ୍ୱରୂପ ନିଆଯାଇଥିବା ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ରାଜ୍ୟସରକାରଙ୍କୁ ବିଶେଷ କରି ମୁଖ୍ୟମନ୍ତ୍ରୀ ଏବଂ ଫାଇଭ-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ରାଜନଗର, ୯।୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଈଶ୍ୱରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୀଣାପାଣି ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଦୋନ୍ନତି ପାଇ ସେ ଆସନ୍ତା ସୋମବାର ଠାରୁ ଅନୁଗୁଳ ଜିଲ୍ଲାର ସହକାରୀ ଜିଲ୍ଲାପାଳ ଭାବେ ଯୋଗ ଦେବେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେବାର ଦେଢ ବର୍ଷ ପରେ ସେ ଶିକ୍ଷକତା ଚାକିରୀ ଜୀବନରୁ ଅବ୍ୟାହତି ନେଇଛନ୍ତ। ଏହି ସମୟ ମଧ୍ୟରେ ବୀଣାପାଣି ନୋଡାଲ୍ ଉଚ୍ଚ ବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ କରି ବେଶ୍ ପ୍ରଶଂସା ଲାଭ କରିପାରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେବା ପରେ ବିଦ୍ୟାଳକୁ ସରସ ସୁନ୍ଦର କରି ଗଢି ତୋଳିବାକୁ ପ୍ରୟାସ କରିଥିଲେ। ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ସହ ସବୁଜିମାମୟ କରିବାକୁ ପ୍ରୟାସ କରିଥିଲେ। ୪ଟି ସ୍ମାର୍ଟ କ୍ଲାସ୍ ରୁମ୍ ପ୍ରତିଷ୍ଠା ସହ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଆସୁଥିଲେ।ଏହି ଅବସରରେ ବରିଷ୍ଠ ଶିକ୍ଷକ ସୀତାକାନ୍ତ ରାଉଳ, କ୍ଷିତିଶ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ତରାଇ, ମହେଶ୍ୱେତା ଶତପଥୀ, ହେମଲତା ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପଦୋନ୍ନତି ପାଇଁ ଅଭିନନ୍ଦନ ଜଣାଇବା ସହ ଭାବବିହ୍ୱଳ ପରିବେଶରେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

### ସୂଚନା ସେବା କ୍ୟାଡ଼ରର ପୁନର୍ବିନ୍ୟାସ

## ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲା ସୂଚନା ସେବା ଅଧିକାରୀ ସଂଘ

ଭୁବନେଶ୍ୱର,୯।୩ (ନି.ପ୍ର): ଓଡ଼ିଶା ସୂଚନା ସେବା କାଡ଼ରର ପୁନର୍ଗଠନ କରି ବିଭିନ୍ନ ସ୍ତରରେ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇ ଥିବାରୁ ସୁଚନା ସେବା କ୍ୟାଡ଼ରର ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ଦ୍ୱାରା ସୂଚନା ସେବା କ୍ଷେତ୍ରରେ ଅଧିକ ଦକ୍ଷତା ଆସିବା ସହିତ ଅଧିକାରୀ ମାନେ ଅଧିକ ଉତ୍ସାହ ଓ ପ୍ରତିବଦ୍ଧତାର ସହ ସରକାରଙ୍କ ବିଭିନ୍ନ ଉନ୍ନୟନ ଓ କଲ୍ୟାଣ ଯୋଜନାର ପ୍ରଚାର ପ୍ରସାରରେ ବ୍ରତୀ ହେବେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ଏବେ ରୂପାନ୍ତର ପଥରେ ଆଗେଇ ଚାଲିଛି । ଏହା ରାଜ୍ୟର ସବୁ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି ବୋଲି ସୂଚନା ଅଧିକାରୀ ମାନେ ପ୍ରକାଶ କରିଛନ୍ତି । ବିଭାଗୀୟ ଅଧିକାରୀ ୫-ଟି ଉପକ୍ରମରେ ଅଧିକ ନିଷ୍ଠାର ସହ ସମର୍ପିତ ହୋଇ କାମ କରିବେ ବୋଲି କହିଛନ୍ତି । ସୂଚନା ସେବା ଅଧିକାରୀ ମାନେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ ସିଂହଙ୍କୁ ମଧ ଧନ୍ୟବାଦ୍ ଜଣାଇଛନ୍ତି ।

## ରାଜ୍ୟସ୍ତରୀୟ ଫୁଟବଲ୍ ସେମିରେ ଆୟୋଜକ ଡିଫା

ଧର୍ମଶାଳା,୯।୩ (ନି.ପ୍ର): ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାଣିପୀଠ ପଡିଆରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟରେ ଆଜି ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ନେତାଜି କ୍ଲବ ରାଜକନିକାକୁ ପରାସ୍ତ କରି ଆୟୋଜକ ଡିଫା ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚର ପ୍ରଥମାର୍ଦ୍ଧରେ ଡିଫା ୨ଟି ଗୋଲ ଦେଇଥିବା ବେଳେ ରାଜକନିକା ଗୋଟିଏ ଗୋଲ ଦେଇଥିଲା । ଦ୍ୱିତୀୟାର୍ଦ୍ଧରେ ଡିଫା ଧର୍ମଶାଳା ୩ଟି ଗୋଲ ସ୍କୋର କରିଥିଲେ । ଡିଫା ଟିମର ସେକ ଆସିକ ୨ଟି, ସୋମନାଥ ମହାନ୍ତି ୨ଟି ଓ ସେକ ବଂଟି ଗୋଟିଏ ଗୋଲ ଦେଇଥିଲେ । ସେହିପରି ନେତାଜୀ କ୍ଲବ ରାଜକନିକାର ପ୍ରଦେଶ ନାୟକ ଗୋଟିଏ ଗୋଲ ଦେଇଥିଲେ । ଡିଫାର ସୋମନାଥ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସେକ ଆସିକକୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା । ଅତିଥି ଭାବେ ପ୍ରଧାନ ଶିକ୍ଷକ କମଳାକାନ୍ତ ବେହେରା ଓ ଅମ୍ବୁଜ କୁମାର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଚିତରଞ୍ଜନ ଓଝା ପରିଚାଳନା କରିଥିବା ବେଳେ ସେକ ମକିମ ଓ ଶୈଳେଶ ପାଣି ଲାଇନରେ ସହାୟତା କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ଡିଫା ଧର୍ମଶାଳା ଓ ୟୁନାଇଟେଡ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫାର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

## ଶଙ୍ଖ ଛାଡ଼ି ହାତ ଧରିଲେ ସମିତି ସଭ୍ୟ ପ୍ରଶାନ୍ତ

ରାଜନଗର,୯।୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବିଜେଡ଼ି ସମର୍ଥିତ ବାଲିସାହିପାଟଣା ସମିତି ସଭ୍ୟ ତଥା ଜିଲ୍ଲା ଯୁବ ବିଜେଡ଼ି ଉପସଭାପତି ପ୍ରଶାନ୍ତ କୁମାର ରାଉତ ବିଜେଡ଼ି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀ ରେ ନିଜର ମତ ବ୍ୟକ୍ତ କରି ସେ କହିଛନ୍ତି ବିଜେଡିରୁ ସେ ଦୁଇ ଦୁଇ ଥର ସମିତି ସଭ୍ୟ ହେବା ସହ ବିଧାୟକଙ୍କ ଆଗ ଧାଡିର କର୍ମୀ ଥିଲେ । ଏହି ସମୟ ଭିତରେ ଦଳ ହାୱାରେ ଅନେକ ନିଜ ପାଇଁ ବହୁତ କିଛି ଫାଇଦା ହାସଲ କରିନେଇଛନ୍ତି। ହେଲେ ତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଇ ନଥିବାରୁ ସେ ଅଣନିଶ୍ୱାସୀ ହୋଇପଡିଥିଲେ। ତେଣୁ ବିଜେଡ଼ି ଛାଡ଼ିବା ଛଡ଼ା ତାଙ୍କ ପାଖରେ ଅନ୍ୟ ଉପାୟ ନଥିବାରୁ ସେ ହାତ ଧରିବାକୁ ବାଧ ହେଲେ। ସେ କଂଗ୍ରେସରେ ରହି ସଂଗଠନ ପ୍ରତି ଗୁରୁତ୍ୱ ଦେବେ ବୋଲି ସାମ୍ବାଦିକ ସମ୍ମୀଳନିରେ ମତ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ପ୍ରଶାନ୍ତ ରାଉତ ୨୦୧୪ମସିହାରେ କଂଗ୍ରେସ ଛାଡି ବିଜେଡିରେ ମିଶିଥିଲେ, ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ପୁନରାୟ ଘରବାହୁଡା ହୋଇ କଂଗ୍ରେସରେ ଯୋଗଦେଇଛନ୍ତି ।

## ଜାତୀୟ ମେଧା ବୃତ୍ତିରେ ନୁରୀ ବିନତଙ୍କ କୃତିତ୍ୱ

କାକଟପୁର, ୯।୩ (ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ ରସୁଲପୁର ଗ୍ରାମର ଅବସର ପ୍ରାପ୍ତ ଯୁଗ୍ମ ସମ୍ପାଦକ ରାଜସ୍ୱ ଓ ଅବକାରୀ ବିଭାଗ ଅଧିକାରୀ ସ୍ୱର୍ଗତ ମହମ୍ମଦ ସଫିଉଲ୍ଲାଙ୍କ ସୁପୁତ୍ର ମହମ୍ମଦ ସେହେନସା ଓ ପୁତ୍ରବଧୂ ଅଖତରୀ ବେଗମଙ୍କ କନ୍ୟା ନୁରୀ ବିନତ୍ ସେହେନସା ପାଇଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରସୁଲପୁର ଆଜି ଗର୍ବିତ । ଅଷ୍ଟମ ଶ୍ରେଣୀ ଛାତ୍ରୀ ନୁରୀ ବିନତ୍ ସେହେନ୍ସା ଚଳିତ ବର୍ଷ ପୁରୀ ସ୍ୱର୍ଗଦ୍ୱାର ସୁଖଲତା ମେମରିଆଲ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ (NMMS) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିବା ସହ ବିଦ୍ୟାଳୟର ନାମକୁ ଆଗକୁ ନେବାରେ ସଫଳତା ଲାଭ କରିଛନ୍ତି । ଛାତ୍ରୀଙ୍କ ମାତା , ପିତା ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସକିଲ୍ଲ ଅହମ୍ମଦ ଏଥିପାଇଁ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି । ପୁରୀ ଜିଲ୍ଲା ସମେତ ନିଜ ଅଞ୍ଚଳ କାକଟପୁର ରସୁଲପୁର ମଧ ଏଥିପାଇଁ ଗର୍ବିତ । ନୁରୀ ବିନତ୍ ସେହେନ୍ସା ଚଳିତ ବର୍ଷ ୨୦୨୪ ପୁରୀ ଜିଲ୍ଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରସୁଲପୁରର ଛାତ୍ରୀ ଅଷ୍ଟମ ଶ୍ରେଣୀରେ ଉଦ୍ଦିଷ୍ଟ National Means Cum Merit Scholarship ( NMMS) ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ନୁରୀ ବିନତ୍ ସେହେନ୍ସା ଛାତ୍ରୀ ଜଣଙ୍କ ପିଲାଟି ଦିନରୁ ମେଧାବୀ ଅଟନ୍ତି । ସେ ତୃତୀୟ ଶ୍ରେଣୀ ୨୦୧୯ରେ ଗରୀମା ଆୱାର୍ଡ , ଷଷ୍ଠ ଶ୍ରେଣୀ ୨୦୧୯ରେ ପଠାଣି ସାମନ୍ତ ମେଧାବୃତ୍ତି ମଧ ପାଇଛନ୍ତି । ୨୦୨୪ରେ ଜାତୀୟ ମେଧା ବୃତ୍ତି ପାଇବା ପରେ କାକଟପୁର ଅଞ୍ଚଳରୁ ସ୍ଥାନୀୟ ଶୁଭେଚ୍ଛା ବୃନ୍ଦ, ଶିକ୍ଷକ , ପରିବାରବର୍ଗ ତଥା ସହପାଠୀ ସାଙ୍ଗସାଥି ମଧ୍ୟରେ ଖୁସିର ଲହରୀ ସୃଷ୍ଟି ହୋଇଛି । ଶିକ୍ଷକ ଶିକ୍ଷୟତ୍ରୀ, ପିତାମାତାଙ୍କ ସହଯୋଗ ପାଇଁ ଆଜି ସଫଳ ହୋଇଛନ୍ତି ବୋଲି ମତାମତ ଦେଇଛନ୍ତି ମେଧାବୀ ଛାତ୍ରୀ ନୁରୀ ବିନ୍ ସେହେନ୍ସା । ଭବିଷ୍ୟତରେ ଆଇଏସ୍ ହେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଗଣ ମାଧ୍ୟମ ଅଗରେ ପ୍ରକାଶ କରିଛନ୍ତି ।

## ପାଟକୁରାରେ ବିଜେପିର ଲୋକପ୍ରିୟତା ବଢାଉଛନ୍ତି ମନୀଷା



କେନ୍ଦ୍ରାପଡା, ୯।୩ (ନି.ପ୍ର): ବିଭିନ୍ନ ବିଧାନସଭା କ୍ଷେତ୍ର ପାଇଁ ମାଟିର ସନ୍ତାନକୁ ପ୍ରାର୍ଥୀ କରିବା କଥା। କିନ୍ତୁ ଜିଲ୍ଲାର କେନ୍ଦ୍ରାପଡା ଓ ପାଟକୁରା ବିଧାନସଭା ଆସନରେ ବିଜେଡି ଅନ୍ୟ ଅଞ୍ଚଳର ଲୋକଙ୍କୁ ପ୍ରାର୍ଥୀ କରାଇବା ହେତୁ ଅଞ୍ଚଳବାସୀଙ୍କ ସହ ଆଶାଜନକ ସମ୍ପର୍କ ଓ ସେବା କରିବା ଜଟିଳ ହେଉଛି। ଦଳରେ ପାଟକୁରା ବିଧାନସଭା କ୍ଷେତ୍ରରେ ଶାସକ ଦଳ ବିରୁଦ୍ଧରେ ଅସନ୍ତୋଷ, ଗୋଷ୍ଠୀ କନ୍ଦଳ ବଢୁଥିବାବେଳେ ବିଜେପିର ବିଜୟ ମହାପାତ୍ର, ତେଜେଶ୍ୱର ପରିଡା ସାଙ୍ଗକୁ ଉଚ୍ଚ ଶିକ୍ଷିତା ମହିଳା ମନୀଷା ପଣ୍ଡା ସଙ୍ଗଠନକୁ ସୁଦୃଢ କରୁଥିବା ଦେଖାଯାଉଛି। ଗତ କିଛି ବର୍ଷ ଭିତରେ ପାଟକୁରା ଅଞ୍ଚଳରେ ବିଜେପିର ଯୁବନେତା ତେଜେଶ୍ୱର ପରିଡା, ବିକ୍ରମ ରାଉତରାୟ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ଗାଁ ଗାଁ ବୁଲିଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକଙ୍କ ଅସୁସ୍ଥତା ଏବଂ ତାଙ୍କ ପ୍ରତିନିଧିଙ୍କ ସ୍ୱତନ୍ତ୍ର ଗୋଷ୍ଠୀ ସକ୍ରିୟ ରହିବା ନେଇ ଦଳରେ ଗୋଷ୍ଠୀ କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ଦଳର ଜିଲ୍ଲା ସଭାପତି ତଥା ଏହି ବିଧାନସଭା କ୍ଷେତ୍ରର ନେତା ପୂର୍ବ ବିଧାୟକ ଉତ୍କଳ କେଶରୀ ବିଧାୟକଙ୍କ କାର୍ଯ୍ୟଶୈଳୀକୁ ଘୋର ବିରୋଧ କରିଛନ୍ତି। ସେହିପରି ବିଜେଡିକୁ ଅଧିକତର ମହିଳାମାନେ ଭୋଟ ଦେଇଥାନ୍ତି। ଏହି ମହିଳାଙ୍କ ସିଧା ସମ୍ପର୍କ ରଖିବାକୁ ବିଜେପିର କେହି ସ୍ଥାନୀୟ ନେତ୍ରୀ ଉଦ୍ୟମ କରିନଥିବାବେଳେ ଗତ ୨ ବର୍ଷ ହେଲା ମନୀଷା ପଣ୍ଡା ସେ ସ୍ଥାନ ପୂରଣ କରିଛନ୍ତି। ହାଇକୋର୍ଟର ଜଣେ ଆଡଭୋକେଟ ଥିବାରୁ ମହିଳା ଓ ଗରିବଙ୍କୁ ସରକାରୀ ସୁବିଧା ଓ ନ୍ୟାୟ ଦେବାରେ ସେ ସମର୍ଥ ହୋଇଛନ୍ତି। ଅତି ସାଧାସିଧା ଓ ନମ୍ର ମେଳାପୀ ହୋଇଥିବାରୁ ମହିଳା, ଦଳିତ, ଗରିବ, ଅସହାୟ ବର୍ଗର ନିରାଶ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକ ସହାୟତା କରି ଲୋକପ୍ରିୟ ହୋଇଛନ୍ତି। ମନୀଷା ପଣ୍ଡାଙ୍କ ପ୍ରୟାସରେ ମହିଳାମାନେ ଆତ୍ମବିଶ୍ୱାସର ସହ ବିଜେପିକୁ ଖୋଲା ସମର୍ଥନ କରିଚାଲିଛନ୍ତି। ତେବେ ବିଜୟ ମହାପାତ୍ରଙ୍କ ଭୋଟ ବ୍ୟାଙ୍କ ଏହି ଆସନରୁ ଭୋଟ ଜିତିବାକୁ ଯଥେଷ୍ଟ ହେଉନଥିବାବେଳେ ମନୀଷା ପଣ୍ଡାଙ୍କ ପ୍ରତି ସାଧାରଣରେ ଯେଉଁପରି ଜନ ସମର୍ଥନ ବଢୁଛି ଆଗାମୀ ଦିନରେ ମନୀଷା ପ୍ରଥମ ଦାବୀଦାର ଭାବେ ଦଳୀୟ ପ୍ରାର୍ଥୀ ହେବା ଅନୁମାନ କରାଯାଉଛି।

## ପୂର୍ବ ଶତ୍ରୁତାକୁ ନେଇ ମାଡପିଟ, ଜଣେ ଗିରଫ

ଧର୍ମଶାଳା,୯।୩ (ନି.ପ୍ର): ଧର୍ମଶାଳା ଥାନା ଖରିପଡିଆ ଗ୍ରାମରେ ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ୮ ତାରିଖ ରାତିରେ ମାଡପିଟ ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଜାଗର ଯାତ୍ରା ପାଇଁ ସ୍ଥାନୀୟ ଶିବମନ୍ଦିରରେ ଗୌରାଙ୍ଗ ବେହେରା, ବିକାଶ ନାୟକ ଓ ରାଜ କିଶୋର ନାୟକ ମଣ୍ଡପରେ ବସି ବ୍ୟବସ୍ଥା କରୁଥିବା ବେଳେ ସେହି ଗ୍ରାମର କେତେକ ଯୁବକ ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ସେଠାରେ ପହଁଚି ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ଗୌରାଙ୍ଗ ସମେତ ୩ ଜଣ ଗୁରୁତର ଆହତ ହୋଇଥିଲେ । ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ଚିକିତ୍ସା ପରେ ଆହତ ଗୌରାଙ୍ଗ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପୋଲିସ ୧୮୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନିକଟସ୍ଥ ଡେରାବର ଗ୍ରାମର ଚନ୍ଦେନେଶ୍ୱର (୨୩)କୁ ଗିରଫ କରିଥିଲା ।ଅପରାହ୍ନରେ କୋର୍ଟକୁ ଚାଲାଣ କରାଯାଇଛି ।

## ରାମେଶ୍ୱର ମନ୍ଦିରରେ ସାମୂହିକ ବ୍ରତୋପନୟନ

ସୁବର୍ଣ୍ଣପୁର,୯।୩ (ନି.ପ୍ର): ପବିତ୍ର ମହା ଶିବରାତ୍ରି ଅବସରରେ ଦ୍ୱିତୀୟ ବାରାଣସୀ କୁହାଯାଉଥିବା ସୋନପୁରର ପ୍ରସିଦ୍ଧ ଶ୍ରୀ ରାମେଶ୍ୱର ଶୈବପୀଠ ଠାରେ ସାମୂହିକ ବ୍ରତପୋନୟନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ଏହି ଉତ୍ସବର ସମସ୍ତ ଆୟୋଜନ ଓ ତଦାରଖର ଦାୟିତ୍ୱ ସୋନପୁରର ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ତାଙ୍କ ଧର୍ମ ପତ୍ନୀ ମୈଥିଳୀ ମଲ୍ଲିକ ନେଇ ଆସୁଛନ୍ତି। ପ୍ରତିବର୍ଷ ବିଭିନ୍ନ ଅଞ୍ଚଳର ଆଠ ରୁ ଦଶ ଜଣ ଗରିବ ବ୍ରାହ୍ମଣ ପରିବାରର ପିଲାମାନଙ୍କୁ ମାଗଣାରେ ବ୍ରତ କରାଯାଉଥିବା ବେଳେ ଏ ବର୍ଷ ୧୧ ଜଣ ବାଳକଙ୍କୁ ସାମୂହିକ ବ୍ରତ କରାଯାଇଛି। ପୁରୀ ଶ୍ରୀ ରାମଜୀ ମଠ ର ମହନ୍ତ ବଂଶୀଧର ଦାଶ ଜୀ ମହାରାଜ ଯୋଗଦେଇ ଏହି ବାଳବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଆଶୀର୍ବାଦ ପ୍ରଦାନ କରି ନିଃସହାୟ ବ୍ରାହ୍ମଣ ପିଲାମାନଙ୍କ ସାମୂହିକ ବ୍ରତ ପାଳନ ହିଁ ଅସଲ ମାନବୀୟ ଧର୍ମ ବୋଲି ମତ ରଖି ଏହି ଉତ୍ସବର ଆୟୋଜକ ଶ୍ରୀ ମଲ୍ଲିକଙ୍କ ବଦାନ୍ୟତା ଓ ମହାନତାକୁ ପ୍ରଶଂସା କରିଥିଲେଛ ।ପଣ୍ଡିତ ବେଦବ୍ୟାସ ମିଶ୍ର, କାଳିଚରଣ ମିଶ୍ର, ଆଶିଷ ମିଶ୍ର, ରାମାନୁଜ ପୂଜାରୀ, ଆନନ୍ଦ ପୂଜାରୀ, ବାସୁଦେବ ଶତପଥୀ, ନୀଳମଣି ଓତା, ବିଦେଶୀ ବାବୁ, ମଧୁ ଦାଶ, କରୁଣାକର ରଥ, ଟଙ୍କଧର ମିଶ୍ର ପ୍ରମୁଖ ପଣ୍ଡିତମାନେ ପୂଜା କାର୍ଯ୍ୟ କରିଥିଲେଛ ସହର ର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ସମାଜସେବୀ ଓ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଏଠାରେ ଯୋଗଦାନ କରି ବାଳ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ କରି ସାମୁହିକ ପ୍ରସାଦ ସେବନ କରିଥିଲେ ।

## ବନାଞ୍ଚଳ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ, ୯।୩ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ଗଙ୍ଗାଦେବୀ ନିକଟରେ ଓଡିଶା ଫରେଷ୍ଟ ରେଞ୍ଜରସ ଅନୁଗୁଳର ବନାଞ୍ଚଳ ଅଧିକାରୀ ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଓଡିଶା ଫରେଷ୍ଟରେଞ୍ଜରସ ଅନୁଗୁଳ ର ୪୬ଜଣ ବନାଞ୍ଚଳ ଅଧିକାରୀଙ୍କୁ ଅସ୍ତରଙ୍ଗ ବନବିଭାଗ ଅଧୀନଥିବା ମେଗାନର୍ସରୀ, ଗଙ୍ଗାଦେବୀ ନିକଟରେ ଥିବା ମ୍ୟାଗ୍ରୁଭ୍ରୁ ରିଟ୍ରେଟ ସହ ଝାଉଁ ନର୍ସରୀ,ଲୁଣା ନର୍ସରୀ ସହ ଅଲିଭି ରିଡଲେ କଇଁଛ ସୁରକ୍ଷା ସମ୍ବନ୍ଧିୟ ପ୍ରଶିକ୍ଷଣ ଅସ୍ତରଙ୍ଗ ବନାଞ୍ଚଳଅଧିକାରିଣୀ ମୋନାଲିସା ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅସ୍ତରଙ୍ଗ ଅଞ୍ଚଳ ସୌନ୍ଦର୍ଯ୍ୟବୁଲି ଦେଖିବା ସହ ବନବିଭାଗ ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରେନିଂ କଲେଜର ଅଧିକାରିଣୀ ତଥା ଉପବନ ସଂରକ୍ଷକ କଳ୍ପନାମୟୀ ଶତପଥୀ, ଅମୁଲ୍ୟ କୁମାର ପରିଡା, ବନପାଳ ସବୀର କୁମାର ସାହୁ, ବିରଜା ମହାପାତ୍ର, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଲାମୁଣ୍ଡା ଶୈବପୀଠରେ ବ୍ୟାପକ ସମସ୍ୟା

ଗୋଲାମୁଣ୍ଡା, ୯।୩ (ନି.ପ୍ର): ମହାଶିବରାତ୍ରି ପାଇଁ ଗୋଲାମୁଣ୍ଡା ବ୍ଲକରେ ଅନେକ ଶୈବ ପୀଠରେ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳି ଥିବା ବେଳେ ଫରଙ୍ଗ ପଞ୍ଚାୟତ ଅଧିନରେ ଥିବା ଗଦଲା ଧବଳେଶ୍ୱର ଶୈବ ପୀଠ ଅନ୍ୟତମ । ଏହା ଚୁରା ପାହାଡ ନିକଟରେ ଅବସ୍ଥିତ। ପ୍ରତିବର୍ଷ ମହା ଶିବରାତ୍ରିରେ ଜିଲ୍ଲା ବାହାରୁ ମଧ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳେ। ଚଳିତ ବର୍ଷ ଭକ୍ତଙ୍କ ସମାବେଶରେ ଗୋଲାମୁଣ୍ଡା ଥାନା ଓ ଦଶପୁର ପୋଲିସ ପ୍ରଶାସନ, ଅଗ୍ନିଶ୍ରମ ବିଭାଗ ଓ ସେଚ୍ଛାସେବୀଙ୍କ ପକ୍ଷରୁ ବେଶ୍ ସହାୟତା ଯୋଗାଇ ଦିଆଯାଇଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ରାଜ୍ୟ ସରକାର କୋଟି କୋଟି ଟଙ୍କା ପ୍ରଦାନ କରିଥିଲେ ମଧ ଅନେକ ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହୋଇଛି। ରାସ୍ତା, ଶୌଚାଳୟ, ଅତିଥି ବିଶ୍ରାମ ଗୃହ, ପାହାଡ ଚଢିବା ପାଇଁ ପାଉଁଚ, ବେରିକେଡ, ବାଗ ବାହାଲ ଓ କୋଟ୍ରା ଚୁଆରୁ ମନ୍ଦିରକୁ ସଂଯୋଗ କରୁ ଥିବା ରାସ୍ତା ତିଆରି ଇତ୍ୟାଦ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ମୁଖ୍ୟ ରାସ୍ତା ଅଣ ଉସାରିଆ ଥିବା ହେତୁ ଯାତାୟତ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦୁଇ କିଲୋ ମିଟର ମଧ୍ୟରେ ପାର୍କିଂସ୍ଥଳ ଥିବାରୁ ପ୍ରଚଣ୍ଡ ରୌଦ୍ରତାପରେ ଛୋଟ ଛୋଟ ଛୁଆ ଓ ମହିଳା ଯିବା ଆସିବା କରିବା ପାଇଁ ନାହିଁ ନ ଥିବା ସମସ୍ୟା ଦେଖା ଦେଇଥିଲା। ତେଣୁ ଉପରୋକ୍ତ ସମସ୍ୟା ର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଡେଲାଙ୍ଗ,୯।୩, (ନି.ପ୍ର): ନେହୃରୁ ଯୁବ କେନ୍ଦ୍ର,ପୁରୀ ଓ ଇଣ୍ଟେଲେକଚୁଆଲ କ୍ଲବ, ଘୋରଡ଼ିଆ, ଡେଲାଙ୍ଗ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ଡେଲାଙ୍ଗ ଷ୍ଟେସନ ବଜାର ସନ୍ନିକଟ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତୀୟ ମହିଳା ଦିବସ ବିଗତ ୧୯୧୧ ମସିହାରୁ ପାଳନ ହୋଇ ଆସୁଥିବା ବେଳେ ବର୍ତ୍ତମାନ ଏହି ଦିବସର ଯଥାର୍ଥତା ସମସ୍ତେ ଅନୁଭବ କରି ପାରୁଛନ୍ତି । ମହିଳା ମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ ତଥା ଦେଶ ଓ ବିଶ୍ୱ ସ୍ତରରେ ସେମାନଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମହିଳା ମାନଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା, ଅଭିଜ୍ଞତା ସହିତ ସକାରାତ୍ମକ ମନୋଭାବ ରହିଛି । କାର୍ଯ୍ୟାଳୟ ହେଉ କ ପରିବାର ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ । କେବଳ ଆଜିର ଦିନରେ ଉତ୍ସବ ପାଳନ କରିବା ସମ୍ମାନ ଦେବା ଉଚିତ୍ ନୁହେଁ, ବରଂ ସବୁ ଠାରେ ସବୁ ସମୟରେ ମହିଳା ମାନଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ମିଳିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମୋ ଭାରତ ବିକଶିତ ଭାରତ -ନାରୀ ଶକ୍ତି ଫିଟନେସ ରନ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳା ମାନଙ୍କୁ ନେଇ ୫ଶହ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତିଷ୍ଠାନର ଛାତ୍ରୀ ଅଭିଲିପ୍ସା ଜେନା ପ୍ରଥମ, ସୁଜାତା ବେହେରା ଦ୍ୱିତୀୟ,, ଶୀତଲ ପାଣି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅନୁଷ୍ଠାନ ପକ୍ଷରୁ ଟି-ସାର୍ଟ, କ୍ୟାପ,କଫି ଯଗ,ହ୍ୟାଣ୍ଡବ୍ୟାଣ୍ଡ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡ଼ିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମାଜସେବୀ ତଥା ସାରସ୍ୱତ ସାଧିକା ଜ୍ୟୋସ୍ନାମୟୀ ସ୍ୱାଇଁ, ଆର ଆଇଏସଡି ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ପୁର୍ଣ୍ଣେନ୍ଦୁ ପ୍ରଧାନ, ଡାଇରେକ୍ଟର ରୋଜାଲିନ ସ୍ୱାଇଁ, ପ୍ରିୟବ୍ରତ ପ୍ରଧାନ, ସେକ୍ରେଟାରୀ ଶ୍ୟାମଳିମା ରାଉତ, ଶିକ୍ଷୟତ୍ରୀ ଲିଜା ତାଡ଼, ପ୍ରତିଭା ମହାରଣା ପ୍ରମୁଖ ଆଜିର ଥିମ ଶୀର୍ଷକ ମହିଳାମାନଙ୍କ ବିକାଶ କାର୍ଯ୍ୟରେ ବିନିଯୋଗ କରନ୍ତୁ, ପ୍ରଗତି ତ୍ୱରାନ୍ୱିତ କରନ୍ତୁ । ଲିଙ୍ଗଗତ ସମାନତା ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଥିମ୍ ମହିଳା ଶିକ୍ଷା, ସ୍ୱାସ୍ଥ୍ୟସେବା, ଅର୍ଥନୈତିକ ସଶକ୍ତିକରଣ ଏବଂ ନେତୃତ୍ୱ ବିକାଶରେ ବିନିଯୋଗର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱ ଦେଇଥାଏ ।'ମହିଳାମାନେ ହେଉଛନ୍ତି ସମାଜର ପ୍ରକୃତ ସ୍ଥାପତ୍ୟ । ଶେଷରେ ମହିଳା ଯୁବତୀ ମାନେ ପରସ୍ପରକୁ ମିଠା ଖୁଆଇ ଉତ୍ସାହର ସହିତ ଏହି ମହିଳା ଦିବସ ପାଳନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଶ୍ରୀ ଧାଉଡ଼ିଆ କାର୍ଯ୍ୟକ୍ରମର ସଫଳତା ନେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା



କାକଟପୁର, ୯।୩ (ନି.ପ୍ର): ଶୁକ୍ରବାର ଥିଲା ଫାଲଗୁନ କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ତିଥି । ପ୍ରତେକ ଶିବ ମନ୍ଦିରରେ ପାଳିତ ହୋଇଥିଲା ଜାଗର ଯାତ୍ରା । ଏଥିପାଇଁ ପ୍ରାଚୀ ଉପତ୍ୟକାର କପିଳେଶ୍ୱର, ବେଲେଶ୍ୱର, ଗୋକର୍ଣ୍ଣେଶ୍ୱର, ଶୋଭନେଶ୍ୱର, ରାମେଶ୍ୱର, ଅଙ୍ଗେଶ୍ୱର,ଅମରେଶ୍ୱର, ବନ୍ଦେଶ୍ୱର, ଇଶାନେଶ୍ୱର, ପୂର୍ଣେଶ୍ୱର, ଗ୍ରାମେଶ୍ୱର, ନାଟେଶ୍ୱର, ସିଦ୍ଧେଶ୍ୱର, ମୁକ୍ତେଶ୍ୱର,ବୁଢ଼ାଲିଙ୍ଗ,ହରଗଣେଶ୍ୱର, ନୀଳକଣ୍ଠେଶ୍ୱର,ସମେଶ୍ୱର,ବୁଦ୍ଧେଶ୍ୱର, ଶଙ୍କରେଶ୍ୱର, ଦିଗମ୍ବରେଶ୍ୱର,ଈଶ୍ୱରନାଥ, ଗୁଡୁବଣାଇଁ ନୀଳକଣ୍ଠେଶ୍ୱରଙ୍କ ପୀଠରେ ୩୨ ତମ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶିବ ମନ୍ଦିରରେ ଜାଗର ଯାତ୍ରା ପାଇଁ ଭକ୍ତମାନଙ୍କ ଭିଡ଼ ପ୍ରାତଃରୁ ଆରମ୍ଭ ହୋଇଯାଇଥିଲା । ଭକ୍ତମାନେ ଠାକୁରଙ୍କୁ ଦର୍ଶନକରି ଭୋଗ ଲାଗି କରିଥିଲେ । ସଂଧ୍ୟାରୁ ହଜାର ହଜାର ଭକ୍ତ ପ୍ରତେକ ମନ୍ଦିର ପରିସର ରେ ଦୀପ ଜାଳି ରାତି ଉଜାଗର ରହିଥିଲେଛ କାକଟପୁର ସ୍ଥିତ ସୋମେଶ୍ୱର ଶମ୍ଭୁ ପୀଠରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା । ସେବକ ସମିତି ଓ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତ ମାନଙ୍କ ନିମନ୍ତେ ପଣା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଶୈବ ଭକ୍ତମାନଙ୍କ ଦ୍ୱାରା ଅଷ୍ଟପ୍ରହରୀ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ,ନାମଯଜ୍ଞ କରାଯିବାସହିତ ଭକ୍ତଙ୍କ ସୁବିଧା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା । ବିଳମ୍ବିତ ରାତିରେ ମନ୍ଦିର ଚୁଡ଼ାକୁ ମହାଦୀପ ଉଠିବା ପରେ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ । ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଜାଗର ଯାତ୍ରା ପାଇଁ ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଥିଲାଛ ଓଁ ନମଃ ଶିବାୟଃ ଧ୍ୱନିରେ ପ୍ରକମ୍ପିତ ହୋଇ ପଡ଼ିଥିଲା ପୁର ଠାରୁ ପଲ୍ଲୀ ।

କୋଣାର୍କ, ୯।୩ (ନି.ପ୍ର): ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀ ଶ୍ରୀ ବାଲିକପିଳେଶ୍ୱରଙ୍କ ପୀଠରେ ପବିତ୍ର ଜାଗର ଅମାବାସ୍ୟା ଓ ମହାଶିବରାତ୍ରୀ ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ପରିଲିଖିତ ହୋଇଥିଲା । ସେବାୟତ ସଙ୍ଘ ପକ୍ଷରୁ ମହାପ୍ରଭୁଙ୍କ ବିଭିନ୍ନ ନିତିକାନ୍ତି ପାଳନ ପୂର୍ବକ ଜାଗର ଯାତ୍ରା ଆରମ୍ଭ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପୂର୍ବକ ବ୍ୟାରିକେଡ଼ ବ୍ୟବସ୍ଥାରେ ଶୃଙ୍ଖଳିତ ଭାବେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ସକାଳୁ ଦର୍ଶନ ଲାଗି ରହିଥିଲା । ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲାଛ ସନ୍ଧ୍ୟାରୁ ପୀଠରେ ଥିବା ବିସ୍ତୀର୍ଣ୍ଣ ବାଲୁକା ପଡିଆରେ ଭକ୍ତମାନେ ଉଜାଗର ହୋଇ ଜାଗର ଦୀପ ଜାଳିଥିଲେ । ସମସ୍ତ ନିତିକାନ୍ତି ଓ ହରିହର ଭେଟ ପରେ ରାତ୍ର ୩ଘଟିକାରେ ମହାଦୀପ ମନ୍ଦିର ଚୁଡ଼ାକୁ ଉଠିଥିଲା । ଯାହା ଫଳରେ ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ ହୁଳହୁଳିରେ ପରିବେଶ ଭାବମୟ ହୋଇ ପଡ଼ିଥିଲା । ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁପଦ ସେଠୀଙ୍କ ତତ୍ତ୍ୱାବଧାନରେ ୯ଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା । ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା, ବାଲିକପିଳେଶ୍ୱର ଉନ୍ନୟନ କମିଟି ସଭାପତି ଗୋପାଳ ଚନ୍ଦ୍ର ବେହେରା, ତରକୋର ସରପଞ୍ଚ ଶୁଶାନ୍ତ କୁମାର ପରିଡ଼ା, ସମାଜସେବୀ ରମାକାନ୍ତ ବେହେରା, ଦୁର୍ଯ୍ୟଧନ ଖାଟୋଇ, ସମିତି ସଭ୍ୟ କାଶୀନାଥ ନାୟକ, ସମାଜସେବୀ ବାବୁଲି ବେହେରା, ବ୍ରହ୍ମାନନ୍ଦ ସେନାପତି, ସ୍ୱେଚ୍ଛାସେବୀ ପରିଚାଳନା ସଂଯୋଜକ ରାମକୃଷ୍ଣ ମହାନ୍ତି, ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଜାଗର ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ସୁନ୍ଦରପଦାର ଜେ ଏସ କେ ସଲୁସନ୍ ପ୍ରାଇଭେଟ୍ ଲିମିଟେଡ ସଂସ୍ଥା ପକ୍ଷରୁ ମଧ୍ୟାହ୍ନରୁ ରାତ୍ର ପର୍ଯ୍ୟନ୍ତ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

# ଦମ୍ପତିଙ୍କୁ ନିର୍ମମ ହତ୍ୟା, ତଦନ୍ତ ଜାରି



କନ୍ଧମାଳ,୯।୩(ନି.ପ୍ର): ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ସାଲାଗୁଡା ପଞ୍ଚାୟତ ଅଧୀନ ବିଗାପଦର ଅଞ୍ଚଳରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲାର ଗୋଛାପଡା ଥାନା ଅନ୍ତର୍ଗତ ବିଗାପଦର ଗାଁରେ ଲୋଇସିଂ ପଞ୍ଚାୟତ ଗୁମାନଡଣୀ ଗାଁର ପୂର୍ବତନ ୱାର୍ଡ ସଭ୍ୟ ଓ ତାଙ୍କ ସ୍ତ୍ରୀ ଙ୍କୁ କେହି ଅତି ନିର୍ମମ ଭାବରେ ହତ୍ୟା କରି ଫିଙ୍ଗି ଦେଇଛନ୍ତି।ତେବେ କିଏ ଏବଂ କେଉଁ କାରଣ ନେଇ ହତ୍ୟା କରିଛି ,ତାହା ହଠାତ ସ୍ପଷ୍ଟ ହୋଇ ନାହିଁ। ସ୍ୱାମୀଙ୍କ ମୃତଦେହ ଏକ ନାଳ ପାଖରୁ ଓ ସ୍ତ୍ରୀର ରକ୍ତ ଜୁଡୁବୁଡୁ ମୃତଦେହ ପାହାଡ଼ ଉପରୁ ଠାବ କରାଯାଇଛି। ଏହି ଅଞ୍ଚଳରେ ଗତ କିଛିଦିନ ହେଲା ମାଓ ଗତିବିଧିକୁ ଲକ୍ଷ୍ୟ କରାଯାଇଥିବା ବେଳେ ମାଓ ସଂଗଠନ ପକ୍ଷରୁ ଏହି ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହେଉଛି । ମୃତ ଦୁଇ ଜଣ ହେଲେ ଗୋଛାପଡା ଥାନା ଲୋଇସିଂ ପଞ୍ଚାୟତ ଗୁମାନଦଣି ଗାର ପୂର୍ବତନ ୱାର୍ଡ ସଭ୍ୟ ଡାହିରା କହଁର ଓ ତାଙ୍କ ସ୍ତ୍ରୀ ବତାସି କହଁର । ଶୁକ୍ରବାର ରାତି ଶିବରାତ୍ରି ପାଇଁ ଅଞ୍ଚଳ ଚଳଚଞ୍ଚଳ ଥିବା ବେଳେ ଏହି ଘଟଣା ହୋଇଥିଲା। ମୃତ ଦମ୍ପତି ଗିଡାପଦର ଗାଁ ନିକଟସ୍ଥ ନିଜ ଚାଷ ଜମି ପାଖରେ ଥିବା କୁଡ଼ିଆରେ ରହୁଥିବା ବେଳେ କିଛି ଦୁର୍ବୃତ୍ତ ଉଭୟଙ୍କୁ କୁଡ଼ିଆରୁ ଉଠାଇ ନେଇ ନିର୍ମମ ଭାବରେ ହତ୍ୟା କରିଛନ୍ତି । ଘଟଣା ସ୍ଥଳରୁ ପୋଲିସ ଏକ ହାତୁଡି ଜବତ କରିଛି । ଖବର ପାଇ ଫୁଲବାଣୀ ସଦର ଏସିଡ଼ିପିଓ ସୁପ୍ରସନ୍ନ ମଳିକଙ୍କ ସହ ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସାଇଣ୍ଟିଫିକ ସହ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଘଟଣା ସ୍ଥଳଟି ମାଓ ଅଧ୍ୟୁସିତ ଅଞ୍ଚଳ ହୋଇଥିବାରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶବକୁ ଜବତ କଲାପରେ ଥାନାକୁ ଆଣି ତଦନ୍ତ ଜାରିରଖିଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ବାତାବରଣ ସୃଷ୍ଟି ହୋଇଛି। । କିଛି ଲୋକ ଏହିଘାଟଣାକୁ ମାଓବାଦୀ ଭିଆଇ ଥିବା ସନ୍ଦେହ କହୁଥିବା ବେଳେ ଆଉ କିଛି ଲୋକ ପୂର୍ବଶତ୍ରୁତାରୁ ଏଭଳି ବିଭତ୍ସ ହତ୍ୟା କାଣ୍ଡ ହୋଇଥାଇ ପାରେ ବୋଲି ଅନୁମାନ କରୁଛନ୍ତି । ଗୋଛାପଡା ପୋଲିସ ଦମ୍ପତିଙ୍କ ଶବକୁ ଥାନାକୁ ଆଣି ସାଇଣ୍ଟିଫିକ ଟିମ ସହାୟତାରେ ପଞ୍ଚନାମା କରି ଶବ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। କିଏ ଓ କାହିଁକି ଏହି ଦମ୍ପତ୍ତିକୁ ହତ୍ୟା କରିଛିସେ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# କୃଷି କାର୍ଯ୍ୟରେ ଲାଗୁନି ରାଜାବସା ପ୍ରକଳ୍ପ



ହରଭଙ୍ଗା,୯।୩(ନି.ପ୍ର): କ୍ଷୁଦ୍ର ଜଳ ସେଚନ ବିଭାଗ ଦ୍ୱାରା ନିର୍ମିତ ରାଜାବସା ପ୍ରକଳ୍ପ କୃଷି ଓ କୃଷକ କାର୍ଯ୍ୟରେ ଲାଗୁନାହିଁ । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଉପାନ୍ତ ଆଦିମ ଅଧିବାସୀ ମହାଲିକପଡ଼ା ପଞ୍ଚାୟତ ରାଜାବସା ପ୍ରକଳ୍ପର ନାମ ସହିତ ବୌଦ୍ଧ ରାଜବଂଶର ଐତିହ୍ୟ ଜଡ଼ିତ। ବୌଦ୍ଧ ରାଜବଂଶର ଆମୋଦ ପ୍ରମୋଦ ପାଇଁ ଘଞ୍ଚ ବନାନୀ ଓ ମନୋରମ ପରିବେଶ ଥିଲା। ରାଜାବସା, ଯାହାକି ମହାଲିକ ପଡା ପଞ୍ଚାୟତ ଅନ୍ତର୍ଗତ ସଂକୁରି ନିକଟସ୍ଥ ବଡ ଜୋର ନାଳରେ ରାଜ ରାଜୁଡା ସମୟରୁ ଥିବା ଦୁଇଟି ବିରାଟ କାୟ ଚୌକି ସଦୃଶ୍ୟ ପଥର ଚଟାଣ । ପୂର୍ବେ ବୌଦ୍ଧ ରାଜା ଜଙ୍ଗଲ ପରିଭ୍ରମଣ ଓ ଆମୋଦ ପ୍ରମୋଦରେ ପାତ୍ର ମନ୍ତ୍ରୀଙ୍କ ସହିତ ଜଙ୍ଗଲ ବିହାର କରିବା ପାଇଁ ଆସୁଥିବା ସମୟରେ ଏହି ସ୍ଥାନରେ ବିଶ୍ରାମ ନିଅନ୍ତି ତେଣୁ ଏହାର ନାମ ରାଜାବସା । ଏହା ସହିତ ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକରେ ବୌଦ୍ଧ ରାଜବଂଶର ବହୁ ଐତିହ୍ୟ ଆଜିବି ଲୁଚି ରହିଛି ।

୨୦୦୯ମସିହାରେ ରାଜାବସାରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ୯କୋଟି ଟଙ୍କାର ଏକ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ କରି କାର୍ଯ୍ୟ ଆରମ୍ଭ କରିଥିଲା। ୨୦୧୭ସୁଦ୍ଧା କ୍ରାର୍ଯ୍ୟ ଶେଷ ହୋଇ ୧୪କୋଟି ବ୍ୟୟ ଅଟକଳ ଖର୍ଚ୍ଚ ହୋଇଥିଲା । ଏହି ପ୍ରକଳ୍ପରୁ କୃଷି କାର୍ଯ୍ୟ ପାଇଁ ମହାଲିକ ପଡା, କୁଶଙ୍ଗ, ହରଭଙ୍ଗା ଭଳି ୩ଟି ପଞ୍ଚାୟତର ସଙ୍କୁରି, ପଇଦାଭୂଇଁ, ଭାବପୁର, ହାତୀଗଡ, ଘୁଙ୍ଗୁରୁପଡା, ନୂଆପଡା, କୁମାରୀ, ଅତଲସରା, କୁଶଙ୍ଗ, ଭଗାମୁଣ୍ଡା, ଅଯୋଧ୍ୟା, ଅରଖପଦର, କୁଟୀଝାର ଭଳି ୧୩ଖଣ୍ଡ ମୌଜାର ଚାଷୀ ଚାଷ କାର୍ଯ୍ୟରେ ପାଣି ମଡାଇବା ପାଇଁ ଏହି ପ୍ରକଳ୍ପ କରାଯାଇ ବୌଦ୍ଧ ରାଜାବସା ଐତିହ୍ୟର ଦୁଇଟି ଚଟାଣକୁ ଭାଙ୍ଗି ତିଆରି ହୋଇଥିଲା ।

ଏବେ କୌଣସି କାର୍ଯ୍ୟରେ ଲାଗୁନାହିଁ ୧୪ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ । ଏହା ବର୍ତ୍ତମାନ ଏକରକମ ପୋତି ହୋଇପଡ଼ିଛି। ଏହାକୁ ୨୦୨୪ ସୁଦ୍ଧା କେବେବି କାର୍ଯ୍ୟକାରୀ କିମ୍ବା ରକ୍ଷଣାବେକ୍ଷଣ କରିନି କ୍ଷୁଦ୍ର ଜଳ ସେଚନ ବିଭାଗ। ଏହି ପ୍ରକଳ୍ପ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସବୁମହଲରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**କନ୍ଧମାଳ,(ନି.ପ୍ର):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ର ଦୁର୍ଗମ ଫଚାୟତ ପାହିରାଜୁ ଠାରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି । ପାହିରାଜୁ ଫଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଏରୀମାଣ୍ଡୁ ଓ ପାହିରାଜୁ ଫଚାୟତର ବିଭିନ୍ନ ଗାଁର ୧୦୦ରୁ ଅଧିକ ମହିଳା, କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମାତୃ ଗୃହର କର୍ମୀ, ଗ୍ରାମ ମୁଖିଆ ଓ ପଞ୍ଚାୟତରାଜ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଅବସରରେ ମହିଳାମାନେ ସମାଜରେ ଘଟୁଥିବା ମହିଳାଙ୍କ ପ୍ରତି ହିଂସା ଓ ନିର୍ଯାତନା ବିଷୟରେ ନିଜ ଅନୁଭୂତି କହିଥିଲେ । ପାହିରାଜୁ ପଞ୍ଚାୟତର ସରପଞ୍ଚ କେସବ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପଞ୍ଚାୟତର ଅନ୍ୟ ମହିଳା ଅଧିକାରୀ ଶ୍ରୀଜଳା ଦିଗାଲ, ସ୍ୱପ୍ନା ଦିଗାଲ, ସୁଲଚନା ପ୍ରଧାନ ଓ ବାଲନ୍ଦାପଡା ମାଆ ଗୃହର ମୁଖ୍ୟ ପୁଷ୍ପିତା ସାହୁ ଯୋଗଦେଇଥିଲେ। ସ୍ୱାତୀର ପ୍ରୋଗ୍ରାମ ମ୍ୟାନଜର ପ୍ରଦୀପ ସ୍ୱାଇଁ ଓ ସଂଯୋଜକ ଆଲୋକ ସାମନ୍ତରାଏ ଯୋଗଦେଇ ମହିଳା ଅଧିକାର ଉପରେ ଆଲୋକପାତ କରିଥିଲେ। ମହିଳାମାନଙ୍କ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନା ଆଦି ବିଷୟରେ ମୁଖ୍ୟ ଅତିଥି ସୂଚନା ଦେଇଥିଲେ । ସମସ୍ତ ମହିଳା କିପରି ବାଲ୍ୟ ବିବାହ ବନ୍ଦ କରିବା, ବାଳିକା ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ପାଇଁ ଏହି ଦିନରେ ଶପଥ କରିଥିଲେ । ସାମାଜିକ କୁସଂସ୍କାର ଗୁଡିକ ବିରୋଧରେ ଲଢିବା ପାଇଁ ଆହ୍ୱାନ ଦେବା ସହିତ ମହିଳା ଓ ବାଳିକାଙ୍କ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭରଶୀଳତା ଉପରେ ଆଲୋକପାତ କରିଥିଲେ । ସ୍ୱାତୀର କର୍ମୀ ଶ୍ରୀ ମାନସ ରଂଜନ, ବିନ୍ଧ୍ୟାରାଣି ପ୍ରଧା, ଅନୁପମା କହଁର, ଅପରାଜିତା ଜାନି ଓ ରଶ୍ମିତା ଘିବାଲା ମହିଳାମାନଙ୍କ ବିକାଶ ପାଇଁ ସ୍ୱାତୀ ପକ୍ଷରୁ ଗାଁ ଗାଁରେ ହୋଇଥିବା ମାତୃ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡିକ ସଂପର୍କରେ ସୂଚନା ଦେଇଥିଲେ । ଏହା ସହିତ ମାଆମାନଙ୍କ ଭିତରେ ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଥିଲା । ଶେଷରେ ପତନ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ ।



**ଖୋର୍ଦ୍ଧା,(ନିପ୍ର):** ସ୍ଥାନୀୟ ଗାୟତ୍ରୀ ମନ୍ଦିର, ଖୋର୍ଦ୍ଧା ପ୍ରାଙ୍ଗଣରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଡ.ଚପଳା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସୁଶ୍ରୀ ଯସଶ୍ୱିନୀ ସାହୁଙ୍କ ସଂଯୋଜନାରେ କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ । ସର୍ବଶ୍ରୀ ବିଷ୍ଣୁପ୍ରିୟା ପ୍ରତାପସିଂହ, ନଳିନୀ ଦାଶ, ଜ୍ୟୋତିପ୍ରଭା ପଟ୍ଟନାୟକ, ଅନୁସୂୟା ସାମନ୍ତରାୟ, ଡ. ଚପଳା ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମହାରଣା, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ.ବୃନ୍ଦାବନ ପଣ୍ଡା , ଯଶସ୍ୱିନୀ ସାହୁ, ବିଷ୍ଣୁପ୍ରିୟା ଚହଟରାୟ ପ୍ରମୁଖ କବିତା ପାଠ କରିଥିଲେ। କବିତା ପାଠ ପରେ ରାମଚନ୍ଦ୍ର ଦାସ, ଆଦିତ୍ୟ ପ୍ରସାଦ ପାଣଗ୍ରାହୀ, ବିଷ୍ଣୁପ୍ରିୟା ଚହଟରାୟ, ଦୀପ୍ତି ଦେବସ୍ମିତା, ପ୍ରମୋଦ କୁମାର ରଞ୍ଜିତ, ସ୍ୱପ୍ନା ପଟ୍ଟନାୟକ ପ୍ରମୁଖ ସଙ୍ଗୀତ ଏବଂ ଭଜନ ପରିବେଷଣ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ, ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ସର୍ଶ୍ରୀ ସମରେନ୍ଦ୍ର ବଳିୟାରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ରଶ୍ମିତା ନାୟକ, ନାରାୟଣ ଦାସ, ଡ.ବୃନ୍ଦାବନ ପଣ୍ଡା, ଶାନ୍ତିଲତା ବଳିୟାରସିଂହ ପ୍ରମୁଖ ସବିଶେଷ ଆଲୋଚନା କରି ସମାଜ ଗଠନ ଓ ସାମାଜିକ ପୁନର୍ଗଠନରେ ମହିଳାମାନଙ୍କର ଯଥେଷ୍ଟ ଓ ବଳିଷ୍ଠ ଭୂମିକା ରହିଛି ବୋଲି ମତ ଦେଇଥିଲେ। ଏହି ସମାରୋହରେ ଅନସୂୟା ସାମନ୍ତରାୟ, ନଳିନୀ ଦାଶ, ଶାନ୍ତିଲତା ବଳିୟାରସିଂହ ଓ ସୁଶ୍ରୀ ଯଶସ୍ୱିନୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନମିତା ତ୍ରିପାଠୀ, ମିନତୀ ଦାସ, ଶୈଳ ଦତ୍ତ, କଳ୍ପନା ପଟ୍ଟନାୟକ, ଦମୟନ୍ତୀ ସୁବୁଦ୍ଧି, ସ୍ୱପ୍ନା ପଟ୍ଟନାୟକ, ଜୟନ୍ତୀ ଦାସ, ଶୈଳବାଳା ବଳିୟାରସିଂହ, ସବିତା ସାହୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଇତିଶ୍ରୀ ସାହୁ ସମାରୋହକୁ ସଂଯୋଜନା କରିଥିବା ବେଳେ ଜ୍ୟୋତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



**ପାରଳାଖେମୁଣ୍ଡି,(ନି.ପ୍ର):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀସମାଜ ସଭା ଗୃହରେ ଅଗ୍ରଣୀ ମହିଳା ସଙ୍ଗଠନଆକାଂକ୍ଷାର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡ.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି, ସମ୍ମାନୀତ ଅତିଥି ଭାବେ ଭାଗ୍ୟଲକ୍ଷ୍ମୀ ନାୟକ, ଜିଜିବିର ସଦସ୍ୟ, ସମ୍ପାଦିକା ମିନା କୁମାରୀ ଟହଲ, ଉପଦେଷ୍ଟା ଡ. କଲ୍ୟାଣୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଠୀ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି କହି ଥିଲେ କିପରି ସବୁକ୍ଷେତ୍ରରେ ନାରୀମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଜଣେ ନାରୀ ଚାହିଁଲେ ଘରକୁ ସ୍ୱର୍ଗ ବା ନର୍କରେ ପରିଣତ କରିପାରେ, ନାରୀ ସୃଷ୍ଟିକାରିଣୀ ଓ ସଂହାରକାରିଣୀ ମଧ୍ୟ। ସେ ଗଜପତି ଜିଲ୍ଲାର ଲିଙ୍ଗଗତ ବୈଷମ୍ୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଶ୍ରୀମତୀ ନାୟକ ନାରୀମାନଙ୍କ ସୁରକ୍ଷା ନିମନ୍ତେ କି କି ଆଇନ ରହିଛି ଓ ସମାଜର ମଧ୍ୟ ଦାୟିତ୍ୱ ଓ ପ୍ରତିବଦ୍ଧତା ରହିଛି ବୋଲି କହିଥିଲେ। ଅତିଥି ଆବାହନ ଗୀତା ପାତ୍ର, ପରିଚୟ ପ୍ରଦାନ ସରିତା ପାଣିଗ୍ରାହୀ,ସ୍ୱାଗତ ଭାଷଣ ଡ.କଲ୍ୟାଣୀ ମିଶ୍ର ଦେଇଥିବା ବେଳେ ସଙ୍ଗଠନର ବାର୍ଷିକ ବିବରଣୀ ପାଠକରିଥିଲେ ମିନା ଟହଲ । ଏହି ଅବସରରେ ସଙ୍ଗୀତ, ସାରସ୍ୱତ ସାଧନ, ସାଙ୍ଗଠନିକ ଓ ସାଂସ୍କୃତିକ କ୍ଷେତ୍ରରେ ବିଶିଷ୍ଟ କାର୍ଯ୍ୟ ନିମନ୍ତେ ବି.କୋମଳାଙ୍ଗୀ, ସ୍ନିଗ୍ଧା ମିଶ୍ର, ବରଦା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜୟିନୀ ସ୍ୱର୍ଣ୍ଣପ୍ରଭା ପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ବବିତା ପୁରୋହିତ, ସୁଶ୍ରୀ ଡ଼ଲି ଭୂୟାଁ, ସଙ୍ଗୀତା ପାତ୍ର ପାଠ କରିଥିବାବେଳେ ସମ୍ବର୍ଦ୍ଧନା ଓ ମଞ୍ଚ ପରିଚାଳନା କରିଥିଲେ ସୁନିତା ବେହେରା, ନିବେଦିତା ପଟ୍ଟନାୟକ, ସୁଶ୍ରୀ ଶିବାନୀ, ସ୍ୱାତୀ ପାଣିଗ୍ରାହୀ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟାମାନେ ଦୀପମନ୍ତ୍ର ଉଚ୍ଚାରଣ ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିବା ବେଳେ ଭକ୍ତିସଙ୍ଗୀତ ସଂସଦର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୁଶ୍ରୀ ଶ୍ୱେତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସରୋଜ କୁମାର ପଣ୍ଡା, ରାଜେନ୍ଦ୍ର ରଥ, ବିଚିତ୍ରାନନ୍ଦ ବେବର୍ତ୍ତା, ମୁରଲୀ ପରିଚ୍ଛା, ବିଷ୍ଣୁ ପଣ୍ଡା, ତ୍ରିପତି ପଣ୍ଡା, ଶରତ ସାହୁ, ଭରତ ଭୂଷଣ ମହାନ୍ତ, ବିନୋଦ ଜେନାଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ମହିଳାଙ୍କୁ କଚାଡି ମାରିଲା ଦନ୍ତାହାତୀ

ବଣାଇ,୯।୩(ନି.ପ୍ର): ଏପରିକି କେହି କିଛି କରିବା କିମ୍ୱା ବୁଝିବା ଆଗରୁ ପରିବାର ଏବଂ ଗ୍ରାମବାସୀଙ୍କ ଆଖି ସାମ୍ନାରେ ଜଣେ ମହିଳାଙ୍କୁ ଶୁଣ୍ଡରେ କଚାଡି କଚାଡି ମାରିଲା ଦନ୍ତା ହାତୀ ଏପରି ଏକ ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ ଜିଲ୍ଲା କୋଇଡା ରେଞ୍ଜ କୁସୁମୁଣ୍ଡି ଗ୍ରାମ ପୁଣ୍ଡୁପୋଖରୀ ସାହିରେ। ଗ୍ରାମବାସୀ ଖବର ପାଇ ହାତୀକୁ ଘଉଡାଇବାକୁ ଚେଷ୍ଟା କରୁଥିଲେ। ଲୋକଙ୍କ ହୋ ହାଲ୍ଲା ଶୁଣି ନିଜ ଜୀବନ ବଞ୍ଚାଇବାକୁ ମହିଳା ଜଣକ ଘର ଭିତରୁ ବାହାରକୁ ଦୌଡି ଯିବା ସମୟରେ ପଡିଯିବାରୁ ଦନ୍ତାହାତୀ ଶୁଣ୍ଡରେ ଟାଣି ନେଇ କଚାଡି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ବନ ବିଭାଗର ଏକ ଟିମ ପହଞ୍ଚି ଶବକୁ ଜବତ କରି କୋଇଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଛି। ବାରମ୍ବାର ହାତୀ ଆକ୍ରମଣ ଏବଂ ଉପଦ୍ରବରେ ବଣାଇ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ରେଞ୍ଜ ଅନ୍ତର୍ଗତ ଗ୍ରାମ ଗୁଡିକରେ ଅନେକ ନୀରିହ ଲୋକ ମୃତ୍ୟୁବରଣ ହେଉଛି ଓ ଅନେକ ଗ୍ରାମବାସୀଙ୍କ ଘରଦ୍ୱାର ଭାଙ୍ଗିବା ସହ ପନିପରିବା, ଖାଦ୍ୟ ଶସ୍ୟ ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ଏହାର ସ୍ଥାୟୀ ପ୍ରତିକାର କରିପାରୁନଥିବା ନେଇ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଓଲୋଟିଲା ଟ୍ରାକ୍ଟର ଦଶ ଗୁରୁତର



ବାଲିଗୁଡ଼ା,୯।୩(ନି.ପ୍ର): ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର । କନ୍ଧମାଳ ଜିଲ୍ଲା ବେଲଘର ଥାନା ଝିରିପାଣି ନିକଟସ୍ଥ ସିକକିରେ ଘଟିଛି ଦୁର୍ଘଟଣା । ଦୁର୍ଘଟଣାରେ ୧୦ ଜଣ ଆହତ ହୋଇଥିବା ବେଳେ ୧୦ ଜଣ ଗୁରୁତର ଥିବା ଜଣାପଡ଼ିଛି । ଆହତମାନଙ୍କୁ ସି. ଆରପିଏଫ ଯବାନ ତଥା ସ୍ଥାନୀୟ ଲୋକଙ୍କ ସହଯୋଗରେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ପ୍ରକାରେ ଗତକାଲି ଝିରିପାଣି ଅଞ୍ଚଳର ଲୋକେ ବେଲଘରକୁ ଜାଗର ଯାତ୍ରା ଦେଖିବାକୁ ଯାଇ ଫେରୁଥିବା ବାଟରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଆହାତ ଓ ଗୁରୁତରଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଘଟିଲା ଦୁର୍ଘଟଣା ତାହା ଏଯାଏଁ ସ୍ପଷ୍ଟ ହୋଇପାରି ନଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଚାରି ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀ ଏବଂ ସାମାନ୍ୟ ଆହତଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ମାର୍ସ ଓଡିଶା ଓ ନେହୁରୁ ଯୁବକେନ୍ଦ୍ର ପକ୍ଷରୁ ବିକଶିତ ଭାରତ କାର୍ଯ୍ୟକ୍ରମ




ବ୍ରହ୍ମଗିରି,୯।୩(ନି.ପ୍ର): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମତମତ ପୁର ଠାରେ ନେହୁରୁ ଯୁବକେନ୍ଦ୍ର ପୁରୀ ଓ ମାର୍ସ ଓଡ଼ିଶା ମିଳିତ ସହଯୋଗରେ ମାଇଁ ଭାରତ ବିକଶିତ ଭାରତ କାର୍ଯକ୍ରମ ନାରୀ ଶକ୍ତି ଫିଟନେସ ରନ୍ ଉପରେ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକରୁ ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଏହି କାର୍ଯକ୍ରମ ଯୋଗଦେଇ ସେଥିମଧ୍ୟରୁ ପଚିଶ ଜଣ ମହିଳା ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ପ୍ରତି ଯୋଗୀଙ୍କ ଟିସାର୍ଟ, ମଗ ଓ ମାଇଁ ଭାରତ ବ୍ୟାଣ୍ଡ ଦିଆଯାଇ ପୁରସ୍କୃତ କରା ଯାଇଥିଲା । ପରେ ଏକ ସଚେତନତା ଶିବିର ସଭା କରାଯାଇଥିଲା। ଏହି ସଭାରେ ନେହୁରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟ ଶଙ୍କର ଯୋଶୀ ଯୋଗ ଦେଇ ଅନ୍ତର୍ଜାତିକ ମହିଳା ସପ୍ତାହ ଓ ନାରୀ ଶକ୍ତି ଫିଟନେସ ରନ୍ କାର୍ଯକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିବା ମହିଳାମାନେ ଦେଶ ଗଠନର ପ୍ରମୁଖ ଭୂମିକାରେ ଅଂଶୀଦାର କିପରି ହେବେ ସେ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ବାବା ଭିମଶ୍ୱରେ କୃଷି ଉତ୍ପାଦ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ସ୍ୱାଧୀନ କୁମାର ସାମନ୍ତରାୟ ଯୋଗ ଦେଇ ମହିଳାମାନେ ପରିବାର ପରିଚାଳନାରେ କିପରି ଆର୍ଥିକ କ୍ଷେତ୍ରରେ ଭାଗିଦାରୀ ହୋଇପାରିବେ ସେ ବିଷୟରେ ବୁଝାଇଥିଲେ ଏହି କାର୍ଯ୍ୟକ୍ରମ ବ୍ରହ୍ମଗିରି ବ୍ଲକ ଜାତୀୟ ଯୁବକର୍ମି ଆଲୋକ ପୂଜାରୀ ଯୋଗ ଦେଇଥିଲେ। ମାର୍ସ ଓଡ଼ିଶା ପକ୍ଷରୁ ଚନ୍ଦ୍ରଶେଖର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୀପକ ରଞ୍ଜନ ମହାନ୍ତି ଓ ଆଶିଷ କୁମାର ନାୟକ ପରିଚାଳନା କରିଥିଲେ ।

# ଆନନ୍ଦ ଓ ଭକ୍ତିର ସହ ପାଳିଲେ ଜାଗର




**ବଣାଇ,(ନି.ପ୍ର):**

ଓଡ଼ିଶାର ପ୍ରସିଦ୍ଧ ଶିବରାତ୍ରୀ ତଥା ଜାଗର ଯାତ୍ରା ଉପଲକ୍ଷେ ବଣାଇ ଉପଖଣ୍ଡ ସ୍ଥିତ ବିଭିନ୍ନ ମନ୍ଦିରରେ ମହାସମାରୋହରେ ପାଳନ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ବଣାଇ ସଦର ଦେଓଗାଁ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ପରିସରରେ ପ୍ରସିଦ୍ଧ ଜାଗର ଯାତ୍ରା ଉପଲକ୍ଷେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ମହାଦେବଙ୍କ ଜାଗର ଯାତ୍ରାକୁ ମହା ଆଡ଼ମ୍ବରରେ ସମ୍ପାଦନ କରିବା ନେଇ ବଣାଇ ପ୍ରଶାସନ, ଦେବାତ୍ତର ବିଭାଗ ଦିନରାତି ସୁନ୍ଦର ବ୍ୟବସ୍ଥା କରିଥିବା ଜଣାପଡିଛି। ଗୁରୁବାର ଦିନ ରାତ୍ର ୧୨ ଘଟିକା ସମୟରେ ମନ୍ଦିର ଦ୍ୱାର ଖୋଲା ଯିବା ପରେ ମନ୍ଦିରର ସମସ୍ତ ରୀତିନୀତି ସମ୍ପୂର୍ଣ୍ଣ କରା ଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡକୁ ଅନୁମାନ କରି ପୂର୍ବରୁ ପ୍ରଶାସନ ବିଭାଗ ପକ୍ଷରୁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ ପାଇଁ ମୁଖ୍ୟ ଫାଟକରୁ ଲମ୍ୱା ଲାଇନ ଲଗାଇ ଠାକୁରଙ୍କୁ ସୁରୁଖୁରୁରେ ଦର୍ଶନ କରିଥିଲେ। ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତାର ମୁଖ୍ୟ ଫାଟକ ନିକଟରୁ ଦୁଇ ପାର୍ଶ୍ୱ ଯିବା ଆସିବା ପାଇଁ ରାସ୍ତା ସୁବିଧା, ପାନୀୟ ଜଳ ବ୍ୟବସ୍ଥା ପାଇଁ ପାଣି ଟ୍ୟାଙ୍କର, ବିଦ୍ୟୁତ ବିଭାଗ ପକ୍ଷରୁ ଆଲୋକ, ଶ୍ରଦ୍ଧାଳୁଙ୍କ ଗାଡିମଟର ପାର୍କିଂ କରିବା ସହ ବ୍ରତଧାରୀଙ୍କ ବସିବା ପାଇଁ ଉଦ୍ଦିଷ୍ଟ ସ୍ଥାନ ସମେତ ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଛନ୍ନ ରଖାଯାଇଛି। ବିଭିନ୍ନ ପ୍ରକାର ଦୋକାନବଜାର, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଅସ୍ଥାୟୀ କାର୍ଯ୍ୟାଳୟ ପାଇଁ ଟେଣ୍ଟ ବ୍ୟବସ୍ଥା କରିବା ସହିତ ବଣାଇ ଉପ ଜିଲ୍ଲାପାଳ ସୂରଞ୍ଜନ କୁମାର ସାହୁ ଅନ୍ୟ ସମସ୍ତ ବିଭାଗ ଅଧିକାରୀଙ୍କୁ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇ ନିଜେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ଓ ଅଗ୍ନିଶମ ବିଭାଗକୁ ମୁତୟନ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଛୋଟ ବଡ଼ ଦୁର୍ଘଟଣାକୁ ଆଡେଇବା ପାଇଁ ବଣାଇ ସରକାରୀ ଡାକ୍ତରଖାନାର ସ୍ୱତନ୍ତ୍ର ଟିମ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ରାତ୍ରି ୧୨ଟା ସମୟରେ ମହାଦୀପ ମନ୍ଦିର ଚୁଡ଼ାକୁ ଉଠାଯିବ ବୋଲି ମନ୍ଦିର ପକ୍ଷରୁ ପ୍ରକାଶ କରିଥିଲେ।

**ବୌଦ୍ଧ,(ନି.ପ୍ର):**

ବୌଦ୍ଧ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଧୁମଧାମର ସହ ପାଳିତ ହୋଇଯାଇଛି ମହା ଶିବରାତ୍ରୀ ଓ ଜାଗର ଯାତ୍ରା। ବାଉଁଶୁଣି ସ୍ଥିତ ଭୁବନେଶ୍ୱର ବାବା ମନ୍ଦିର ଠାରେ ମହା ଶିବରାତ୍ରୀ ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ ସହ ସୁନ୍ଦରାକାଣ୍ଡ ପାରାୟଣ ଓ ଗଙ୍ଗା ଜଳସାୟୀ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବରେ ସରୋଜ ମହାକୁଳ ଓ ତାଙ୍କ ପତ୍ନୀ ରିତାଞ୍ଜଳୀ ମହାକୁଳ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବରେ ହରେକୃଷ୍ଣ ପୁରୋହିତ ପୂଜାକାର୍ଯ୍ୟ ତୁଲାଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ଭୁବନେଶ୍ୱର ବାବା ଉନ୍ନୟନ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପୂଜକମାନଙ୍କ ଦ୍ୱାରା ଦେବ ଦେବ ମହାଦେବ ବାବାଙ୍କ ରୀତିନିତି ଅନୁଯାୟୀ ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ସହ ରାତ୍ର ୧୨ ଘଣ୍ଟା ସମୟରେ ମହାଦ୍ୱିପ ଉଠିଥିଲା। ଭୁବନେଶ୍ୱର ବାବା ଉନ୍ନୟନ ପରିଷଦର ବାବାରାମ୍ ଦେହୁରୀ, ଗୁଣନିଧି ମେହେର, ନେହେରୁ ମେହେର, ଚିତରଞ୍ଜନ ମେହେର, ଶରତ ମେହେରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିଭଳି ଗୋଛାପଡ଼ା ପଞ୍ଚାୟତ ଅନ୍ତର୍ଗତ କରଡ଼ାପଡ଼ା କପିଳେଶ୍ୱର ମନ୍ଦୀରଠାରେ ନବାହ ପାରାୟଣ, ରାବଣ ଦରବାର ଓ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଇଥିଲା। ଏଥିରେ କର୍ତ୍ତା ଭାବେ ହୃଷିକେଶ ମଲ୍ଲିକ ଓ ତାଙ୍କ ପତ୍ନୀ ହିମାଦ୍ରି ମଲ୍ଲିକ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବରେ ଭୀମସେନ ରଥ, ଦେବଦତ୍ତ ରଥ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ କପିଳେଶ୍ୱର ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



**ଘୁ .ଉଦୟଗିର,(ନି.ପ୍ର):**

ଦେବ ଦେବ ମହାଦେବଙ୍କ ମହାଶିବରାତ୍ରୀ ଘୁ ଉଦୟଗିରି ଧବଳେଶ୍ୱର ମନ୍ଦିରରେ ମହାଆଡମ୍ବରରେ ଅନୁଷ୍ଠିତ ହେଉଛି।ଏହି ଉପଲକ୍ଷେ ସମସ୍ତ ଶିବଭକ୍ତ ଓ ଶ୍ରଦ୍ଧାଳୁମାନେ ନିଜ ନିଜର ମନସ୍କାମନା ସହିତ ଭଗବାନଙ୍କୁ ଦୀପ, ଧୂପ,



ଭୋଗ ଅର୍ପଣ ସହ ଭକ୍ତିଭାବରେ ଡାକିବା ଦେଖିବାକୁ ମିଳିଥିଲା। ଏଥିସହିତ ସ୍ଥାନୀୟ ପ୍ରଶାସନ ଉକ୍ତ ମାଙ୍ଗଳିକ କାର୍ଯ୍ୟକ୍ରମ ଯେପରି ସୂଚାରୁରୂପେ ସଂପାଦିତ ହୋଇପାରିବ ସେଥିନିମନ୍ତେ ସଜାଗ ଥିବା ସୂଚନା ମିଳିଛି । ପ୍ରାତଃ ସମୟରୁ ଶ୍ରଦ୍ଧାଳୁମାନେ ଶୃଙ୍ଖଳାର ସହିତ ସ୍ଥାନୀୟ ଧବଳେଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା ସହିତ ଦର୍ଶନ କରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଶିବଙ୍କର ଏକ ବଡ ମୂର୍ତ୍ତି ସ୍ଥାନୀୟ ମା'ସାରଳା ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ସ୍ଥାପନ କରି ଶୁଭ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି ମହିଳା ମହାସଙ୍ଘର ସଭାନେତ୍ରୀ ବାବିତା ସାହୁ ନେତୃତ୍ୱ ନେଇଥିବା ବେଳେ ମହାଦେବଙ୍କ ମୂର୍ତ୍ତି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରଥମେ କନ୍ଧ ସାହି ଠାରୁ ଧବଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ପରେ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ଓ ସଞ୍ଜୟ ଆଚାର୍ଯ୍ୟଙ୍କ ପୌରହିତରେ ପୂଜା ଅର୍ଚ୍ଚନା କରାଯାଇ ମହାଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ଅନେକ ମହିଳା ପୁରୁଷ ଯୋଗ ଦେଇଥିଲେ।

**ବୋଲଗଡ଼,(ନି.ପ୍ର):**

ବୋଲଗଡ ବ୍ଲକର ବିଭିନ୍ନ ଶିବାଳୟରେ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଛି। ମାଳିସାହିସ୍ଥିତ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ପୀଠରେ ସାହସ୍ରାଧିକ ଶ୍ରଦ୍ଧାଳୁ



ଦୀପ ପ୍ରଜ୍ୱଳନ କରିଥିଲେ। ରାତି ୧୦ଟା ବେଳେ ମହାଦୀପ ଉଠିଥିଲା। ସେହିପରି ମାଣିକଗୋଡା କଳାଙ୍ଗ, ଗୋଡ଼ଭଙ୍ଗା ମଣ୍ଡଳସିଂ ମର୍ଦାବାଡ଼ି ବୋଲଗଡ, ରୋଲସିଂ, ବାଂକୋଇ ସାନପଦର ଚମ୍ପାଇଲୋ ମାଣିବନ୍ଧ ତାଳତୁମ୍ବ ଓ ଦେଉଳି ଆଦିଗ୍ରାମରେ ମହାସମାରୋହରେ ପାଳିତ ହୋଇଛି। ବାଙ୍କୋଇ ତାରେଶ୍ୱର ଦେବଙ୍କ ପୀଠରେ ପ୍ରାୟ ୧୫ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଟି୧୦ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ବଣାଇ,୯।୩(ନି.ପ୍ର):** ଲହୁଣୀପଡା ବ୍ଲକ ବଡ଼ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ବାଇପାସ ଛକ ରାସ୍ତା ପାର୍ଶ୍ୱରେ ଥିବା ବହୁମୁଖୀ ଖେଳ ପଡ଼ିଆରେ ବାଇପାସ କ୍ରିକେଟ କ୍ଲବ ସଭାପତି ଅମିତ କଛପଙ୍କ ନେତୃତ୍ୱରେ ଏକ ତ୍ରିଦିବସୀୟ ଟି୧୦ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ଉଦ୍‌ଯାପନି ଦିବସରେ ମୁଖ୍ୟ ଅତିଥି ଭାବେ ବଡ଼ ପୁରୁଣାପାଣି ଗ୍ରାମ ପଞ୍ଚାୟତ ସରପଞ୍ଚ ଟାଙ୍ଗ, ସମ୍ମାନିତ ଅତିଥି ଭାବେ ପକୃତିପ୍ରେମୀ ଭୁବନାନନ୍ଦ କିସାନ, ରାଜାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅଶୋକ ବେହେରା, ସମାଜସେବୀ ମାଧବ ଚନ୍ଦ୍ର ମାଝୀ, ସାମ୍ବାଦିକ ଉମେଶ ଚନ୍ଦ୍ର ସାହୁ, ଅଶୋକ ସାହୁ ଏବଂ ଦୁଃଖୁ କିଷାନ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୬ଗୋଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ଖେଳରେ ଲୁକୁ ୱାରିଓର ଦଳକୁ ତିନି ଉଇକେଟରେ ହରାଇ ଗୁରୁଣ୍ଡିଆ ଇଲେଭେନ ଦଳ ଚଳିତ ବର୍ଷ ଚମ୍ପିୟାନ ହୋଇଥିଲେ । ଘନଶ୍ୟାମ ମାହାନ୍ତ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କମିଟିର କର୍ମକର୍ତ୍ତା ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ଖେଳାଳି ମାନଙ୍କ ସହିତ କରମର୍ଦନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଦଳକୁ ଟ୍ରଫି ସହିତ ୪୦,୦୦୦ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ୩୦,୦୦୦ଟଙ୍କା ନଗଦ ରାଶି ପୁରସ୍କାର ପ୍ରଦାନ କରିଥିଲେ । ପୁଷ୍ପମିତ୍ର ଚକ୍ର, ତୋଫାନ ତ୍ରିପାଠୀ, ସୁଦାମ ମୁଣ୍ଡାରୀ, ଅନମୋଲ ତ୍ରିପାଠୀ, କିରଣ ଦାସ ଶାନ୍ତି ଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଶାନ୍ତ ମୁଣ୍ଡାରୀ, ହାସନ ଆଂଶରୀ, ପଙ୍କଜ ଦାସ, ଦିନେସ ମାହାନ୍ତ, ଦୀପୁ ପ୍ରଧାନ, ଦିଲୀପ, ହିମାଂଶୁ ମାହାନ୍ତଙ୍କ ସମେତ ବାଇପାସ କ୍ରିକେଟ କ୍ଲର କର୍ମକର୍ତ୍ତା ମାନେ କ୍ରିକେଟ ପ୍ରତିଯୋଗୀତାରେ ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ ।

# ଜରିପାଲ ତଳେ ବିତୁଛି ବିଧବା ମହାଦେଈଙ୍କ ସଂସାର



## ବାରମ୍ବାର ଗୁହାରି କଲେ ମଧ କେହି ଶୁଣୁନାହାନ୍ତି

ହିନ୍ଦୋଳ, ୯।୩(ନି.ପ୍ର): ସରକାର ପ୍ରତି ଗରିବ ପରିବାରକୁ ପକ୍କା ଘର ଯୋଗାଇ ଦେବା ପାଇଁ ଆବାସ ଯୋଜନା କରିଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହି ଯୋଜନା ବାଟ ମାରଣା ହେଉଛି । ପୂର୍ବରୁ ଛାତଘର ଥାଇ ଆବାସ ଯୋଜନାରେ ହିତାଧିକାରୀ ଭାବେ ସାମିଲ ହୋଇ ଫାଇଦା ଉଠାଉ ଥିବା ବ୍ୟକ୍ତି ପ୍ରତି ଗାଁ ରେ ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଆଶାନୁରୂପ ଫଳ ମିଳୁନାହିଁ । ଗରିବ ଲୋକଟିଏ ଆବାସ ଯୋଜନା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛି। ଏହିପରି ଏକ ବ୍ୟତିକ୍ରମ ଘଟଣା ହିନ୍ଦୋଳ ଉପଖଣ୍ଡ ଗିରିଧରପ୍ରସାଦ ପଞ୍ଚାୟତ ବ୍ରହ୍ମପୁର ବାଛିଆମୁଣ୍ଡା ସାହିରେ ଦେଖିବାକୁ ମିଳିଛି। ବସ୍ତିର ୬୫ ବର୍ଷୀୟା ବିଧବା ମହାଦେଇ ଦେହୁରୀ ନିଜର ଦୁଇ ଅବିବାହିତା ଝିଅ ଜାନକୀ( ୩୬), ସସ୍ମିତା (୩୫ )କୁ ନେଇ ଏକ ଭଙ୍ଗା କୁଡ଼ିଆ ଘରେ ଜରିପାଲପକାଇ ଦୀର୍ଘଦିନ ହେବ ରହିଆସୁଥିଲେ ମଧ ତାଙ୍କ ଦୁଃଖ ଶୁଣିବାକୁ କେହିନାହିଁ । ଭଙ୍ଗା କୁଡ଼ିଆଟି ପାହାଡିଆ ଜାଗାରେ ହୋଇ ଥିବାରୁ ସନ୍ଧ୍ୟା ହେଲେ ଜଙ୍ଗଲୀ ଜୀବଜନ୍ତୁଙ୍କ ଭୟ । ଏମିତିକି ହାତୀ ମଧ ବେଳେବେଳେ ଘର ଭାଙ୍ଗି ଗଛିତ ଧାନ ଚାଉଳ ଖାଇଦେଇଥିବା କୁହନ୍ତି ମହାଦେଇ। ସ୍ୱାମୀ ତ୍ରୈଲୋକ୍ୟ ଆଜକୁ ଆଠବର୍ଷ ତଳେ ଆର ପାରିକୁ ଚାଲି ଯାଇ ଥିବାବେଳେ ରାସନରେ ମିଳୁଥିବା ପନ୍ଦର କେଜି ଚାଉଳ ଓ ମହାଦେଇ ପାଉଥିବା ଭତ୍ତାରେ ତିନି ପ୍ରାଣୀ କୁଟୁମ୍ବ ବହୁ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି । ଗିରିଧର ପ୍ରସାଦ ଗ୍ରାମ ପଞ୍ଚାୟତରେ ଅନେକ ବ୍ୟକ୍ତି ଥାଇ ଆବାସ ଯୋଜନାରେ ପକ୍କା ଘର ହାତେଇଛନ୍ତି। ମାତ୍ର ମହାଦେଇଙ୍କ ପ୍ରତି କାହାର ନଜର ପଡୁନି। ଗିରିଧରପ୍ରସାଦ ପଞ୍ଚାୟତ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଛନ୍ତି, ଯେ ୨୦୧୭ ମସିହାରେ ଯେଉଁ ତାଲିକା ପ୍ରସ୍ତୁତ ହୋଇଥିଲା ସେଥିରେ ମହାଦେଇଙ୍କ ନାମ ନ ଥିବାରୁ ସେ ତାଲିକାଭୁକ୍ତ ହୋଇ ପାରୁନି । ଘର ଖଣ୍ଡିଏ ପାଇବା ସକାଶେ ଦୁଇ ଅବିବାହିତା ଝିଅଙ୍କୁ ଧରି ପଂଚାୟତ ସରପଞ୍ଚ, ହିନ୍ଦୋଳ ବିଡ଼ିଓ, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଗୁହାରି କେହି ଶୁଣୁ ନଥିବା ନେଇ କୋହଭରା କଣ୍ଠରେ କହିଛନ୍ତି ମହାଦେଇ।

# କ୍ୟାନ୍ସରରେ ଦୀପକ ହରାଇଲେ ହାତ, ଗୋଡ଼ ସହାୟତା ପାଇଁ ଆକୁଳ ନିବେଦନ



ତାଳଚେର, ୯।୩(ନି.ପ୍ର): ତାଳଚେର ପୌରପରିଷଦ କାର୍ଯ୍ୟାଳୟକୁ ଲାଗି ରହିଥିବା ୫ନମ୍ବର ୱାର୍ଡ଼ ସୁକୁଆସାହିର ଦୀପକ ବେହେରା (୩୦) ଫିଡ଼ସ୍ ରୋଗରେ ଆକ୍ରାନ୍ତ ହୋଇ ହାତ, ଗୋଡ଼ ହରାଇଥିବା ଦୀପକ ବେହେରା ସହାୟତା ପାଇଁ ନିବେଦନ କରିଛନ୍ତି। ସେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଡ଼ାକ୍ତରଖାନାରେ ଚିକିତ୍ସିତ ହେଇଥିଲେ। ପରୀକ୍ଷା ନୀରିକ୍ଷା ପରେ ଜଣାପଡ଼ିଥିଲା ଯେ, ଏହା କ୍ୟାନସରକୁ ସଂକ୍ରମଣ କରୁଛି । ତେଣୁ ଡ଼ାକ୍ତର ସେଠାରେ ତାଙ୍କର ଉଭୟ ଗୋଡ଼ ଏବଂ ହାତକୁ କାଟି ଦେଇଥିଲେ । ସେ ସୁସ୍ଥ ହୋଇଥିଲେ ମଧ ଗୋଡ଼, ହାତ ନଥିବାରୁ ଅକର୍ମର୍ଣ୍ୟ ହୋଇ ଘରେ ଦୁଃଖରେ କାଳାତିପାତ କରୁଛନ୍ତି । ତାଙ୍କର ଦେଢ଼ବର୍ଷର ପୁଅ ଓ ସ୍ତ୍ରୀ ତାଙ୍କ ଉପରେ ନିର୍ଭରଶୀଳ। ସେ ଏହା ପୂର୍ବରୁ କୁଲିକାମ କରି ପେଟ ପ୍ରତିପୋଷଣ କରୁଥିଲେ । ମାତ୍ର ଭାଗ୍ୟର ବିଡ଼ମ୍ବନା ଏହି ଘଟଣା ପରେ ତାଙ୍କ ପରିବାର ଓ ସେ ବର୍ତ୍ତମାନ ଅସହାୟ ଅବସ୍ଥାରେ ଗତି କରୁଛନ୍ତି । ସରକାରଙ୍କ ପକ୍ଷରୁ ରାସନକାର୍ଡ଼ରେ ମାତ୍ର ଚାଉଳ କିଛି ମିଳୁଥିବାବେଳେ ଲୁଣତେଲ ପାଇଁ ଟଙ୍କାଟିଏ ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେଣୁ ସ୍ଥାନୀୟ ପ୍ରଶାସନ ଏହି ନିରାଶୟ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବା ସହ କୃତ୍ରିମ ଗୋଡ଼ ଓ ହାତ ଲଗାଇ ଦେଲେ ସେ ପୂର୍ବ ଭଳି ଅନ୍ତତଃ ପକ୍ଷେ କିଛି କାମଧନ୍ଦା କରି ନିଜର ଗୁଜୁରାଣ ମେଣ୍ଟାଇ ପାରନ୍ତେ । କୌଣସି ବାଦାନ୍ୟ ବ୍ୟକ୍ତି, ସମାଜସେବୀ, ସହୃଦୟ ବ୍ୟକ୍ତି ଉକ୍ତ ଅସହାୟ ପରିବାରକୁ ସହାୟତା କରିବାକୁ ସେ ନଂ- **୬୩୭୦୯୪୯୯୦ରେ ଫୋନ ମାଧ୍ୟମରେ ଯୋଗାଯୋଗ** କରିବାକୁ ପରିବାର ପକ୍ଷରୁ ଅନୁରୋଧ କରିଛନ୍ତି ।

# ଦାବି ପୂରଣ ନହେଲେ ଆନ୍ଦୋଳନ ପାଇଁ ଓଷ୍ଟାର ନିଷ୍ପତ୍ତି




ତାଳଚେର, ୯।୩(ନି.ପ୍ର): ଶିକ୍ଷକମାନଙ୍କର ନାର୍ଯ୍ୟ ଦାବିକୁ ରାଜ୍ୟ ସରକାର କାର୍ଯ୍ୟକାରୀ ନକଲେ, ସମଗ୍ର ରାଜ୍ୟର ଶିକ୍ଷକ, ଶିକ୍ଷୟତ୍ରୀ ତଥା ଶିକ୍ଷା କର୍ମଚାରୀମାନେ ସରକାରଙ୍କ ବିରୁଦ୍ଧରେ ଚରମ ନିଷ୍ପତ୍ତି ନେବେ ବୋଲି ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଚେତାବନୀ ଦିଆଯାଇଛି । ଓଷ୍ଟାର ଅନୁଗୁଳ ଜିଲ୍ଲା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସ, ସଭାପତି ଭାସ୍କର ଚନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ବିଶ୍ୱରଞ୍ଜନ ସାହୁ, ଉପ ସଭାପତି ଶ୍ରୀକାନ୍ତ କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଏବଂ ଓଷ୍ଟା ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ଶିକ୍ଷକମାନଙ୍କର ସମସ୍ୟାକୁ ତୁରନ୍ତ ସମାଧାନ କରନ୍ତୁ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଯେ- ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱକାଳ ଧରି ରାଜ୍ୟ ଓଷ୍ଟା ଆହ୍ୱାନରେ ଭୁବନେଶ୍ୱରର ଲୋୟର ପିଏମିଠାରେ ଶହ ଶହ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରତୀକାତ୍ମକ ଭାବରେ ଧାରଣାରେ ବସିଛନ୍ତି । ଓଷ୍ଟାର ଦାବିଗୁଡିକ ହେଲା ଅନୁଦାନରୁ ବଞ୍ଚିତ ବିଦ୍ୟାଳୟଗୁଡିକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା,ସମସ୍ତ ଶିକ୍ଷକମାନଙ୍କ ପାଇଁ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା, ସବୁ ବିଦ୍ୟାଳୟକୁ ସରକାରୀକରଣ କରିବା, କୋର୍ଟ ରାୟକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଖାଲି ପଡିଥିବା ସ୍ଥାନଗୁଡିକରେ ନୂଆ ଶିକ୍ଷକ, ଶିକ୍ଷୟତ୍ରୀ ନିଯୁକ୍ତି ଦେବା ତଥା ଅବସର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା ଇତ୍ୟାଦି । ଯଦି ସରକାର ଚଳିତ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ନାର୍ଯ୍ୟ ଦାବୀ ପୂରଣ ନକରନ୍ତି, ତେବେ ଚଳିତ ମାସ ୧୧ ଓ ୧୨ ତାରିଖ ଦୁଇଦିନ ଧରି ହେବାକୁ ଥିବା ସଂକଳ୍ପ ସମାବେଶରେ ଚରମ ନିଷ୍ପତି ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହିତ ମାଟ୍ରିକ ଖାତା ମୂଲ୍ୟାୟନ କାର୍ଯ୍ୟକୁ ବର୍ଜନ କରିବା ସହିତ ଆଗାମୀ ନିର୍ବାଚନ ପରିଚାଳନା କାର୍ଯ୍ୟରେ ଓଷ୍ଟା ସାମିଲ ହେବନାହିଁ ବୋଲି ସଂପାଦକ ଶ୍ରୀ ଦାସ ଦୃଢ ଚେତାବନୀ ଦେଇଛନ୍ତି ।

# ୬ ଚୋର ଗିରଫ : ବହୁଅଳଙ୍କାର ଜବତ



ଦାନଗଦି, ୯।୩(ନି.ପ୍ର): ଯଖପୁରା ପୋଲିସ ୬ ଜଣ ଚୋରକୁ କବଜା ସହିତ ସେମାନଙ୍କ ଠାରୁ ୧୦ ହଜାର ଟଙ୍କା, ୨୦ ଟି ସ୍ମାର୍ଟ ଫୋନ, ୧ ଟାବଲେଟ, ୧ ହୋଣ୍ଡା, ଦୁଇଟି ଲାପଟପ, ୧ କ୍ୟାମେରା, ୨ସୁନା କାନ ଫୁଲ, ୨ସଂଖୀ ,୨ ସୁନା ମୁଦି , ଜବତ କରିଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ଅଭିଯୁକ୍ତ ମାନେ ହେଲେ ସେକେ ସବୀର, ସେକେ ମାଇଦୁଲ. ଥାନା ଯାଜପୁର.ଚନ୍ଦନ ପାତ୍ର ,- ରମେଶ ପାତ୍ର, ତ୍ରିଜଙ୍ଗା କୋଲନି ଦାନଗଦି । ଚନ୍ଦନ ଦେହୁରୀ, ସନାତନ ଦେହୁରୀ ଘର ଚିଙ୍ଗୁଡ଼ି ପାଲ, ଗୌତମ ଜେନା କୁଟୁରି. ତନୁ ଯେନା, ସାରଙ୍ଗପୁର . ଜିତେନ୍ ଟ୍ରଜାନ ଧନେଶ୍ୱର ପୂର୍ତ୍ତି ପରଗାନା ପୂର୍ତ୍ତି, ତ୍ରିଜଙ୍ଗା କୋଲନି ଦାନଗଦି ଲକ୍ଷ୍ମୀଧର ସାହୁ , ନାରାୟଣ ସାହୁ । ପୋଲିସ ଏମାନଙ୍କ ବିରୋଧରେ ବିଭିନ୍ନ ଦଫା ଲଗାଇ ମାମଲା ରୁଜୁ କରିଛି।

# ନିଆଳି ମହାବିଦ୍ୟାଳୟର ଛାତ୍ରୀ ବିଶ୍ରାମଗୃହ ଉଦ୍‌ଘାଟିତ

ନିଆଳି ୯।୩(ନି.ପ୍ର): ନିଆଳି ମହାବିଦ୍ୟାଳୟରେ ଶନିବାର ୨ଟି ଛାତ୍ରୀ ବିଶ୍ରାମ କକ୍ଷ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ଦାସ ଆନୁଷ୍ଠାନିକ ଭାବେ ଉକ୍ତ ବିଶ୍ରାମ କକ୍ଷର ଉଦ୍ଘାଟନ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାଗିରଥି ଜେନା, ପ୍ରଶାସନିକ ଅଧିକାରୀ ଡ. ବିନୋଦ ବିହାରୀ ଦାସ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପକ ହରେକୃଷ୍ଣ ଦାସ,




ଅଧ୍ୟାପିକା ଇପ୍ସିତା ଷଡ଼ଙ୍ଗୀ ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହି ମହାବିଦ୍ୟାଳୟରେ ପ୍ରାୟ ୧୪ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପ୍ରାୟ ଅଧିକାଂଶ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରୀ ମାନଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାୟ ୪୦ଲକ୍ଷ ବ୍ୟୟରେ ୨ଟି ଛାତ୍ରୀ ବିଶ୍ରାମ କକ୍ଷର ନିର୍ମାଣ କରାଯାଇ ଏହାର ଉଦ୍ଘାଟନ କରାଯାଇଛି।

# ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ



ଆଠଗଡ, ୯।୩(ନି.ପ୍ର): ନରସିଂହପୁର ସାମ୍ବାଦିକ ସଂଘର ୨୦୨୪/୨୫ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦେବୀପ୍ରସାଦ ରଥ, ଉପସଭାପତି ଭାବେ ପ୍ରଦୀପ କୁମାର ନାୟକ, ସମ୍ପାଦକ ଭାବେ ଶେଖ ସବବି, ସହସମ୍ପାଦକ ସୁଧାଂଶୁ ଶେଖର ରଣା, କୋଷାଧ୍ୟକ ଭାବେ ସନାତନ ରଣା, କାର୍ଯ୍ୟକାରୀ ସଭ୍ୟ ଭାବେ ଦୁର୍ଗା ମାଧବ ଛାଟୋଇ, ଅଖିଳ କୁମାର ପ୍ରଧାନ, ସନ୍ତୋଷ ବଳବନ୍ତ ରାୟ, ଅଚୁତା ନନ୍ଦ ବେହେରା ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଦେବଦତ୍ତ ମଳୟ କୁମାର ବରାଳ ପରିଚାଳନା କରିଥିଲେ ଓ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

# ରେଳ ଧକ୍କାରେ ଯୁବକ ମୃତ

ତାଳଚେର, ୯।୩(ନି.ପ୍ର): ବିକ୍ରମପୁର ଥାନା ଅନ୍ତର୍ଗତ ଦଣ୍ଡସିଂହା ଏନଟିପିସି ଟ୍ରେନ ଲାଇନରେ ଛେଣ୍ଡିପଦା ଅଞ୍ଚଳର ବଡ଼ବେରଣା ଗ୍ରାମର ଦୁର୍ଗାଚରଣ ଭୋଇ (୪୦)ଙ୍କର କୌଣସି କାରଣରୁ ଟ୍ରେନ୍ ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ବିକ୍ରମପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିବା ସହ ମୃତଦେହ ଉଦ୍ଧାର କରି ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ ସୂତ୍ରରୁ ପ୍ରକାଶ । ଖବର ପ୍ରଚାରିତ ହେବାପରେ ସ୍ଥାନୀୟବାସୀନ୍ଦା ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ହୋହଲ୍ଲା କରିବା ସହ ଦୀର୍ଘ ସମୟଧରି ରୋକ ରୋକ କରିଥିଲେ । ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ୱାଭାବିକ ଅବସ୍ଥା ଫେରିଥିଲା।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ



ତାଳଚେର, ୯।୩(ନି.ପ୍ର): ତାଳଚେର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନିର୍ମାଣ ହେବାକୁ ଥିବା ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ୧୧ଟି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିଳାନ୍ୟାସ ଓ ଭୂମିପୂଜନ କାର୍ଯ୍ୟ ପୌରପରିଷଦର ନଗରପାଳ ପବିତ୍ର ଭୁତିଆଙ୍କ ନେତୃତ୍ୱରେ ହୋଇଥିଲାବେଳେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମ କରିଥିଲେ । ତାଳଚେରର ମୁଖ୍ୟ ଦ୍ୱାର ରାଜା ରାଜୁଡା ଅମଳରେ ନିର୍ମିତ ଫାଷ୍ଟ ଗେଟକୁ ନୂତନ ରୂପରେଖ ଦେବା ପାଇଁ ୩୦ଲକ୍ଷ ଟଙ୍କା, ସୌଭାଗ୍ୟ ସାଗର ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ପାଇଁ ଏକ କୋଟି ତିନି ଲକ୍ଷ ଟଙ୍କା, ଚିତ୍ରକୁଟ ପୋଖରୀର ସୌନ୍ଦର୍ଯ୍ୟ ବୃଦ୍ଧି ଓ ସିଦ୍ଧି ବିନାୟକଙ୍କ ବିରାଟ ବିଗ୍ରହ ନିର୍ମାଣ ପାଇଁ ଭୂମିପୂଜନ ହୋଇଥିବା ବେଳେ ଦୁଇ ନମ୍ବର ୱାର୍ଡରେ ବ୍ରାହ୍ମଣ ସମାଜ, ତେଲିସମାଜ, ଗୌଡ଼ ସମାଜ, ଚଷା ସମାଜଙ୍କ ନିମନ୍ତେ ବିଶ୍ରାମ ଗୃହ ପାଇଁ ୪୦ଲକ୍ଷ ଲେଖାଏଁ ୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଏହାର ଶିଳାନ୍ୟାସ କରାଯାଇଛି। ସେହିପରି ଶନି ମନ୍ଦିର ପାଇଁ ୫ଲକ୍ଷ ,୬ ନମ୍ବର ୱାର୍ଡ ମଣିମା ପୋଖରୀର ଉନ୍ନତି କରଣ ପାଇଁ ୪୬ ଲକ୍ଷ ଟଙ୍କା,୧୧ନମ୍ବର ୱାର୍ଡ ରାଣୀ ପାର୍କ ପୋଖରୀ ପାଇଁ ୭୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ତାଳଚେର ଫାଷ୍ଟ ଗେଟସ୍ଥିତ ଚିତ୍ରକୁଟ ପୋଖରୀର ସୌନ୍ଦର୍ଯ୍ୟ କରଣ ସହିତ ତାଳଚେରରେ ପ୍ରସିଦ୍ଧି ଲାଭ କରିଥିବା ଗଣେଶ ପୂଜାକୁ ମନେ ପକାଇ ବା ପାଇଁ ସେହି ପୋଖରୀ ମଧ୍ୟରେ ଏକ ବିରାଟ ଗଣେଶ ମୂର୍ତ୍ତି ସ୍ଥାପନ କରିବାର ଯୋଜନା ପ୍ରସ୍ତୁତ କରାଯାଇ ଏହାର ଭୂମି ପୂଜନ ଶିଳାନ୍ୟାଶ କରାଯାଇଛି। ଓ ତାଳଚେରର ଐତିହ୍ୟ ବହନ କରୁଥିବା ଅନ୍ତରାମ ତଥା ଫାଷ୍ଟ ଗେଟର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଆରମ୍ଭ ନେଇ ସହରରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଳଚେର ବାସୀଙ୍କ ପକ୍ଷରୁ ଏହି ପୋଖରୀଗୁଡ଼ିକର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ ଓ ପୌରାଞ୍ଚଳର ସୁବିଧା ପାଇଁ ରଜାରାଜାଡ଼ା ଅମଳରୁ ଥିବା ଏହି ପୋଖରୀ ଗୁଡ଼ିକ ଜରାଜିର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ କାହାର ସାମାନ୍ୟମତମ ଦୃଷ୍ଟି ନପଡ଼ିବା ତାଳଚେରବାସୀଙ୍କ ପାଇଁ ପରିତାପର ବିଷୟ ହୋଇଥିବା ବେଳେ ବିଳମ୍ବରେ ହେଉ ପଛେ ପୁନର୍ଜିବିତ ହେବାକୁଯାଉଛି । ତେବେ ଏଗୁଡ଼ିକ କେବେ କାର୍ଯ୍ୟକ୍ଷମ ହେଉଛି ତାହା ଦେଖିବାକୁ କେବଳ ବାକି ରହିଛି ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ ବଣ୍ଟନ

ଆଠଗଡ, ୯।୩(ନି.ପ୍ର): ଆଠଗଡ ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସାହୁ ଙ୍କର ପୌରହିତ୍ୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୩୫୦ ଜଣ ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡର ବଣ୍ଟନ କରିଥିଲେ। ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ ସମାରୋହରେ ୩୪ଟି ଗ୍ରାମ ପଞ୍ଚାୟତର ହିତାଧିକାରୀମାନଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରିଥିଲେ। କାର୍ଡର ଉପଯୋଗୀତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ସମ୍ବନ୍ଧରେ ମନ୍ତ୍ରୀ ଉପସ୍ଥିତ ହିତାଧିକାରୀମାନଙ୍କୁ ବୁଝାଇଥିଲେ। ପୁରୁଷମାନଙ୍କୁ ୫ ଲକ୍ଷ ଓ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କା ବିଭିନ ଗୁରୁତର ରୋଗ ପାଇଁ ସହାୟତା ମିଳିପାରିବ ବୋଲି ମନ୍ତ୍ରୀ ପ୍ରକାଶ କରି ଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସାହୁ ତାଙ୍କ ବକ୍ତବ୍ୟରେ ନବୀନ କାର୍ଡକୁ ବିଶ୍ୱର ଏକ ଅଭୁତପୂର୍ବ ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମ ଓ ଓଡ଼ିଶା ବାସୀଙ୍କ ପାଇଁ ଏହି କାର୍ଡ ମୃତ୍ୟୁ ସଂଜୀବନୀ ବୋଲି ଉଲ୍ଲେଖ କରିଥିଲେ। ମନ୍ତ୍ରୀଙ୍କର ସ୍ୱତନ୍ତ୍ର ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ଆମ୍ବାର ଆଠଗଡ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ଏମବିକେ ଲକ୍ଷ୍ମୀପ୍ରିୟା ବେହେରା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଠଗଡ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତ ସଭ୍ୟ, ଓଡ଼ିଶା ମିଶନ ଶକ୍ତି କର୍ମକର୍ତ୍ତା ,ସମସ୍ତ ପିଇଓ ,କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ଅଧିକାରୀ ମିଥୁନ ବେହେରା, ସହକାରୀ ଅଜୟ ପ୍ରଧାନ ଓ ସମସ୍ତ ଖୁଚୁରା ବିକ୍ରେତା ଏଥିରେ ସହାୟତା କରିଥିଲେ।



# ବିଭିନ୍ନ ସ୍ଥାନରେ ମହାଶିବରାତ୍ରି ପାଳିତ



**କଣିହାଁ,** କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ଆଖଣ୍ଡଳମଣି ମନ୍ଦିର, କପିଳେଶ୍ୱର ମନ୍ଦିର ସମେତ ରେଙ୍ଗାଳି ଗ୍ରାମ ଶିବ ମନ୍ଦିର, ଦେନାଳି ଗ୍ରାମର ରାମେଶ୍ୱର ମନ୍ଦିର, ବଜ୍ରକୋଟ ଗ୍ରାମର ଭିଙ୍ଗେଶ୍ୱର ମନ୍ଦିର ପ୍ରଭୃତି ଶୈବପୀଠ ଗୁଡିକରେ ମହାଶିବରାତ୍ରି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପବିତ୍ର ମହାଶିବରାତ୍ରିରେ ସମସ୍ତ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବାମଣି ମନ୍ଦିରରେ ନୀତିନିର୍ଘଣ୍ଟ ଅନୁଯାୟୀ ବାବା ଆଖଣ୍ଡଳମଣୀଙ୍କର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ମନ୍ଦିରର ୩୫ତମ ଶିବରାତ୍ରି ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୋରାହିତ୍ୟରେ ବିଭିନ୍ନ ଦେବା ଦେବୀପୀଠରୁ ୩୨ଜଣ ଦେବାଦେବୀଙ୍କ ସହ ରେଙ୍ଗାଳି ପ୍ରକଳ୍ପ ର ମା' ବାଟମଙ୍ଗଳା ଓ ତାଳଚେରର ମା' ହିଙ୍ଗୁଳାଙ୍କୁ ରେଙ୍ଗାଳି ପ୍ରକଳ୍ପସ୍ଥିତ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରଣ କରି ଅଣାଯାଇଥିଲା। ସନ୍ଧ୍ୟାରେ ମହା ଆଳତୀ ପରେ ଶ୍ରଦ୍ଧାଳୁମାନେ ବାବା ଭୋଳାନାଥଙ୍କୁ ଦର୍ଶନ କରି ମନ୍ଦିରର ଚତୁପାର୍ଶ୍ୱରେ ଜାଗର ଜାଳି ରାତ୍ର ଉଜାଗର ହୋଇ ବ୍ରତ ପାଳନ କରିଥିଲେ। ବେଢ଼ା ପରିକ୍ରମା ଓ ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ଲିଙ୍ଗାଭରଣ ଓ ରୁଦ୍ର ମହାଯଜ୍ଞ ପରେ ମହାଦୀପ ଉତ୍ତୋଳନ ଓ ସଂସ୍ଥାପନ କରାଯାଇଥିଲା।



**ପାଲଲହଡା,** ପାଲଲହଡା ବ୍ଲକର ପ୍ରସିଦ୍ଧ ଶୈବପୀଠ ଖୁଲୁଡ଼ି ବାବା ଗିରିଶ୍ୱର ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରକମ୍ପିତ ହେଲା ଓଁ ନମଃ ଶିବାୟ। ଦିନ ବେଳା ମହାଶିବରାତ୍ରି ଜାଗରରେ ହଜାର ହଜାର ଭକ୍ତ ନିର୍ଜଳା ଉପବାସ ରହି ବାବା ଗିରିଶ୍ୱରଙ୍କୁ ଆରଧନା କରି ନିଜ ମନସ୍କାମନା ପାଇଁ ପୂଜା କରିଛନ୍ତି। ହଜାର ହଜାର ଭକ୍ତଙ୍କ ହୋ ହାଲ୍ଲାରେ ପ୍ରକମ୍ପିତ ହୋଇ ଉଠୁଛି ଓଁ ନମଃ ଶିବାୟ। ବାବା ଗିରିଶ୍ୱର ମନ୍ଦିର ମାଲ୍ୟଗିରି ପାଦଦେଶରେ ଅବସ୍ଥିତ, ଝରଣାର କୁଳୁ କୁଳୁ ନାଦ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଭକ୍ତଙ୍କୁ ଅତି ଆନନ୍ଦ ଦେଇଥାଏ। ଏଠାକୁ ଅନୁଗୁଳ ଜିଲ୍ଲାର ଆଖପାଖ ଜିଲ୍ଲା କେନ୍ଦୁଝର, ଦେବଗଡ଼ ଓ ଢେଙ୍କାନାଳ ଜିଲ୍ଲାର ଅନେକ ଭକ୍ତଙ୍କୁ ଦେଖିବାକୁ ମିଳିଥାଏ। ସନ୍ଧ୍ୟା ସମୟରେ ରଙ୍ଗୀନ ଆଲୋକ ସାଜସଜ୍ୟା ସାଙ୍ଗକୁ ଦୀପାଳିର ଆଲୋକ ଅତିମନରମ ହୋଇଥିବା ଦେଖିବାକୁ ମିଳିଥିଲା।

# ସରକାରୀ ଜମିରୁ ମୁନାଫା ଉଠାଉଛନ୍ତି ଜବରଦଖଲକାରୀ : ବିଭାଗୀୟ ଅଧିକାରୀ ଚୁପ୍

ଓଡ଼ାପଡ଼ା, ୯।୩(ନି.ପ୍ର): ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ବିଭାଗ ଅଧିନରେ ଥିବା ମୂଲ୍ୟବାନ ସରକାରୀ ଜମି ସହିତ ଗୋଚର,ଜଳାଶୟ ଓ ଜଙ୍ଗଲ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ମୋଟା ଅଙ୍କର ମୁନାଫା ଉଠାଉଥିବା ଏକ ଅନୁସନ୍ଧାନରୁ ଜଣାପଡିଛି । ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ଜମି ମାଫିଆ ମାନେ ସେହି ଜମିକୁ ବିକ୍ରି କରି ମାଲାମାଲ ହେଉଥିବାବେଳେ ଭୂମିହୀନ ପ୍ରଜାମାନଙ୍କୁ ଘର ଡିହ ପାଇଁ ଜମି ମିଳୁନାହିଁ । କାଶିଆଡିହି ସରପଞ୍ଚ ମିନତୀ ରାଉତଙ୍କ ସୂଚନା ଅଧିକାର ଆଇନ ବଳରେ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କାଶିଆଡିହି ଗ୍ରାମର ଜଣେ ରାଜନୈତିକ ମହିଳା ଆପିକଲରୁ ପ୍ରାୟ ୩୩ ଲକ୍ଷ ଟଙ୍କା ଋଣ ନେଇ କାଣ୍ଡବିନ୍ଧା ମୌଜାର ସରକାରୀ ଖାତା ନଂ ୯୮୯ ଓ ୯୯୨ପ୍ଲଟ ନଂ ୬୯୦ ଓ ୫୯୫ଏରିଆ ଏ୩, ୮୮ ଜମିରେ ଘର ତିଆରି କରି କୁକୁଡ଼ା ଓ ଛେଳି ଚାଷ ନିମନ୍ତେ ଘର ତିଆରି କରିଛନ୍ତି। କାଣ୍ଡବିନ୍ଧା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଓଡ଼ାପଡ଼ା ତହସିଲଦାରଙ୍କୁ ପଠାଇଥିବା ପତ୍ର ସଂଖ୍ୟା ୫୩୪୨ ଜଣାପଡିଛି । କାଶିଆଡିହି ସରପଞ୍ଚ ମିନତୀ ରାଉତ ଏହି ବେଆଇନ ଜବରଦଖଲ ଉପରେ ତହସିଲ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ମାଗିବା ପରେ ଦୁଇଟି ବେଆଇନ ଦଖଲ ଅଭିଯୋଗରେ ନଂ ୫୫/୨୦୨୩ ,୫୬/୨୦୨୩ କେସ ରୁଜୁ କରିଥିବା ସୂଚନା ମିଳିଛି। ଏହିପରି ବହୁ ମୂଲ୍ୟବାନ ସରକାରୀ ଜମିକୁ ଅନେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କୋଠାବାଡ଼ି ନିର୍ମାଣ କରି ନିଜେ ରହିବା ସହିତ ଅନେକ ଘର ଭଡାରେ ଲଗାଇ ଅର୍ଥ ରୋଜଗାର କରୁଛନ୍ତି । ଏଥିପ୍ରତି ଓଡ଼ାପଡ଼ା ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନଥିବାରୁ, ଦିନକୁ ଦିନ ଜବରଦଖଲ କାରିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ସରକାରୀ ଜମି ଅଭାବରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ କାର୍ଯ୍ୟାଳୟ କୋଠାବାଡ଼ି ନିର୍ମାଣ ହୋଇପାରୁନି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବିହେଉଛି ।

# ଅବକାରୀ ବିଭାଗର ମିଳିତ ଚଢ଼ାଉ

ଆଠଗଡ,୯।୩(ନି.ପ୍ର): ଆଠଗଡ ଅବକାରୀ ରେଞ୍ଜ,କଟକ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଟିମ୍, ବାଙ୍କି ଅବକାରୀ ଥାନା, କଟକ ସଦର ଅବକାରୀ ଥାନା ପକ୍ଷରୁ ଖୁଣ୍ଟୁଣି ଥାନା ଅର୍ନ୍ତଗତ ଖଣ୍ଡୁଆଲି ସଂରକ୍ଷିତ ଜଙ୍ଗଲରେ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଅବକାରୀ ଅଧିକାରୀମାନେ ୧୧ ହଜାର ୧୩୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ସଂରକ୍ଷିତ ଥିବା ଗୁଡ ପୋଚ ଓ ୧୬୧୦ ଲିଟର ବେଆଇନ ଦେଶୀ ମଦ ଜବତ କରି ନଷ୍ଟ କରିଦେଇଥିଲେ। ଅବକାରୀ ବିଭାଗ ପକ୍ଷରୁ ୪ଟି ଅଜଣା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛନ୍ତି। କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଅବକାରୀ ରେଞ୍ଜ ଅଧିକାରୀ, ଅବକାରୀ ଉପଅଧିକ୍ଷକ କଟକ, ଭାରପ୍ରାପ୍ତ ଅଧିକାରୀ ଆଠଗଡ ଅବକାରୀ ଥାନା, ଭାରପ୍ରାପ୍ତ ଅବକାରୀ ଅଧିକାରୀ ବାଙ୍କି, ଭାରପ୍ରାପ୍ତ ଅଧିକାରୀ କଟକ ସଦର ଓ ଅନ୍ୟ ଅବକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।



# ମୋ ବସ୍ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର/ବ୍ରହ୍ମପୁର, ୯।୩(ନି.ପ୍ର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକମାନଙ୍କ ସୁବିଧା ନିମନ୍ତେ ଶନିବାର ହଳଦିଆ ପଦରସ୍ଥିତ ବସ୍ ଟର୍ମିନାଲ୍ ଠାରେ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବ୍ରହ୍ମପୁର ସହରରେ ମୋ ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ସହରରେ ଆଜି ୧୫ଟି ଲେଖାଏଁ ବସ୍ ଚଳାଚଳ ପାଇଁ ସୁବିଧା କରାଯାଇଛି । ସହରରେ ଏମ୍‌କେସିଜି ମେଡ଼ିକାଲ୍ କଲେଜ-ଇଞ୍ଜିନିୟରିଂ ସ୍କୁଲ-ରେଲ୍‌ୱେ ଷ୍ଟେସନ୍-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବସ୍‌ଗୁଡ଼ିକ ଚଳାଚଳ କରିବ । ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର । ୫-ଟି ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡ଼େ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆସିଛି । ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା ନୂଆ ଓଡ଼ିଶା ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି । ୯୦ ପ୍ରତିଶତ କଣ୍ଡେକ୍ଟର ଭାବେ ମା ମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇ ଦେବା ମୋ ବସ୍ ସେବା ଲକ୍ଷ୍ୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସଂଯୋଜନା କରିଥିଲେ । ଏହି ଅବସରରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ କହିଥିଲେ ଯେ, ବ୍ରହ୍ମପୁର ସହରରେ ପିଇବା ପାଣି ଠାରୁ ଆରମ୍ଭ କରି ଗମନାଗମନ ପାଇଁ ମୋ ବସ୍ ପର୍ଯ୍ୟନ୍ତ ସମସ୍ତ ସୁବିଧା ମୁଖ୍ୟମନ୍ତ୍ରୀ ସହରବାସୀଙ୍କୁ ଯୋଗାଇ ଦେଇଛନ୍ତି । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥି ଭାଥାନନ୍ ଉପସ୍ଥିତଥିଲେ। ମୋ ବସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା, ମୋ ବସ୍‌ର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ମୋ ବସ୍‌କୁ ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଡ଼. ସୋନାଲି ଗନ୍ତାୟତ, ଟି. ତିରୁପତି ପାତ୍ର, ନୀଳକଣ୍ଠ ସାହୁ, ଗୀତାରାଣୀ ପଣ୍ଡା, ବେବୀ ନାୟକ, ଦୁର୍ଗା ଲାୟକ, ଅଶ୍ୱିନୀ ପଟ୍ଟନାୟକ, ଜାମୁଲା ଶ୍ରୀନୁ, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ମମତା ବିଷୋୟୀଙ୍କ ସମେତ ବହୁ ବିଜେଡ଼ିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌କେସିଜି ସମ୍ପ୍ରସାରଣ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

**ବ୍ରହ୍ମପୁର, ୯।୩(ନି.ପ୍ର):** ୯୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଅନ୍‌ଲାଇନ୍‌ରେ ଟେଣ୍ଡର ସମ୍ପର୍କିତ କାଗଜପତ୍ର ଉପଲବ୍ଧ କରାଯାଉଛି । ୧୬ ତାରିଖରେ ଟେଣ୍ଡର ପୂର୍ବ ବୈଠକ ବସିବ । ଏପ୍ରିଲ୍ ୧୦ ତାରିଖରେ ଟେଣ୍ଡର ଖୋଲାଯିବ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟ ଜଣେ ସୁପରକ୍ଲାସ୍ ଠିକାଦାରଙ୍କ ଜରିଆରେ କରାଯିବ ବୋଲି ଓବିସିସି ପକ୍ଷରୁ ଜଣାପଡ଼ିଛି । ଏହି ସମ୍ପ୍ରସାରଣ କାର୍ଯ୍ୟ ଦ୍ୱାରା ଏମ୍‌କେସିଜିର ରୋଗୀ ଶଯ୍ୟା ସଂଖ୍ୟା ୧୫୮୩ ରୁ ୨୫୦୦ କୁ ବୃଦ୍ଧି କରାଯିବ ବୋଲି ଯୋଜନା ରହିଛି। ପ୍ରକାଥାଉକି, ଚଳିତ ମାସ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମ୍‌କେସିଜିର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଭିତ୍ତି ସ୍ଥାପନ କରିଥିଲେ। ଏମ୍‌କେସିଜିର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ମୋଟ ୯୫୦ କୋଟି ଟଙ୍କା ଖର୍ଚ୍ଚ ହେବା ଏହି ପ୍ରକଳ୍ପ ଜରିଆରେ ଅବ୍ୟବହୃତ ହୋଇ ପଡ଼ିଥିବା ପୁରୁଣା ଇନ୍‌ଡ଼ୋର କୋଠା ଭଙ୍ଗାଯାଇ ସେହି ସ୍ଥାନରେ ନୂତନ ୧୦ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କରାଯିବ । ସେଠାରେ ସମସ୍ତ ବର୍ହିବିଭାଗ ରହିବ । ସେହିପରି ଏହି କୋଠାରେ ଭେଷଜ ବିଭାଗର ୨୮୦ ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ, ୧୦୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ଅନ୍ତଃବିଭାଗ, ବର୍ଣ୍ଣ କେୟାର ୟୁନିଟ୍, ଆଇସିୟୁ ୫୦ ଶଯ୍ୟାର ସିସିୟୁ, ଜରୁରୀକାଳୀନ ସେବା, ୫ଟି ଅସ୍ତ୍ରୋପଚାର ଗୃହ, ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିବ । ସେହିପରି ଏମ୍‌କେସିଜିରେ ୨ ମହଲା ବିଶିଷ୍ଟ ଇନ୍‌ଡ଼ୋର୍ ଷ୍ଟାଡ଼ିୟମ୍ ଓ ଖେଳପଡ଼ିଆର ଉନ୍ନତିକରଣ କରାଯିବା ଷ୍ଟାଡ଼ିୟମ୍ ଓ ଖେଳପଡ଼ିଆରେ ବାସ୍କେଟବଲ୍, ଭଲିବଲ୍, ବ୍ୟାଡ଼ମିଣ୍ଟନ୍, ବ୍ୟାୟାମଶାଳା, ଯୋଗଗୃହ, ବହୁମୁଖୀ ହଲ୍ ରହିବ । ସେହିପରି ୬ ମହଲା ବିଶିଷ୍ଟ ଗେଷ୍ଟ ହାଉସ୍ ନିର୍ମାଣ ହେବ । ସେଠାରେ ମୋଟ ୪୪ଟି କୋଠରୀ ସହ ବଗିଚା, ବ୍ୟାୟାମଶାଳା ଆଦି ରହିବ। ୮ ମହଲାର ୩୦୦ ଶଯ୍ୟା ବିଶିଷ୍ଟ ୟୁଜି ସର୍ଜନ ପୁରୁଷ ହଷ୍ଟେଲ୍, ୮ ମହଲାର ୧୫୦ ଶଯ୍ୟା ବିଶିଷ୍ଟ ହାଉସ୍ ସର୍ଜନ ମହିଳା ହଷ୍ଟେଲ୍ ମଧ୍ୟ ନିର୍ମାଣ ହେବ । ସେହିପରି ଟ୍ରମା କେୟାର ସେଣ୍ଟର, ଡ଼େଣ୍ଟାଲ୍ କଲେଜ କୋଠା ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍‌ରେ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୮ ମହଲାର ୩୦୦ ଶଯ୍ୟା ବିଶିଷ୍ଟ ୟୁଜି ପୁରୁଷ ହଷ୍ଟେଲ୍ ନିର୍ମାଣ ପାଇଁ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ସାରିଛି ।

# ପୂର୍ବତନ କର୍ପୋରେଟରଙ୍କୁ ଧମକ ଅଭିଯୋଗ

**ବ୍ରହ୍ମପୁର, ୯।୩(ନି.ପ୍ର):** ମହାନଗର ନିଗମ ପୂର୍ବତନ କର୍ପୋରେଟର ବୀରେନ୍ ପଟ୍ଟନାୟକଙ୍କୁ ଧମକ ଅଭିଯୋଗ ହୋଇଛି । ସନ୍ଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡରୁ ସିଟି ବସ୍‌ଷ୍ଟାଣ୍ଡ୍ କୁ ଯାଉଥିବା ବେଳେ ନିଖିଳ ଚୌଧୁରୀ ନାମକ ଜଣେ ଯୁବକ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଟାଉନ୍‌ଥାନାରେ ଅଭିଯୋଗ ପରେ ଥାନା କେସ୍ ନଂ ୯୩/୨୪ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି । ତାଙ୍କୁ ବିଧା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ବିଧାୟକ ଓ ଜଣେ କର୍ପୋରେଟରଙ୍କ ନାଁ ନେଇ ଭୟଭୀତ କରାଇଥିବା ସେ ଅଭିଯୋଗ କରିଛନ୍ତି। କୌଣସି ପ୍ରକାରେ ସେ ଖସି ଆସିବା ପରେ ଥାନାରେ ଏତଲା ଦେଇଛନ୍ତି ।

# ସର୍ବ ଭାରତୀୟସ୍ତରରେ ବ୍ରହ୍ମପୁର ଆଇଟିଆଇକୁ ଷଷ୍ଠ ସ୍ଥାନ

**ବ୍ରହ୍ମପୁର, ୯।୩(ନି.ପ୍ର):** ଆଇ.ଟି.ଆଇ ସବୁବେଳେ ନିଜର ଦକ୍ଷତା ପ୍ରତିପାଦନ କରି କିଛି ନା କିଛି ରେକର୍ଡ଼ ସୃଷ୍ଟି କରିଛି । ଆଜି ମଧ୍ୟ ସିଟିଂ କାପାସିଟିରେ ସର୍ବଭାରତୀୟ ସ୍ତରରେ ଷଷ୍ଠ ନମ୍ବରରେ ପହଞ୍ଚିଛି । ଆଇ.ଟି.ଆଇରେ ସର୍ବମୋଟ ୨୯ଟି ବିଭାଗରେ ୩୯୭୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଯାହାକି ସାରା ରାଜ୍ୟରେ ପ୍ରଥମ । ଏଠାରେ ଛାତ୍ରଛାତ୍ରୀମାନେ ପଢ଼ିବା ପାଇଁ ଆଗ୍ରହୀ ହୋଇଛନ୍ତି ।



ଦେଶର ନାମୀଦାମୀ କମ୍ପାନୀ ମଧ୍ୟ ଏଠାକୁ ଆସିଥାନ୍ତି ଭଲ ପିଲା ନିଯୁକ୍ତି କରିବା ପାଇଁ । ରାଜ୍ୟ ପାଇଁ ଏହା ଏକ ଗୌରବର ବିଷୟ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ରଜତ କୁମାର ପାଣିଗ୍ରାହୀ କହିଛନ୍ତି ଓ ସ୍କିଲ୍ ଇନ୍ ଓଡ଼ିଶାର ଏକ ମାଇଲ୍ ଖୁଣ୍ଟ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତ ହେବନି ବ୍ରହ୍ମପୁର ଆଇ.ଟି.ଆଇ. ।

# ପ୍ରଥମ ପତ୍ନୀ ଅଜାଣତରେ ଦ୍ୱିତୀୟ ବିବାହ : ବାପା-ପୁଅ ଗିରଫ

**ବ୍ରହ୍ମପୁର, ୯।୩(ନି.ପ୍ର):** ପ୍ରଥମ ପତ୍ନୀଙ୍କ ଅଜାଣତରେ ଅନ୍ୟ ଜଣେ ଝିଅକୁ ଦ୍ୱିତୀୟ ବିବାହ କରିବା ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି । ଏନେଇ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ବାପାଙ୍କୁ ଗିରଫ କରିଛି । ସୂଚନାପ୍ରକାରେ, ଆଙ୍କୁଶପୁର ଅଞ୍ଚଳର ଜଣେ ମହିଳା ଆଜକୁ ୧୦ ବର୍ଷ ଜଗଦଳପୁର ଅଞ୍ଚଳର ଅଭିନାଶ ପାତ୍ରଙ୍କୁ ମନ୍ଦିରରେ ବିବାହ କରିଥିଲେ । ବିବାହ ପରେ ଉଭୟ ଦିଲ୍ଲୀରେ ରହୁଥିଲେ । ଉଭୟଙ୍କ ୨ଟି ସନ୍ତାନ ରହିଛି । ହେଲେ କିଛି ଦିନ ତଳେ ଅଭିନାଶ ଅନ୍ୟ ଜଣେ ଝିଅଙ୍କୁ ବିବାହ କରିଥିଲେ । ଅଭିନାଶଙ୍କ ପରିବାର ଲୋକେ ପୂର୍ବ ବିବାହ ତଥା ଜାଣି ମଧ୍ୟ ତାଙ୍କୁ ଅନ୍ୟ ଜଣେ ଝିଅ ସହ ବିବାହ କରାଇ ଦେଇଛନ୍ତି ବୋଲି ମହିଳା ଜଣଙ୍କ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ଅଭିନାଶଙ୍କ ସମେତ ତାଙ୍କ ବାପା ଅର୍ଜୁନ ପାତ୍ରଙ୍କୁ ଗିରଫ କରିଛି ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ବ୍ରହ୍ମପୁର, ୯।୩(ନି.ପ୍ର):** ସ୍ଥାନୀୟ ବ୍ରହ୍ମପୁର ଡ଼ାଇମଣ୍ଡ ଜୁବୁଲି ଟାଉନ୍ ହଲ ପରିସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜଳ ଆରୋଗ୍ୟ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଉମା ଶଙ୍କର ମିଶ୍ର, ଏଡ଼ିପିଏଚ୍‌ଓ ଡ଼ା. ଆର୍ ଜଗଦୀଶ୍ ପଟ୍ଟନାୟକ, ଡ଼ା. ସନ୍ତୋଷ ପାଢ଼ୀ, ଡ଼ା. ଅନିଲ୍ ରଥ, ଡ଼ା. ଅବନୀ ପାତ୍ର, ଡ଼ିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଆଶିଷ କୁମାର ମିଶ୍ର ମଞ୍ଚାସୀନଥିଲେ। ଏହି ଅବସରରେ ଜିଲ୍ଲାର ଗ୍ରାମାଞ୍ଚଳରେ ଉତ୍ତମ ସେବା ପ୍ରଦାନ କରିବା ସହିତ ଲୋକଙ୍କ ସହ ରହି କାମ କରୁଥିବା ୨୩ ଜଣ ଆଶାକର୍ମୀ ଓ ୨୨ଟି ଗାଁ କଲ୍ୟାଣ ସମିତିକୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା । କୋଭିଡ୍ ମହାମାରୀ ହେଉ କିମ୍ବା ମହିଳା ଗର୍ଭବତୀ ହେବା ଠାରୁ ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଶାକର୍ମୀଙ୍କ ଭୂମିକା ପ୍ରଶଂସନୀୟ । ଗର୍ଭବତୀ ଦିନ ସାରା କେଉଁ ଔଷଧ ସେବନ କଲା ଏବଂ ତାର ସ୍ୱାସ୍ଥ୍ୟବସ୍ଥା କିପରି ରହିଛି ଏହି ଦାୟିତ୍ୱ ଆଶାକର୍ମୀଙ୍କ ବୋଲି ଏଠାରେ କୁହାଯାଇଥିଲା । ଡ଼ିଏମ୍‌ଆର୍‌ସିଏଚ୍ ଶକ୍ତି ଦିଗାଲ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଦିଲ୍ଲୀପ ପଣ୍ଡା ଏବଂ ଅନ୍ୟ ସମସ୍ତ ବିଭାଗୀୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଚନ୍ଦ୍ରଚୁଡ଼େଶ୍ୱର ମନ୍ଦିରରେ ଅଷ୍ଟପ୍ରହର ଅଭିଷେକ

**ବ୍ରହ୍ମପୁର, ୯।୩(ନି.ପ୍ର):** ଉପକଣ୍ଠ ଖଜୁରିଆ ରାସ୍ତାରେ ଥିବା ସ୍ଫଟିକ ଲିଙ୍ଗ ଚନ୍ଦ୍ରଚୁଡ଼େଶ୍ୱର ମନ୍ଦିରରେ ମହାଶିବରାତ୍ରୀ ଅବସରରେ ଅଷ୍ଟପ୍ରହର ଅଭିଷେକ କରାଯାଇଛି । ପ୍ରତି ପ୍ରହରରେ ମହାଦେବଙ୍କୁ ୩୦ ପ୍ରକାର ରସ ଓ ଜଳରେ ଅଭିଷେକ କରାଯାଇଥିବା ବେଳେ ପ୍ରତ୍ୟେକ ଥର ୧ ହଜାର ୮ ବେଲପତ୍ର ଅର୍ପଣ କରାଯାଇଥିଲା । ରୁଦ୍ରାଭିଷେକ ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ମନ୍ଦିର ପରିସରରେ ୧୧ ଜଣ ପଣ୍ଡିତଙ୍କ ଦ୍ୱାରା ୧୧ ଜଣ କର୍ତ୍ତାଙ୍କ ସହଯୋଗରେ ଲକ୍ଷାଧିକ ବେଲପତ୍ର ଅର୍ଚ୍ଚନା କରାଯାଇଥିଲା । ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୧ ଜଣ ପଣ୍ଡିତଙ୍କ ଦ୍ୱାରା ଦିନ ତମାମ୍ ଘୃତ ଯଜ୍ଞ ସହିତ କର୍ମକାଣ୍ଡ ପୂଜାପାଠ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ୧୦୮ ଆଲତି, ରାତି ସାଢ଼େ ୧୧ଟାରେ ମନ୍ଦିର ଚୁଡ଼ାରେ ନୂତନ ଧ୍ୱଜା ସ୍ଥାପନ, ୧୧ଟା୪୫ରେ ମହାଦୀପ ସ୍ଥାପନ କରାଯାଇ ମୋହନ ଭୋଗ ଅର୍ପଣ କରାଯାଇଥଲା।

# ଉଷୁନା ଓ ଅରୁଆ ଚାଉଳ କଳାବଜାର

**ଗଞ୍ଜାମ, ୯।୩(ନି.ପ୍ର):** ଜଗନ୍ନାଥପ୍ରସାଦ ବ୍ଲକ୍ ଗାୟାଗଣ୍ଡ ପଞ୍ଚାୟତରେ ଖାଉଟିଙ୍କୁ ମିଛ କହି ଅରୁଆ ଚାଉଳ ରଖି ଉଷୁନା ଚାଉଳ ଦେଇ ଲୋକମାନଙ୍କ ଠାରୁ କିଲୋ ପିଛା ଦଶ ଟଙ୍କା ଲେଖାଏଁ ଜଣେ କଳା ବେପାରୀ ରଖୁଛନ୍ତି ଘଟଣାରୁ ଜଣାଯାଇଛି । ଯେ ଅରୁଆ ଚାଉଳ ଖାଇଲେ ପେଟ ରୋଗ ହେବ । ଏଣୁ ଉଷୁନା ଚାଉଳ ଖାଆ କହି ସମ୍ପୃକ୍ତ ବେପାରୀ ମାଲେମାଲ ହେଲେଣି ସର୍ବ ସମ୍ମୁଖରେ ସେ ଦୀର୍ଘ ଦିନ ଧରି ଏହି ବେପାର ଚଳାଇଛନ୍ତି । ଯାହା ଦ୍ୱାରା ଗରିବ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ତୁରନ୍ତ ପୋଲିସ ଓ କର୍ତ୍ତୃପକ୍ଷଙ୍କୁ ଦେଇ କଳା ବେପାରୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ତରଫରୁ ଦାବି ହୋଇଛି ।

# ହରିହରାତ୍ମକ ଓ ପଞ୍ଚ ବ୍ରହ୍ମଚାରୀଙ୍କ ବ୍ରତୋପନୟନ

**ବ୍ରହ୍ମପୁର, ୯।୩(ନି.ପ୍ର):** ଉପକଣ୍ଠ ଲାଠି ନିକଟ ପୁଷ୍ପଲତା କଲ୍ୟାଣ ମଣ୍ଡପ ସନ୍ନିକଟ ପଡ଼ିଆରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ହରିହରାତ୍ମକ ଓ ପଞ୍ଚ ବ୍ରହ୍ମଚାରୀ ବ୍ରତୋପନୟନ ଉତ୍ସବ ଓ ଗୀତାଜ୍ଞାନ ଯଜ୍ଞ ସମେତ ୨୪ ପ୍ରହର ହରେକୃଷ୍ଣ ମହାମନ୍ତ୍ର ନାମଯଜ୍ଞ ସୋମବାର ଦିନ ଉଦ୍‌ଯାପିତ ହେବ । ମନୋଜ କୁମାର ସାହୁ ଓ ରଞ୍ଜିତା କୁମାରୀ ସାହୁଙ୍କ ସୁପୁତ୍ର ରାଜ ପ୍ରାସାଦଙ୍କ ସମେତ ସୁଦୂର ନୂଆଦିଲ୍ଲୀ, ଗୋଳାବନ୍ଧ ସମେତ ଅନ୍ୟ ସ୍ଥାନରୁ ପାଞ୍ଚ ଜଣ ନବୀନ ବ୍ରହ୍ମଚାରୀଙ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିନ ନିକଟସ୍ଥ ସାପୁଆ ନଦୀର ଜଳକୁ ପଣ୍ଡିତମାନଙ୍କ ଦ୍ୱାରା ନୀତିନିୟମ ଅନୁଯାୟୀ ପୂଜାବିଧିର ସହ ମହିଳାମାନେ ମସ୍ତକରେ ଧାରଣ କରି ଯଜ୍ଞ ସ୍ଥଳର ସ୍ଥାପନ କରିଥିଲେ । ଦ୍ୱିତୀୟ ଦିନ ହୋମଯଜ୍ଞ ପଣ୍ଡିତମାନଙ୍କ ବେଦ ପାଠ ସହ ଆରମ୍ଭ ହେବା ସହ ୪୮ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ପଣ୍ଡିତ ସନ୍ତୋଷ କର ଶର୍ମା ମୁଖ୍ୟ ପଣ୍ଡିତ ଡ଼ଃ ସୁଧାଂଶୁ ଶେଖର କର ପ୍ରବଚନ ଭାବେ ଯୋଗଦାନ କରି ପଞ୍ଚବିନାତ୍ମକ ବିଶ୍ୱ କଲ୍ୟାଣ ଯଜ୍ଞ ନବୀନ ବ୍ରହ୍ମାଚାରୀଙ୍କ ବ୍ରତୋପନୟନ ମହାସମାରୋହରେ ସମାପନ କରିବେ ବୋଲି ମୁଖ୍ୟ କର୍ତ୍ତା ମନୋଜ କୁମାର ସାହୁଙ୍କ ଠାରୁ ପ୍ରକାଶ।

# ୧୦ ଇନିକ୍ସପେକ୍ଟରଙ୍କ ମଧ୍ୟରେ ଅଦଳବଦଳ

**ବ୍ରହ୍ମପୁର, ୯।୩(ନି.ପ୍ର):** ପୋଲିସ ଜିଲ୍ଲାରେ ଏସ୍‌ପି ଡା. ଶର୍ବଣା ବିବେକ୍ ଏମ୍ ଜିଲ୍ଲା ପୋଲିସରେ କାର୍ଯ୍ୟରତ ୧୦ ଇନିକ୍ସପେକ୍ଟରଙ୍କ ମଧ୍ୟରେ ଅଦଳବଦଳ କରିଛନ୍ତି । ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ଗୋଳନ୍ଥରା ଥାନା, ବୈଦ୍ୟନାଥପୁର ଥାନା ଅଧିକାରୀ ବାବା ଶଙ୍କର ସରାଫଙ୍କୁ ଦିଗପହଣ୍ଡି ଥାନା, ଜିଲ୍ଲା ମୁଖ୍ୟାଳୟରେ ଥିବା ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ବଡ଼ବଜାର ଥାନା, ପ୍ରଶାନ୍ତ କୁମାର ପାତ୍ରଙ୍କୁ ଟାଉନ୍ ଥାନା, ଶରତ କୁମାର ମହାଲିକଙ୍କୁ ଗୋପାଳପୁର ଥାନାରେ ଅବସ୍ଥାପିତ କରାଯାଇଛି । ମହିଳା ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କୁ ବୈଦ୍ୟନାଥପୁର ଥାନା, ଟ୍ରାଫିକ୍ ଥାନାରେ ଥିବା ରାମ ସୁବ୍ରମଣ୍ୟମ୍ ପ୍ରଧାନଙ୍କୁ ସଦର ଥାନା, ସହର ଥାନାରେ ଥିବା ଅନିତା ସାହୁଙ୍କ ମହିଳା ଥାନା, ବଡ଼ ବଜାର ଥାନାରେ କାର୍ଯ୍ୟରତ ସୌଭାଗ୍ୟ କୁମାର ସ୍ୱାଇଁଙ୍କୁ ଟ୍ରାଫିକ୍ ଥାନା ଓ ମୁଖ୍ୟାଳୟରେ ଥିବା ଇନିକ୍ସପେକ୍ଟର ନିରଞ୍ଜନ କିଶୋର ବଡ଼ଜେନାଙ୍କୁ ଆଇୟୁସିଏଡ଼ବ୍ଲ୍ୟୁ ଇନିକ୍ସପେକ୍ଟର ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି । ବଦଳି ହୋଇଥିବା ଇନିକ୍ସପେକ୍ଟରଙ୍କୁ ତୁରନ୍ତ ନିଜ ଦାୟିତ୍ୱ ନେବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# କାଇପଦରରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

**ଖୋର୍ଦ୍ଧା, ୯।୩(ନି.ପ୍ର):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମପଞ୍ଚାୟତର କାଇପଦର ଗ୍ରାମ ଠାରେ ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ଶିବରାତ୍ରି ଜାଗର ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଏ ନେଇ ଚାରି ଦିନ ଧରି ମହା ସମାରୋହରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ୧୦ ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ବାବା ସୋମନାଥ ଦେବ ସଂସଦ କାଇପଦର ଦ୍ୱାରା ଯାତ୍ରା ପରିବେଷଣ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନ୍ୟତମ। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ପ୍ରଥମ ଦିବସ ତା୧୦/୦୩/୨୦୨୪ରିଖ ଦିନ ସୋମନାଥ ଦେବ ନାଟ୍ୟସଂସଦ କାଇପଦର ଦ୍ୱାରା ଆଖି ଅବୁଝାକୁ ଲୁହ ଅବୁଝା। ଦ୍ୱିତୀୟ ଦିବସ ତା ୧୧/୦୩/୨୦୨୪ରିଖ ଦିନ ମା ମଙ୍ଗଳା ପପି ୟଙ୍ଗଷ୍ଟାର ପାରାଦୀପ ପକ୍ଷରୁ ଆସିଛି ଏକା ଯିବି ମୁଁ ଏକା। ତୃତୀୟ ଦିବସ ତା୧୨/୦୩/୨୦୨୪ରିଖ ଦିନ ନେହେରୁ ନାଟ୍ୟସଂସଦ ଯାଜପୁର ପକ୍ଷରୁ ବଡ଼ ଦାଣ୍ଡର ଭିକାରୀ। ଚତୁର୍ଥ ଦିବସ ତା୧୩/୦୩/୨୦୨୪ରିଖ ଦିନ ମା ଚାଇଁମାଇଁ ଗ୍ରାମାଟିକ୍ ପାରାଦୀପ ପକ୍ଷରୁ ସେଇ ଗୋଟିଏ ଭୁଲ ପାଇଁ ଅନୁଷ୍ଠିତ ହେବ। ସାହିତ୍ୟ, ସଂସ୍କୃତି ଓ ପୁରୁଣା ପରମ୍ପରା ସହିତ ଜଡିତ ଏହି ଗ୍ରାମ ପକ୍ଷରୁ ଏଭଳି କଳାତ୍ମକ କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ସିଟି ମହାବିଦ୍ୟାଳୟରେ ଶୋକସଭା

**ବ୍ରହ୍ମପୁର, ୯।୩(ନି.ପ୍ର):** ସ୍ଥାନୀୟ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପରିସରରେ ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଭି. ସର୍ବେଶ୍ୱର ରାଓଙ୍କ ତିରୋଧାନ ପାଇଁ ଏକ ଶୋକ ସଭା ପାଳନ କରାଯାଇଥିଲା । ଏହି ଶୋକସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଅନିତା କୁମାରୀ ପଣ୍ଡାଙ୍କ ସମେତ କଲେଜର ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱର୍ଗତ ଶ୍ରୀ ରାଓ ଜଣେ ବିଜ୍ଞ, ଛାତ୍ରବତ୍ସଳ, ଉତ୍ତମ ପ୍ରଶାସକ ଭାବେ ପ୍ରଶଂସା ଲାଭ କରିଥିଲେ। ସ୍ୱର୍ଗତ ଶ୍ରୀ ରାଓ ଗତ ୨୦୧୧ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ମଣ୍ଡନ କରିଥିଲେ। ତାଙ୍କର ସ୍ୱଳ୍ପ ସମୟ ମଧ୍ୟରେ ସେ କଲେଜର ସର୍ବାଙ୍ଗିକରଣ ଉନ୍ନତି କରିଥିଲେ । କଲେଜର ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ନାକ୍ ଏକ୍ରିଡ଼େସନ୍ ପାଇଁ ପ୍ରାକ୍ ପ୍ରସ୍ତୁତ କରାଇବା ସଙ୍ଗେ ସଙ୍ଗେ ନାକ୍ ପାଇଁ ଯାହା ଯାହା ଆବଶ୍ୟକ ସେହି ହିସାବରେ ସ୍ୱର୍ଗତ ଶ୍ରୀ ରାଓ କଲେଜର ରୂପାନ୍ତିକରଣ କରିପାରିଥିଲେ । ତାଙ୍କ ଅବସର ପରେ ସେ କଲେଜର ପରିଚାଳନା କମିଟିର ସକ୍ରିୟ ସଦସ୍ୟଥିଲେ ସେହି ସମୟରେ ମଧ୍ୟ ସେ ସବୁବେଳେ କଲେଜ କେମିତି ଶୀର୍ଷକୁ ପହଞ୍ଚିବ ସେ ବିଷୟରେ ଚିନ୍ତା କରି ପଦକ୍ଷେପ ନେଉଥିଲେ । ଏତଦ୍ ବ୍ୟତୀତ ପରିଚାଳନା କମିଟିର ସ୍ୱର୍ଗତ ରାଓ ସଦସ୍ୟ ଥିବା ବେଳେ ନୂତନ କୋଠାଘର, ସବୁ ବିଭାଗର ସମ୍ମାନ ବିଷୟ ଖୋଲିବା, ଭଲିବଲ୍ କୋର୍ଟ ନିର୍ମାଣ ଓ ବିଭିନ୍ନ ଉନ୍ନୟନ ଭୂମିକା ଗ୍ରହଣ କରିଥିଲେ। ସ୍ୱର୍ଗତ ରାଓଙ୍କ ଦେହାନ୍ତରେ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଏକ ବିଜ୍ଞ ବ୍ୟକ୍ତିକୁ ହରାଇଲା ବୋଲି କହିଥିଲେ ଏବଂ ଶେଷରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ ପାଖରେ ପ୍ରାର୍ଥନା କରିଥିଲେ।

# କେରଙ୍ଗରେ ଅହେମଦୀୟା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା, ୯।୩(ନି.ପ୍ର):** ଖୋର୍ଦ୍ଧା ବ୍ଲକ କେରଙ୍ଗ ଫୁଟବଲ ଖେଳ ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଅହେମଦୀୟା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ । ଏହି ପ୍ରତିଯୋଗୀତାରେ ରାଜ୍ୟର ସୁନାମ ଧନ୍ୟ ଟିମ୍ ନିଜର ଦକ୍ଷତା ପଦର୍ଶନ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ, ଏସ୍‌ଏସ୍ କ୍ଲବ ଶରଧାପୁର, ସାରଳା କ୍ଲବ୍ ଢେଙ୍କାନାଳ, ଅହେମଦୀୟା ଫୁଟବଲ କ୍ଲବ୍ କେରଙ୍ଗ, ସେଞ୍ଚୁରିଆନ ସ୍ପୋର୍ଟ ନାଇଜେରିଆ ଜଟଣୀ, ଓ୍ୱାକାଣ୍ଡା ଏଫ୍‌ସି ଭୁବନେଶ୍ୱର, ଯୁବଜ୍ୟୋତି କ୍ଲବ୍ ନୂଆ ପାଟଣା କଟକ, କଳିଙ୍ଗ କ୍ଲବ୍ ଭୁବେଶ୍ୱର ଓ ରଘନାଥଦେବ ଟାଙ୍ଗୀ।

ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ୧୦ ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରତିଦିନ ଅପରାହ୍ନ ୩ଟାରୁ ମାର୍ଚ୍ଚ ଆରମ୍ଭ ହେବ। ଖେଳକୁ ଭରପୁର ସହଯୋଗ କରି ଖେଳାଳିକୁ ଉତ୍ସାହିତ କରିବା ପାଇଁ ଟୁର୍ଣ୍ଣାମେଣ୍ଟର ସଭାପତି ମବୁରୁର ହୋସେନ, ସମ୍ପାଦକ ନାସର୍ ଅହମ୍ମଦ ଖାଁ ଏକ ପ୍ରେସ ରିଲିଜରେ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

ରାଜ୍ୟ କ୍ୟାବିନେଟର ...

ଶିକ୍ଷକଙ୍କୁ ଏକକାଳୀନ ଅବସରକାଳୀନ ସହାୟତା ମିଳିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କୁ ଏକକାଳୀନ ୧୦ଲକ୍ଷ ଓ ଅଣଶିକ୍ଷକଙ୍କୁ ୫ଲକ୍ଷ ଟଙ୍କା ଅବସରକାଳୀନ ସହାୟତା ମିଳିବ। ନୂତନ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ ଶିକ୍ଷକଙ୍କୁ ୬ଲକ୍ଷ, ଅଣଶିକ୍ଷକଙ୍କୁ ୪ଲକ୍ଷ, ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କୁ ୫ଲକ୍ଷ, ସଂସ୍କୃତି ଟୁର ଶିକ୍ଷକଙ୍କୁ ୬ଲକ୍ଷ, ମଦ୍ରାସା ଶିକ୍ଷକଙ୍କୁ ୫ଲକ୍ଷ ଏକକାଳୀନ ସହାୟତା ମିଳିବ। ୯୫୨ଶିକ୍ଷକ ଓ ୧୦୨୫ ଅଣଶିକ୍ଷକ ଉପକୃତ ହେବେ।

କେବଳ ବିମାନ ଚାଳନା ନୁହେଁ, ଏହି କ୍ଷେତ୍ରରେ କିପରି ସୁରକ୍ଷା ସୁନିଶ୍ଚିତ କରାଯିବ ସେନେଇ ଢେଙ୍କାନାଳ ବିରାଶାଳରେ ସ୍ଥାପନ ହେବ ବିଜୁ ପଟ୍ଟନାୟକ ଆଭିଏସନ ସେଣ୍ଟର। ଏଠାରେ ବିମାନ ଚାଳନା ସହ ସମ୍ପୃକ୍ତ ପ୍ରତ୍ୟେକ ଅଂଶୀଦାର ବିଭାଗର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ପାଇଲଟ୍, କ୍ୟାବିନ କ୍ରୁ ଆଦି ବିଭିନ୍ନ ପ୍ରକାର ଟ୍ରେନିଂ ପ୍ରଦାନ କରାଯିବ। ଆଭିଏସନ ସେଣ୍ଟର ପାଇଁ ବ୍ୟୟ ହେବ ୫୬୨ କୋଟି ଟଙ୍କା।

ବିଭିନ୍ନ ବିଭାଗରେ ୧୨୯୪ ...

ଅର୍ଥ ବିଭାଗରେ ମୋଟ ୨୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ୧୧୬ ଜଣ କନିଷ୍ଠ ସହାୟକ, ୫ ଜଣ କନିଷ୍ଠ କିରାଣୀ ଓ ୮ ଜଣ କନିଷ୍ଠ ଷ୍ଟେନୋଗ୍ରାଫରଙ୍କୁ ନିଯୁକ୍ତି ମିଳିଛି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୋଟ ୧୨୯ ଜଣ ନୂତନ ଭାବେ ନିଯୁକ୍ତି ପାଇଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ରୀଡା ବିଭାଗରେ ୧୬୦ ଜଣ କୃତୀ କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦିଆଯାଇଛି। ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଗୃହ ବିଭାଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି।

# ଓଷ୍ଟା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




**ବ୍ରହ୍ମପୁର, ୯।୩(ନି.ପ୍ର):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଗଞ୍ଜାମ ଜିଲ୍ଲା ପକ୍ଷରୁ ଶନିବାର ବ୍ରହ୍ମପୁର ଜିଲ୍ଲା ସଂଘ କାର୍ଯ୍ୟାଳୟଠାରେ ଏକ ସାମୁହୀକ ସମ୍ମିଳନୀ ଆହ୍ୱାନ କରାଯାଇଥିଲା । ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ଯାହାକି ଅନୁଦାନ ଯୋଗ୍ୟ ବିବେଚିତ । ୧୯୪ ବିଦ୍ୟାଳୟ ଯେଉଁମାନେ କି ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ଚାକିରୀ କରିଆସୁଥିଲେ ମଧ୍ୟ କୌଣସି ପ୍ରକାର ଅନୁଦାନ ପାଇ ନାହାନ୍ତି ସେଥିପାଇଁ ଦୃଢ଼ ଦାବି ସରକାରଙ୍କ ପାଖରେ କରାଯାଇଛି । ବହୁ ବର୍ଷ ଧରି ଶିକ୍ଷକତା କରିବା ପରେ ଅବସର ଗ୍ରହଣ ନେଇ ରିକ୍ତ ହସ୍ତରେ ଫେରିବା ଯାହାକି ପରବର୍ତ୍ତୀ ପରିବାର ପ୍ରତିପୋଷଣରେ ଏହା ସମ୍ପୂର୍ଣ୍ଣ ବାଧକ ସୃଷ୍ଟି କରି ନାହିଁ ନଥିବା ଦୁଃଖ ଦେଉଥିବା ଉପରେ ଦାବି ରହିଥିବା ଜଣାଇ ଦିଆଯାଇଛି । ଅବସର ବୟସସୀମା ୬୦ରୁ ୬୨ ବର୍ଷ କୁ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ବୋଲି ଓଷ୍ଟା ତରଫରୁ କୁହାଯାଇଛି । ଏହା ଉପରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଲୋୟର ପିଏମ୍‌ଜି ଗାନ୍ଧୀ ମାର୍ଗରେ ମାସାଧିକ ଗଣ ଧାରଣା ରାଜ ରାସ୍ତାରେ ଅହୋରାତ୍ର ବସିଛନ୍ତି । ଏହା ଉରେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରିଆସୁଛନ୍ତି । ସରକାରଙ୍କ ଏହି ଶିକ୍ଷା, ଶିକ୍ଷକ, ମାରଣନୀତି ବିରୋଧରେ ଗତ ୧୧ ଓ ୧୨ ଦୁଇ ଦିନ ବ୍ୟାପୀ ସଚିବାଳୟ ସମ୍ମୁଖରେ ସଂକଳ୍ପ ସମାବେଶ ହେବ ବୋଲି ଓଷ୍ଟା ତରଫରୁ ଘୋଷଣା କରାଯାଇଛି । ଏହା ଉପରେ ଏକ ନୀତିଗତ ନିଷ୍ପତ୍ତି ମାର୍ଚ୍ଚ ୧୦ ତାରିଖ ପୂର୍ବରୁ ନହେଲେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସେମାନଙ୍କ ପରିବାର ସହ ଏପରିକି ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାଥୀରେ ଧରି ଏହି ସଂକଳ୍ପ ସମାବେଶରେ ସର୍ଭିଙ୍କୁ ଏକତ୍ରିତ ହେବା ପାଇଁ ଚେତାବନୀ ଦେଇଥିବା ଜଣାଇ ଦିଆଯାଇଛି । ଆବଶ୍ୟକସ୍ଥଳେ ମାଟ୍ରିକ୍ ମୂଲ୍ୟାୟନ ସହ ନିର୍ବାଚନ ପରିଚାଳନା କାର୍ଯ୍ୟକୁ ବର୍ଜନ କରାଯିବା ଉପରେ ଦୃଢ଼ ସଂକଳ୍ପ ନିଆଯାଇଛି । ଦାବିଗୁଡ଼ିକ ମଧ୍ୟରେ ୬୧୦ ଓ ୪୮ ବର୍ଗର ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ କରିବା, ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଉଚ୍ଚତର ଦରମା ପ୍ରଦାନ, ୨୮ଶହ, ୨୨ଶହ ଓ ୧୯ଶହ ଗ୍ରେଡ୍ ପେ୍ ପାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଅସଙ୍ଗତି ଦୂର କରିବା, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ଦରମା ପାଉଥିବା ବିଦ୍ୟାଳୟ କର୍ମଚାରୀ ସିଏଲ୍ ଓ ପ୍ରସୂତି କାଳୀନ ଛୁଟି ପ୍ରଦାନ କରିବା ସହ ଚାକିରୀ ସର୍ତ୍ତାବଳୀ ପ୍ରଦାନ କରିବା, ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କୁ ଛଅଟି ନ୍ୟାସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ଆର୍‌ଏ ସ୍କିମ୍‌କୁ ପୁନଃ ପ୍ରଚଳନ କରିବା ଆଦି ଦାବି ନେଇ ସରକାର ଯଥାଶୀଘ୍ର ପୂରଣ କରିବାପାଇଁ ନିଷ୍ପତ୍ତି ନ ନିଅନ୍ତି ତାହାହେଲେ ମାଟ୍ରିକ୍ ମୂଲ୍ୟାୟାନ ଓ ନିର୍ବାଚନ ବର୍ଜନ କରିବା ପାଇଁ ଚେତାବନୀ ଜଣାଇ ଦିଆଯାଇଛି।

# ଭୋଟଦାତାଙ୍କ ପାଇଁ ପ୍ରଶିକ୍ଷଣ ଶିବିର

**ରମ୍ଭା, ୯।୩(ନି.ପ୍ର):** ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟରେ ଭୋଟଦାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ନୂତନ ଭୋଟରମାନଙ୍କୁ ଭୋଟ ଦେଇ ନିଜ ମତଧିକାର ଏଭଳି ସାବ୍ୟସ୍ତ କରିପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଜାତୀୟ ଶିବିରରେ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ ବରିଷ୍ଠ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଗଣତନ୍ତ୍ରର ସୁରକ୍ଷା ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ଅଧିକାର ଠିକ୍ ଭାବେ ସାବ୍ୟସ୍ତ କରିବାକୁ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ ।

# ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବ ଜୟନ୍ତୀ ପାଳିତ

ବାରିପଦା,୯।୩(ନିପ୍ର): ବାରିପଦା ସ୍ଥିତ ପୁରୁଣା ହାଟସାହି ଅବସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ରାଜ ଯୋଗ କେନ୍ଦ୍ର ପକ୍ଷରୁ ୮୮ ତମ ଶିବଜୟନ୍ତୀ ପାଳିତ ହୋଇଯାଇଅଛି । ଆୟୋଜିତ ଶିବରାତ୍ରି ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ରୋଜାଯୋଗିନି ଉମାଙ୍କ ତତ୍ତ୍ୱାବଧାନରେ ବାରିପଦା ପୌର ପାଳିକା ଉପ ନଗର ପାଳିକା ସୀମା ଦାସ , ଏମେଏସସିବି ବିଶ୍ୱବିଦ୍ୟାଳୟ ପ୍ରଫେସର ହିମାବିନ୍ଦୁ, ଚକ୍ଷୁ ସ୍ପେଶାଲିଷ୍ଟ ରନ୍ଦୀପ ଅଗ୍ରୱାଲ ପ୍ରମୁଖ ଅତିଥି ଉପସ୍ଥିତିରେ ଅନୁଷ୍ଠାନର ଏବଂ ରଜାଯୋଗ କେନ୍ଦ୍ରରେ ସମସ୍ତ ଭାଇ ଭଉଣୀ ମାନଙ୍କୁ ନେଇ ଶିବ ବାବାଙ୍କ ଝଣ୍ଡା ଉଡ଼ାଇ ୮୮ ତମ ଶିବ ଜୟନ୍ତୀ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଅଛି । ଅନୁଷ୍ଠିତ ଶିବ ଜୟନ୍ତୀରେ ଅତିଥି



ମାନେ ପ୍ରତିକ୍ରିୟାରେ କହିଛନ୍ତି ଯେ ଅଧ୍ୟାତ୍ମିକ ଚେତନା ଜାଗ୍ରତ ହେଲେ ଯାଇ ସଠିକ୍। ମଣିଷ ଟିଏ ହେଇପାରିବ ରାଜଯୋଗିନି ବୀକେ ଉମା ଶିବରାତ୍ରି ପାଳନର ପ୍ରକୃତ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ ଯେ ଆମେ ଦୀପ ଜାଳି ଶିବ ଙ୍କୁ ଆରାଧନା କରିଥାଉ, ତାପରେ ସେହି ପୂର୍ବ ଭଳି ବିବାହର କରିଥାଉ , ଶିବ ବାବା କହିଛନ୍ତି , ତୁମେ ମାନେ ଶରୀରରେ ଥିବା ନକରାତ୍ମକ ଭାବନାକୁ ଅଗ୍ନି ରୂପକ ଦୀପକ ରେ ସବୁଦିନ ପାଇଁ ଜାଳି ଦିଅନ୍ତୁ , ତେବେ ହିଁ ଶିବରାତ୍ରି ର ପ୍ରକୃତ ଅର୍ଥ ବୁଝିପାରିବେ ଉପବାସ କରିବା ବାବା କହି ନାହାନ୍ତି, ପରମପିତା ଶିବ ବାବା କହିଛନ୍ତି ପିଲାମାନେ ମୋ ସହିତ ଉପରେ ବାସ କରିବା ପାଇଁ ଶିବରାତ୍ରି ପାଳନ କର, ସବୁବେଳେ ସକରାତ୍ମକ ପରିବର୍ତ୍ତନ ଆଣ ଭୋଗ , ଦୀପ , ଫୁଲ ମୋର ଦରକାର ନାହିଁ, ଖାଲି ସତ ଭାବନାରେ ଯୋଗ କର ଦେଖିବ ତୁମ ମାନଙ୍କ ସବୁ ଅସୁବିଧା ପଥରକୁ ହାଲକା କରିଦେବି ଶିବ ବାବା ଭକ୍ତ ଉପରେ ରାଗି ପାରନ୍ତି ନାହିଁ , ତେଣୁ ତାଙ୍କୁ ଭୋଳାନାଥ ବୋଲି ଭକ୍ତ ଡାକି ଥାଆନ୍ତି ବୋଲି ରଜାଯୋଗିନି ବିକେ ଉମା ମହାଶିବରାତ୍ରୀ ଅବସରରେ କହିଛନ୍ତି ଶେଷରେ ଅତିଥି , ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ କେକ୍ କଟାଯାଇ ବଣ୍ଟା ଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମଧ୍ୟ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଅପରାହ୍ନରେ ବୁଢା ରାଉଳ ମଠରେ ରାଜଯୋଗ କେନ୍ଦ୍ରପକ୍ଷରୁ ଶିବ ଜୟନ୍ତୀ ପାଳନ ମହିମା ଉପରେ ପ୍ରଦର୍ଶନୀ ହୋଇଥିଲା।

# ଭଣ୍ଡୁଆ ସାହାରାଡ଼ିଆ ସେତୁର ଶିଳାନ୍ୟାସ

କୁଜଙ୍ଗ,୯।୩(ନିପ୍ର): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଜିଲ୍ଲାନାସୀ ପଂଚାୟତର ସାହାରାଡ଼ିଆ ଗ୍ରାମବାସୀଙ୍କର କୁଜଙ୍ଗ ହାଟ ବଜାରକୁ ଗମନାଗମନର ସୁବିଧା ପାଇଁ ମହାନଦୀରେ ସାହାରାଡିଆଠାରୁ କୁଜଙ୍ଗ ପଂଚାୟତର ଭଣ୍ଡୁଆ ଗ୍ରାମ ପର୍ଯ୍ୟନ୍ତ ଏକ ସେତୁର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଜୁ ସେତୁ ଯୋଜନାରେ ୧୫ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୪୦ ମିଟର ଲମ୍ବା ଏହି ଦୀର୍ଘତମ ସେତୁର ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କର ଗ୍ରାମ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟ ଅତିଥି ପ୍ରତିରଂଜନ ଘଡ଼େଇ ସେ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ଥାନୀୟ ଅଂଚଳବାସୀଙ୍କ ତରଫରୁ ଆପଣଙ୍କର ବିଧାୟକ ସମ୍ବିତ୍



ରାଉତରାୟ ଏହି ସେତୁ ପାଇଁ ବାରମ୍ବାର ଦାବିକରୁଆସୁଥିଲେ ତାହା ବାସ୍ତବ ରୁପ ନେଇଛି ନବୀନ ସରକାର ଲୋକଙ୍କ ସାଥିରେ ସଦାସର୍ବଦା ସବୁବେଳେ ରହିଛନ୍ତି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ଅନ୍ୟତମ ଅତିଥି ଭାବେ ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ କହିଥିଲେ ଚାଷୀଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ସରକାର ଯେଉଁ ଯୋଜନା କରିଛନ୍ତି ଏହି ସେତୁ ନିର୍ମାଣ ଦ୍ୱାରା ତାହା ବାସ୍ତବତାରେ ପରିଣତ ହେବ ଚାଷୀ ଆଉ ତାର ପନିପରିବାର ଅଭାବି ବିକ୍ରିର ଶୀକାର ହେବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ଡାକ୍ତର କୁଳମଣୀ ସାମଲ, ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ଉପାଧ୍ୟକ୍ଷା ନୀନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନ୍‌ଜିତ୍‌ସ୍ୱାଇଁ, ଜିଲ୍ଲାପରିଷଦ ପ୍ରମୋଦ ଚରଣ ଜେନା, ପୁଷ୍ପଲତା ବେହେରା, ଜିଲ୍ଲାନାସୀ ସରପଂଚ ନଳିନୀ ପ୍ରଭା ପରିଡ଼ା, ପଂଚାୟତ ସମିତି ସଭ୍ୟା ସରିତା ପରିଡ଼ା, କୁଜଙ୍ଗ ସରପଂଚ ବନ୍ଦିତା ଦାସ, ସାଂସଦଙ୍କ ପ୍ରତିନିଧି ସୁଦ୍ଧଳ ସ୍ୱାଇଁ, ଯୁବ ବିଜେଡ଼ି ସଭାପତି ଅରୁଣ୍ପ୍ରସାଦ ମହାନ୍ତି ପ୍ରମୁଖ ଏହି ସେତୁର ଉପକାରିତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଶିଳାନ୍ୟାସ ସଭା ପବିତ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲ୍ଲାନାସୀ, ତେନ୍ତୁଳି ଆଖମାର, ସାହାରାଡ଼ିଆ, କୁଜଙ୍ଗ ଏବଂ ମଲ୍ଲାସାହି ପଂଚାୟତର ୫ ହଜାର ଲୋକ ଉପସ୍ଥିତ ଥିଲେ।

## ଭୋଟର ପ୍ରଶିକ୍ଷଣ ଶିବିର

ଭାପୁର: ୯।୩(ନି ପ୍ର ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଧୀନ ଚକ୍ରଧର ଗ୍ରାମପଂଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟନାୟକ ନେତୃତ୍ୱରେ ଭୋଟର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।



ଏହି କାର୍ଯ୍ୟକ୍ରମରେ କବି ମଳିକ,ବୁଲା ଲେଙ୍କା,ଗଗନ ବିହାରୀ ଲେଙ୍କା,ପ୍ରଶାନ୍ତ ଲେଙ୍କା ଆଦି ଚକ୍ରଧର ଗ୍ରାମର ଲୋକମାନେ ଯୋଗ ଦେଇଥିଲେ ବିଜୁ ଜନତା ଦଳ ସଦାବେଳେ ଲୋକ ଙ୍କ ପାଇଁ କାମ କରେ ଓ ଲୋକଙ୍କ ସାଥିରେ ରହିଥଏ ବୋଲି ପୂର୍ବତନ ବିଧାୟକ ଶ୍ରୀ ପଟନାୟକ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ର ବାର୍ତ୍ତା କୁ ଲୋକଙ୍କ ପାଖରେ ପହଞ୍ଚାଇ ଥିଲେ।

# ଜାଗର ପାଇଁ ବାମନଘାଟୀ ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ରାଇରଙ୍ଗପୁର, ୯ ।୩(ନିପ୍ର):ପବିତ୍ର ଜାଗରଯାତ୍ରା ପାଇଁ ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ଜାଗର ଯାତ୍ରା ପାଇଁ ଉତ୍ସବ ମୁଖର ହୋଇ ଉଠିଥିଲା ।ସକାଳୁ ଶୌଚ ସାରି ନବ୍ର ପରିଧାନ କରି ଶ୍ରଦ୍ଧାଳୁମାନେ ଶିବମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ଫଳ ଦୋକାନ,ପୂଜା ଦୋକାନ ଗହଳି ଲାଗି ରହିଥିଲା ବାମନଘାଟୀ ଉପଖଣ୍ଡର ବିଭିନ୍ନ ପ୍ରସିଦ୍ଧ ଶୈ ପୀଠ ରାଇରଙ୍ଗପୁର ସହର ଅଂଚଳର ବାବା ଐଶ୍ୱଆନଏଶ୍ୱର ମନ୍ଦିର,ଇଚିଣ୍ଡାର ଝାଡେଶ୍ବର ବାବା,ବିକାଶ ନଗରର ବାବା ସିଦ୍ଧେଶ୍ୱର ମନ୍ଦିର,କୁଚେଇବୁଢି ଗ୍ରାମର ବାବା ପୂର୍ଣ୍ଣେଶ୍ୱର ମନ୍ଦିର,ବାବା ଖଡଗେଶ୍ୱର ମନ୍ଦିର,ବଜାରର ଲିଳାଶ୍ୱେର ମନ୍ଦିର,,ହରିହର ଶଙ୍କର ମନ୍ଦିର,ଗୋରୁମହିଷାଣୀର



ନସ୍କେସ୍ବରିଆ ମନ୍ଦିର, ଶିମିଳିନାଳିର ଯୋଗେଶ୍ୱର ବାବା ସମେତ ତିରିଂ, ବଡଡାଳିମା, ଗମ୍ଭାରିଆ, ହଳଦା, ଝରାଡିହି, ବାଦାମପାହାଡ, ହାଟବାଦଡା, ବଡାମତଳିଆ, ମୁଣ୍ଡାଠାକୁରା, ବିଶୋଇ, ସରଗଡା, ଡଗାଁ, ନିରଞ୍ଜନ ପ୍ରଭୃତି ସ୍ଥାନରେ ଗହଳି ଲାଗି ରହିଥିଲା । ସେହିପରି ରାତିରେ ଜାଗର ଦ୍ୱୀପ ଜାଳିବା ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ବତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପୂଜକ ମାନେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ ।ହର ହର ମହାଦେବ,ଜୟ ଶିବ ଶଙ୍କର ଓଁ ନମଃ ଶିବାୟ ଧ୍ୱନିରେ ସମସ୍ତ ଶୈବପୀଠ ପ୍ରକମ୍ପିତ ହୋଇଥିଲା । ରାତିରେ ବ୍ରତ ଧାରୀମାନେ ଦୀପ ଜାଳି ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ବ୍ୟବସ୍ଥା କରାଯାଇଥିଲା ।

## ବିଶୋଇ ବାବା ଜଳେଶ୍ୱରାୟ ଶିବ ମନ୍ଦିର

(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ସ୍ଥିତ ବିଶୋଇ ବାବା ଜଳେଶ୍ୱରାୟ ଶିବ ମନ୍ଦିରରେ ମହା ଆଡ଼ମ୍ବରରେ ପାଳିତ ହେଉଥିବା ଦେଖିବାକୁ ମିଳିଛି। ଏହି ଜାଗର ପର୍ବରେ ବାବା ଜଳେଶ୍ୱରାୟ ଶିବ ମନ୍ଦିରକୁ କମିଟିର ସଦସ୍ୟ ମାନେ ସୁନ୍ଦର ଭାବରେ ସୁସଜ୍ଜିତ କରିଥିଲେ। ଶୁକ୍ରବାର ସକାଳୁ ଭକ୍ତଙ୍କ ଭିଡ଼ ମନ୍ଦିରରେ ଦେଖିବାକୁ ମିଳିଥିଲା। ଭକ୍ତଗଣ ମାନସିକ ରଖି ନିର୍ଜଳ ଉପବାସ କରି, ରାତିରେ ଉଜାଗର ରହି, ରାତିସାରା ମନ୍ଦିର ବେଢ଼ାରେ ଘିଅ ଦୀପ ଜାଳି ଶିବଙ୍କ ନିକଟରେ



ନିଜର ତଥା ନିଜ ପରିବାରର ମଙ୍ଗଳ କାମନା କରିଥିଲେ। ଏହା ସହିତ ବିଶୋଇ ଅଞ୍ଚଳର ଥିବା ଶିବ ମନ୍ଦିରରେ ମଧ୍ୟ ଜାଗରରେ ସ୍ୱତନ୍ତ୍ର ଭାବରେ ପୂଜା ଓ ମେଳା ଲାଗିଛି। ବାବା ଜଳେଶ୍ୱରାୟ ମନ୍ଦିର କମିଟି ପ୍ରଶାସନ ଓ ପୋଲିସର ସହାୟତାରେ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମାପନ କରିବା ପାଇଁ ପ୍ରସ୍ତୁତି କରିଥିବା କମିଟିର ସଭାପତି ପ୍ରକାଶ କରିଛନ୍ତି।

# ବି. ଗୌରିଶଙ୍କର ବ୍ଲକ୍ ଟପର

ଭାପୁର, ୯ ।୩(ନିପ୍ର): ଚଳିତ ବର୍ଷ ୨୦୨୩-୨୪ ରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ନୟାଗଡ ଜିଲ୍ଲା ଭାପୁର ବ୍ଲକ୍ ଅନ୍ତର୍ଗତ ବେଗୁନିଆ ଗ୍ରାମର ବି. ଗୌରିଶଙ୍କର ପ୍ରିୟଦତ୍ତ ୬୦ ମାର୍କ ରୁ ସର୍ବାଧିକ ୫୬ ମାର୍କ ରଖି ବ୍ଲକ୍ ଟପର୍ ହୋଇଛନ୍ତି। ମାତା ମାମି ଜେନା ଓ ପିତା ଅରବିନ୍ଦ ବିଶ୍ୱାଳଙ୍କ କୋଳ ମଣ୍ଡନ କରିଥିବା ସୁନା ପୁଅ ବି. ଗୌରୀ ଶଙ୍କର ବେଗୁନିଆ ସ୍ଥିତ ସରକାରୀ ସ୍କୁଲରେ ଶିକ୍ଷା ଗ୍ରହଣ କରୁଥିବା ବେଳେ, ଅବଶିଷ୍ଟ ସମୟ ଆଦର୍ଶ ଟ୍ୟୁଟୋରିଆଲ୍ ବଡସହରା ରେ ପାଠ ପଢ଼ିବାକୁ ଯାଉଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ନିଜ



ବାପା, ମା ଙ୍କୁ ଦେବା ସହିତ ଟ୍ୟୁଟୋରିଆଲ୍‌ର ଗୁରୁଜୀ ଗୁରୁମାମାନଙ୍କୁ ଦେଇଛନ୍ତି। ପ୍ରକାଶ ଥାଉକି ଚଳିତବର୍ଷ ଏହି ଶିକ୍ଷାନୁଷ୍ଠାନରୁ ୧୪ ଜଣ ପିଲା ପରୀକ୍ଷା ଦେଉଥିବା ବେଳେ, ସେଥି ମଧ୍ୟରୁ ୮ ଜଣ ପିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫତେଗଡରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ଓ ୨ ଜଣ ୱେଟିଂ ଲିଷ୍ଟ ରେ ଅଛନ୍ତି।

## ବାବା ଗୁପ୍ତେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା ସମ୍ପନ୍ନ

ଜୟପୁର,୯।୩(ନି ପ୍ର):ଦକ୍ଷିଣ ଓଡିଶା କୋରାପୁଟ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଶୈବ ପୀଠ ବାବା ଗୁପ୍ତେଶ୍ୱରଙ୍କ ମହାଶିବରାତ୍ରି ଜାଗର ଯାତ୍ରା ବହୁ ଆଡମ୍ବର ସହକାରେ ସମ୍ପୂର୍ଣ୍ଣ ହୋଇଛି। ଜୟପୁର ଉପ ଜିଲ୍ଲପାଳ ପ୍ରଭାତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ବିଗତ ୧୭ ଫେବୃଆରୀରେ ହୋଇଥିବା ପ୍ରସ୍ତୁତି ବୈଠକରେ ସମସ୍ତ ବିଷୟକୁ ଟିକିନିଖି ଭାବେ ପରଖି ସମୟ ଉପୋଯୋଗୀ ନିଷ୍ପତି ଗୁଡ଼ିକ ନିଆଯାଇ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ପୋଲିସ ପ୍ରଶାସନ ତରଫରୁ ଜଣେ ଦକ୍ଷ ଥାନା ଅଧିକାରୀ ଈଶ୍ୱରି ତାଣ୍ଡି ଉପସ୍ଥିତ ରହିଥିଲେ। ଶିବରାତ୍ର ଦିନ ପ୍ରାତଃରୁ ଜିଲ୍ଲାର ଚାରୋଟି ମହିଳା ଅଧିକାରୀଙ୍କ ତତ୍ତ୍ୱାବଧାନରେ ମଧ୍ୟାହ୍ନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ଚାଲୁଥିଲା ।



ମଧ୍ୟାହ୍ନ ସମୟ ପରେ ପ୍ରବଳ ଭିଡ଼ ବଢ଼ିବାରେ ଲାଗିଲା ଏହାକୁ ନିୟନ୍ତ୍ରଣ କରିବା ପାଇଁ ଦାୟୀତ୍ୱରେ ଥିବା ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ ଗୁପ୍ତେଶ୍ୱର ପୀଠରେ ପହଂଚି ଜାଗର ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ନଡିଆ ନ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା ସହ ସ୍ୱେଚ୍ଛାସେବୀ, ପୂଜାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ କାର୍ଯ୍ୟ ଶୈଳୀକୁ ଦେଖି ବିଗିଡିବା ସହ ଠିକ୍ ଠାକ୍ ଭାବରେ କାର୍ଯ୍ୟଭାର ସମ୍ଭାଳିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସ୍ୱେଚ୍ଛାସେବୀ ଏବଂ ପୂଜାରୀ ମାନେ ପୂଜା କାର୍ଯ୍ୟ କରିବାରେ କିଛି ସମୟ ପାଇଁ ଗୁମାନ କରିଥିଲେ। ବିଳମ୍ବିତ ରାତ୍ରୀରେ ଉପ ଜିଲ୍ଲାପାଳଙ୍କ ପ୍ରୟାସରେ ମନ୍ଦିର ପୁଜାରୀ ଏବଂ ସାଧାରଣ ପ୍ରସାଶନିକ ଅଧିକାରୀଙ୍କୁ ବୁଝାସୁଝା କରି ବିଳମ୍ବିତ ରାତ୍ରରେ ପରିସ୍ଥିତିର ସମାଧାନ କରିବା ପରେ ହରିହର ଭେଟ ହେବା ସହ ମହାଦୀପ ଉଠିଥିଲା। କିନ୍ତୁ ହରି ହର ଭେଟ ରାତ୍ରି ୧୨ ଘଣ୍ଟା ଏବଂ ମହାଦୀପ ଉଠିବାର ସମୟ ରାତି୧:୩୦ମି ରେ ହେବାକୁ ଥିବା ବେଳେ କିଛି ସମୟ ବିଳମ୍ବରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଳିତବର୍ଷ ପ୍ରବଳ ଭିଡ଼ କାରଣରୁ ଶ୍ରଦ୍ଧାଳୁମାନେ ମନ୍ଦିର ପାହାଚ ବାରଣ୍ଡାରେ ଜାଗାର ଦୀପ ଜାଳିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

# ଜଗତସିଂହପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର, ୯।୩(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଅନୁପ କୁମାର ଚନ୍ଦନଙ୍କ ସହ ଅତିରିକ୍ତ ଜିଲ୍ଲା ଜଜ୍ ରାଜଶ୍ରୀ ମହାପାତ୍ର, ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ପ୍ରାଧିକରଣର ସଚିବେ ସୁନନ୍ଦା ପାଢୀ, ସି.ଯେ.ଏମ ନୀଳିମା ପଣ୍ଡା, ସବ ଜଜ୍ ସୁଦୀପ୍ତା ଦେହୁରି, ଶ୍ରୀମତୀ ଶର୍ମୀଷ୍ଠା ଶୁଭଦର୍ଶିନୀ ମହାନ୍ତି, ଜଜ୍ ମହିଳା କୋର୍ଟ ଶ୍ରୀମତୀ ସ୍ୱପ୍ନାଶ୍ରୀ ନାୟକ, ରେଜିଷ୍ଟ୍ରାର ସିଭିଲ୍ କୋର୍ଟସ୍ ରଶ୍ମିତା ସାହୁ, ଏସ୍.ଡି.ଜେ.ଏମ୍ ଶ୍ରୀ ନିରଞ୍ଜନ ଦାସ, ମୁନଶିଫ ଶ୍ରୀମତୀ ଅନନ୍ୟା ଦାସ, ଜେ.ଏମ୍.ଏସ୍.ସି ସଦକ କାଟଜେ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚ ରେ ପବ୍ଲିକ ପ୍ରସେକ୍ୟୁଟର ନଳିନୀକାନ୍ତ ମହାରଣା, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧିରେନ୍ଦ୍ରନାଥ ଆଚାର୍ଯ୍ୟ, ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ଏବଂ ଶଲ୍ୟବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ ୨୦୩୫ ମାମଲାରୁ ୧୧୪୪ ଟି ସଫଳତାର ସହ ଫଇସଲା ହେବା ସହିତ ୩ କୋଟି ୯ ଲକ୍ଷ ୪୪ ହଜାର ୧୧୫ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡ ର ମାମଲା ସମ୍ବଧୀୟ ପ୍ରାକ ମୋକଦ୍ଦମାରେ ୪୪୦୫ ଟି ମାମଲରୁ ୪୪ ଟି ସଫଳତାର ସହ ଫଇସଲା ହେବା ସହିତ ୧୧ ଲକ୍ଷ ୫୦ ହଜାର ୨୬୬ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା କୋର୍ଟ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଏବଂ ଏରସମା କୋର୍ଟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ବିଚାରପତିମାନଙ୍କ ଦ୍ୱାରା ମୋକଦ୍ଦମା ଗୁଡିକର ଫଇସଲା କରାଯିବା ସହ ଜୋରିମାନା ଆଦାୟ କରାଯାଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ : ୩୪୨୭ ମାମଲାର ଫଇସଲା

କୋରାପୁଟ,୯।୩(ନି ପ୍ର):ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତରେ ଜିଲ୍ଲା ଜଜ୍ କୋରାପୁଟ ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଏକ୍କା, ପରିବାର ଅଦାଲତ ଜଜ୍ ଧନେଶ୍ୱର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋସ୍କୋ ବିଚାରପତି ସି ଏଚ୍.ବାସୁଦେବ ପାତ୍ର , ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରି ଶାନ୍ତନୁ କୁମାର ଦାସ, ଶ୍ରମ ଅଦାଲତ ବିଚାରପତି ବିଦ୍ୟାଧର ପୃଷ୍ଟି, ବରିଷ୍ଠ ଦେବାନି ବିଚାରପତି ରେଖାରାଣୀ ପଣ୍ଡା, ମହିଳା ଅଦାଲତ ବିଚାରପତି ଅଞ୍ଜଳି ମାଛଖଣ୍ଡ, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ପଲ୍ଲବୀ ପ୍ରିୟଦର୍ଶିନୀ ଦାଶ, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକରି ଅନିମେଷ ଜେନା ଏବଂ ସୁଶ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟ ର ବିଭିନ୍ନ ବେଞ୍ଚରେ ଉପସ୍ଥିତ ରହି ପୃଥକ୍ ପୃଥକ୍ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର,ସେମିଳିଗୁଡା,



ବୋରିଗୁମ୍ମା,ଦଶମନ୍ତପୁର ଓ ଲମତାପୁଟ ରେ ରହିଥିବା କୋର୍ଟ ପରିସରରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଇଥିଲା। କୋରାପୁଟ ଓ ଜୟପୁର ଉପ ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ରାଜସ୍ୱ ବିବାଦର ଫଇସଲା କରଯାଇଥିଲା ୧୦ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୭୯ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା,ସେହିପରି ୧୨ ଗୋଟି ପାରିବାରିକ ଓ ବୈବାହିକ ବିବାଦର ଫଇସଲା କରାଯାଇ ୧୯ ଲକ୍ଷ ୭ ହଜାର ଟଙ୍କା ଧାର୍ଯ୍ୟ କରଯାଇଥିଲା। ୮ ଗୋଟି ସାଲିସ ଯୋଗ୍ୟ ଫୌଜଦାରୀ ମାମଲା , ୧୯ ଗୋଟି ଦେବାନୀ ମାମଲା ର ଫଇସଲା କରାଯାଇ ୩୫,୭୧୧ ଟଙ୍କା ଧାର୍ଯ୍ୟ ହୋଇଥିଲା, ୯ ଗୋଟି ବ୍ୟାଙ୍କ ଋଣ ମାମଲାର ଫଇସଲା କରାଯାଇ ୧୬ ଲକ୍ଷ ୯୯ ହଜାର ୩୨ଟଙ୍କା ଟଙ୍କା ଧାର୍ଯ୍ୟ କରଯାଇଥିଲା, ସେହିପରି ୩୯ ଗୋଟି ଏନ୍.ଆଇ.ଆକ୍ଟ ମାମଲା ର ଫଇସଲା କରାଯାଇ ୧,୦୪୦,୩୪୫୧/- ଟଙ୍କା ଧାର୍ଯ୍ୟ ହେଇଥିଲା, ସେହିପରି ୭୮ ଗୋଟି ଅନ୍ୟାନ୍ୟ ଫଉଜଦାରି ମାମଲାର ଫଇସଲା ହୋଇଥିଲା, ତତ୍‌ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟ ୩୧୨୨ ରାଜସ୍ୱ ବିବାଦର ଫଇସଲା କରାଯାଇ ୭୫୭୪୫୩/- ଟଙ୍କା ଅଦାୟ କରଯାଇଥିଲା। ଏତତ ବ୍ୟତୀତ ପ୍ରାକ ମୋକଦ୍ଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୭୧ଟି ବ୍ୟାଙ୍କ ଋଣ ମାମଲା କରାଯାଇ ୫୩୬୫୭୦୦ ଧାର୍ଯ୍ୟ ହେଇଥିଲା, ୧୨ ଗୋଟି ଶ୍ରମ ବିବାଦ ମାମଲା ର ଫଇସଲା କରାଯାଇ ୩୪୨୩୦୬୫ ଧାର୍ଯ୍ୟ ହୋଇଥିଲା, ୧୧ ଗୋଟି ଲୋକ ଉପଯୋଗୀ ସେବା ବିବାଦ ଓ ୩୬ ଗୋଟି ଅନ୍ୟାନ୍ୟ ଯେପରି ପରିବହନ, ଜମିଜୁମା ,ବୈବାହିକ ଓ ଟେଲିକମ ବିବାଦର ଫଇସଲା କରାଯାଇ ୪୪୨୪୩ ଟଙ୍କା ଧାର୍ଯ୍ୟ କରଯାଇଥିଲା ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୩୪୨୭ ମାମଲାର ବିଚାର ହୋଇ ୩୧,୫୩,୫୬୫୫/- ଟଙ୍କା ଧାର୍ଯ୍ୟ ହୋଇଥିଲା।

# ରାଧାକାନ୍ତ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଜଗତସିଂହପୁର,୯।୩(ନି ପ୍ର): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାତ୍ରା ଗ୍ରାମର ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ନାଏବ ସୋମନାଥ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀଜୀଉଙ୍କ ଧାନ ଶଯ୍ୟା ଓ ଅଙ୍କୁରାରୋପଣ, କଳସ ଯାତ୍ରା ଓ ଅଗ୍ନି ସ୍ଥାପନା, ଷୋଡଶ ଉପଚାର ପୂଜା ଓ ବିଗ୍ରହ ମାନଙ୍କର ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ସମାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ ଏଥିରେ କର୍ତ୍ତାକର୍ତ୍ତୀ ଭାବେ ଲକ୍ଷ୍ମୀପ୍ରକାଶ ମହାପାତ୍ର,କବିତା ମହାପାତ୍ର,ବିନାୟକ ପଟ୍ଟନାୟକ, ଚିନ୍ମୟୀ ପଟ୍ଟନାୟକ, ବିମଳେନ୍ଦୁ ମହାପାତ୍ର,ସୌଦାମିନୀ ମହାପାତ୍ର, ବିପ୍ଳବ ଚୌଧୁରୀ, ଇତିଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ



ପରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ତେବେ ପବିତ୍ର ଜାଗର ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ଏଥିରେ କର୍ତ୍ତା ଭାବେ ସ୍ୱରୂପ ଚୌଧୁରୀ ଓ ଅରୁନ୍ଧତୀ ଚୌଧୁରୀ କାର୍ଯ୍ୟ ସମ୍ପାଦନ କରିଥିଲେ ସନ୍ଧ୍ୟାରେ ସମାଜସେବୀ ବିନାୟକ ପଟ୍ଟନାୟକ ହରିହରଙ୍କ ଭେଟ ସମ୍ପର୍କରେ ଉପସ୍ଥିତ ଭକ୍ତ ମାନଙ୍କୁ ମାର୍ଗଦର୍ଶନ କରିଥିଲେ କାର୍ଯ୍ୟକ୍ରମରେ ପୂଜକ ଭାବେ ନାରାୟଣ ଚନ୍ଦ୍ର ଦାଶ, ସନାତନ ମିଶ୍ର, ବିରଞ୍ଚି ନାରାୟଣ ଶତପଥୀ, ସନାତନ ମିଶ୍ର,ଦିପ୍ତୀରଞ୍ଜନ ତ୍ରିପାଠୀ, ମନ୍ଦିର ପୂଜକ ଦିଗମ୍ବର ପଣ୍ଡା (ଟିମା ନନା) ଏବଂ ପୂଜକ ଜ୍ୟୋତି ରଞ୍ଜନ ଦାଶ (ଗୁଡୁ ନନା)ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ଏହି କାର୍ଯ୍ୟକ୍ରମର ପରିଚାଳନାରେ ଚାତ୍ରା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ ମହାଶିବରାତ୍ରୀ ଅବସରରେ ରୁଦ୍ରାଭିଷେକ ଓ ହରିହର ଭେଟ କରାଯିବା ପରେ ଯଥାି ଧି ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା।

# ଘରୋଇ ବସ୍ ମାଲିକ ସଂଘର ଜରୁରୀ ବୈଠକ

କୋରାପୁଟ,୯।୩(ନି ପ୍ର): କୋରାପୁଟ ଜିଲ୍ଲା ଜୟପୁର ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ଲକ୍ଷ୍ମୀ ବସର ଜିଲ୍ଲା ସଦର ମହକୁମାକୁ ଅବୈଧ ଏବଂ ଏକତରଫା ଚଳାଚଳକୁ ନେଇ କୋରାପୁଟ, ସେମିଳିଗୁଡା, ନବରଙ୍ଗପୁର, ଉମରକୋଟ ବସ ମାଲିକ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରିବହନ କମିଶନର ଘରୋଇ ବସ୍ ମାଲିକ ସଂଘକୁ ଦେଇଥିବା ପ୍ରତିଶୃତିକୁ ଲକ୍ଷ୍ମୀ ବସ୍ କର୍ତ୍ତୃପକ୍ଷ ଅଣଦେଖା କରି ଜିଲ୍ଲା ସଦର ମହକୁମାକୁ ଅବୈଧଭାବେ ବସ୍ ଚଳାଚଳ ଆରମ୍ଭ କରିଥିବାରୁ



ଘୋର ଉଦବେଗ ପ୍ରକାଶ ପାଇଥିଲା । ଏଥି ନିମନ୍ତେ ସମସ୍ତ ସଂଘ ମିଳିତଭାବେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଶରଣାପନ୍ନ ହେବାସହ ଆସନ୍ତା ୨୫ ତାରିଖରୁ ଜିଲ୍ଲାବ୍ୟାପି ବସ୍ ଚଳାଚଳ ବନ୍ଦ ରଖି ଧର୍ମଘଟ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଅବିଭକ୍ତ କୋରାପୁଟ ଜିଲ୍ଲା ବସ ମାଲିକ ସଂଘ ଆବାହକ ନରେନ୍ଦ୍ର କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ପାଗଳର ଉନ୍ମତ୍ତ କାଣ୍ଡ : ମୋଟରସାଇକେଲ ଆରୋହୀଙ୍କୁ କଟୁରିରେ ହାଣି ହତ୍ୟା

ଯାଜପୁର,୯।୩ (ନିପ୍ର) - ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଠାରେ ଘଟିଛି ଅଭାବନୀୟ ଘଟଣା।ସୂଚନା ଅନୁଯାୟୀ ଶନିବାର ସକାଳ ୭ ଟା ସମୟରେ ସ୍ୱପ୍ନେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକ (୬୨) ଏକ ବାଇକ୍ ଯୋଗେ ନିଜଗ୍ରାମର ରଙ୍କ ମଳିକ ଓ ମୁନା ମଳିକଙ୍କ ସହ କୌଣସି କାର୍ଯ୍ୟରେ ଯାଇ ଘରକୁ ଫେରିବା ସମୟରେ ଜମଧର ଗ୍ରାମର ବିକୃତ ମସ୍ତିଷ୍କ ବ୍ୟକ୍ତି ସୁରେନ୍ଦ୍ର ବେହେରା (୫୦) ହଠାତ୍ ସେମାନଙ୍କ ବାଇକ୍ କୁ ଅଟକାଇ ଏକ ଧାରୁଆ କଟୁରିରେ କାଳନ୍ଦୀର ବେକକୁ ପଛପଟୁ ଏକ ଚୋଟ ମାରିଥିଲା। ଫଳରେ କାଳନ୍ଦୀ ବାଇକ୍‌ରୁ ରାସ୍ତାକଡ଼କୁ ପଡ଼ିଯିବା ସମୟରେ ପୁନର୍ବାର ୨/୩ ଚୋଟ ମାରିଥିଲା । ଘଟଣାସ୍ଥଳରେ କାଳନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଦେଖି କାଳନ୍ଦୀ ସହ ବାଇକ୍‌ରେ ଥିବା ଅନ୍ୟ ଦୁଇଜଣ ଜୀବନ ବିକଳେ ସେ ସ୍ଥାନ ଛାଡି ଦୌଡ଼ି ପଳାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହତ୍ୟା ଘଟଣାରେ ଅଭିଯୁକ୍ତ ସୁରେନ୍ଦ୍ର ବେହେରାକୁ କାବୁକରି ଥାନାରେ ଅଟକ ରଖି ଥିବା ଜଣାପଡିଛି । ଘଟଣା ସ୍ଥଳରେ ସଦର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ଓ ଆତ୍ମୀୟ ସୋଦର ଶତାଧିକ ପୁରୁଷ ମହିଳା ସଦର ଥାନାରେ ପହଞ୍ଚି ଏହା ଏକ ସୁପରି କଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ହତ୍ୟାକାଣ୍ଡରେ ଜଡିତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ ଦାବିରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଯାଜପୁର ଟାଉନ୍ ଥାନା ଅଧିକାରୀ ଓ ଡିଏସପି ପ୍ରମୁଖ ପହଞ୍ଚି ଥିଲେ । ପ୍ରକାଶ ଯୋଗ୍ୟ ଯେ ଥାନା ଅଧିକାରୀ ଦୀର୍ଘଦିନ ହେଲା ନଥିବାରୁ ଏହି ଥାନା ଅଂଚଳରେ ବିଭିନ୍ନ ପ୍ରକାରର ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଇଂଲଣ୍ଡ ବିପକ୍ଷରେ ଭାରତ ୪-୧ରେ ସିରିଜ ବିଜୟୀ




ଧର୍ମଶାଳା,୯ା୩(ଏଜେନ୍ସି): ଇଂଲଣ୍ଡ ବିରୋଧରେ ପୁଣି ଦମ୍ ଦେଖାଇଲେ ଭାରତୀୟ ସ୍ପିନର । ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ସିରିଜର ପଞ୍ଚମ ତଥା ଅନ୍ତିମ ଟେଷ୍ଟ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ଏକ ଇନିଂସ ଓ ୬୪ ରନରେ ପରାସ୍ତ କରିଛି ଭାରତ। ଏହି ସଫଳତା ସହିତ ଭାରତ ୪-୧ରେ ସିରିଜ ପୋଛି ନେଇଛି। ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟ ଲାଭ କରି ଥିବା ବେଳେ ଅବଶିଷ୍ଟ ୪ ଟେଷ୍ଟରେ ଭାରତ ଦମଦାର ପ୍ରଦର୍ଶନ କରି ଏକ ତରଫା ବିଜୟ ହାସଲ କରି ପାରିଛି। ପଞ୍ଚମ ଟେଷ୍ଟରେ ଇଂଲଣ୍ଡ ଉଭୟ ଇନିଂସରେ ଅତି ନିମ୍ନମାନ ବ୍ୟାଟିଂ କରି ଶୋଚନୀୟ ପରାଜୟ ସ୍ୱିକାର କରିଛି। ଭାରତର ଦୁଇ ପ୍ରଭାବୀ ସ୍ପିନର କୁଳଦୀପ ଯାଦବ ୫ ଓ ରବିଚନ୍ଦ୍ରନ ଅଶ୍ୱିନ ୪ ୱିକେଟ ଅକ୍ତିଆର କରି ନେବା ଫଳରେ ପ୍ରଥମ ଇନିଂସରେ ଇଂଲଣ୍ଡ ୨୧୮ ରନରେ ଅଲଆଉଟ ହୋଇ ଯାଇଥିଲା। ଏହାର ଜବାବରେ ଭାରତ ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଶତକ ଓ ସର୍ଫରାଜ ଖାନ୍ ଏବଂ ଦେବଦତ୍ତ ପାଡିକଲଙ୍କ ଅର୍ଦ୍ଧଶତକ ବଳରେ ୪୭୭ ରନ କରି ୨୫୯ ରନରେ ଅଗ୍ରଣୀ ହୋଇଥିଲା। ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅସମାପ୍ତ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୪୭୪ ରନ କରିଥିଲା। ତୃତୀୟ ଦିନ ଖେଳରେ ଭାରତ ଆଉ ୩ ରନ ଯୋଗ କରିବା ପରେ ୪୭୭ରେ ଅଲ ଆଉଟ ହୋଇ ଯାଇଥିଲା। ଏହା ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ପ୍ରାରମ୍ଭରୁ ଶକ୍ତ ଧକ୍କା ଖାଇଥିଲା। ଓପନର ବେନ୍ ଡକେଟ ୨ ଓ ଜ୍ୟାକ କ୍ରଲି ଖାତା ଖୋଲିବା ପୂର୍ବରୁ ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିଅନ ଫେରିଥିଲେ। ତେବେ ପୁରୁଖା ବ୍ୟାଟର ଜୋ ରୁଟ୍ ଓ ବେୟାରଷ୍ଟୋ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟରେ ସୁଧାର ଆଣିବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ବେୟାରଷ୍ଟୋ ୩୯ ରନ କରି ଆଉଟ ହେବା ପରେ ଇଂଲଣ୍ଡର ପରବର୍ତ୍ତୀ ବ୍ୟାଟରଙ୍କୁ ଭାରତୀୟ ସ୍ପିନର ଅତି ସହଜରେ କବଜା କରି ନେଇଥିଲେ। ରୁଟ ସର୍ବାଧିକ ୮୪ ରନ କରି ଶେଷ ବ୍ୟାଟର ଭାବେ ଆଉଟ ହେବା ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସର ପରିସମାପ୍ତି ହୋଇ ଯାଇଥିଲା। ଇଂଲଣ୍ଡ କେବଳ ୪୮.୧ ଓଭର ଖେଳି ୧୯୫ ରନରେ ଅଲଆଉଟ ହେବା ସହିତ ଭାରତ ଆଉ ଏକ ଜବରଦସ୍ତ ବିଜୟ ହାସଲ କରିଥିଲା। ଭାରତ ପକ୍ଷରୁ ଅଶ୍ୱିନ ୭୭ ରନରେ ୫ ଓ ବୁମରା ଏବଂ କୁଳଦୀପ ଯାଦବ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। କୁଳଦୀପ ଯାଦବ ଏହି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଓ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ଦଳର ଦୁଇ ସଫଳ ସ୍ପିନର ଟମ୍ ହର୍ଟଲେ ଓ ଶୋଏବ ବାଶିର ଏହି ସିରିଜର ସମସ୍ତ ମ୍ୟାଚରେ ଅତି ଚମତ୍କାର ପ୍ରଦର୍ଶନ କରି ଥିଲେ ହେଁ ବ୍ୟାଟିଂ ବିଫଳତା ଯୋଗୁଁ ଶୋଚନୀୟ ପରାଜୟ ସ୍ୱିକାର କରିବାକୁ ବାଧ୍ୟ ହୋଇଥିଲା।

## ଭାରତୀୟ କ୍ରିକେଟରଙ୍କୁ ଆର୍ଥିକ ପ୍ରୋତ୍ସାହନ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଶନିବାର ଏକ ବଡ ନିଷ୍ପତ୍ତି କ୍ରମେ ଟେଷ୍ଟ ଖେଳାଳିଙ୍କ ପାଇଁ ଆର୍ଥିକ ପୁରସ୍କାର ପ୍ରଦାନ ବ୍ୟବସ୍ଥା କରିଛି। ଏଣିକି ଯେଉଁ ଖେଳାଳି ବର୍ଷରେ ୫୦ ପ୍ରତିଶତ ଟେଷ୍ଟ ମ୍ୟାଚ ଖେଳିଲେ ମ୍ୟାଚ ଫି ସହିତ ମ୍ୟାଚ ପିଛା ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ୫୦ ପ୍ରତିଶତରୁ ଅଧିକ ଟେଷ୍ଟ ଖେଳିଲେ ମ୍ୟାଚ ପିଛା ୩୦ ଲକ୍ଷ ଟଙ୍କା ମିଳିବ। ଏହା ସହିତ ୭୫ % ମ୍ୟାଚ ପାଇଁ ୨୨.୫ ଲକ୍ଷ ଓ ଏହା ଠାରୁ ଅଧିକ ଖେଳିଲେ ମ୍ୟାଚ ବ୍ୟତିତ ଗୋଟିଏ ମ୍ୟା ପାଇଁ ଅଧିକ ୪୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିସିସିଆଇ ଘୋଷଣା କରିଛି। ଟେଷ୍ଟ ଖେଳ ପ୍ରତି ଅଧିକ ଆଗ୍ରହୀ ହେବା ଓ ଖେଳାଳିଙ୍କ ଆର୍ଥିକ ସ୍ଥିତି ଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଭୁବନେଶ୍ୱର,୯ା୩ (ନି.ପ୍ର): ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହିତ ମିଳିତ ସହଯୋଗରେ ଆଜି ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପାଳନ କରାଯାଇଛି । ମହିଳା ରେଳ କର୍ମଚାରୀଙ୍କୁ ସମ୍ବୋଧିତ କରି ଇକୋରୋ ସଭାପତି ଦ୍ରବ୍ୟ ଶର୍ମା କହିଛନ୍ତି ଯେ, ପ୍ରତ୍ୟେକ ମହିଳା ନିଜର ଲୁକ୍କାୟିତ ଶକ୍ତି ଜାଣିବା ଉଚିତ୍ ଏବଂ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଏବଂ ନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ପାଇଁ ଆଗକୁ ବଢିବା ସହ ସମସ୍ତ ବାଧାବିଘ୍ନର ମୁକାବିଲା କରିବା ଉଚିତ୍ । ଶ୍ରୀମତୀ ଶର୍ମା ମଧ ଏହି ଅବସରରେ ଉଲ୍ଲେଖନୀୟ ରେଳବାଇ ମହିଳା କର୍ମଚାରୀଙ୍କୁ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଏମ୍‌କେ ବେହେରା କହିଛନ୍ତି ଯେ, ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ଯୋଦ୍ଧା ଅଟନ୍ତି ଏବଂ ଭାରତୀୟ ରେଳବାଇର ପରିବର୍ତ୍ତନ ପାଇଁ ସେମାନଙ୍କ ଉଦ୍ୟମ କ୍ରମାଗତ ଭାବେ ଉଲ୍ଲେଖନୀୟ ଅଟେ । ଏହି ଅବସରରେ ମୋଟ ୭୬ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରର ପାରଦର୍ଶିତା ଓ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୪ ମହିଳା ରେଳ କର୍ମଚାରୀଙ୍କୁ ଇକୋରୋ ଦ୍ୱାରା ସମ୍ମାନିତ କରାଯାଇଥିଲା । ୩୨ ମହିଳା ରେଳ କର୍ମଚାରୀଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନ ପାଇଁ ଇକୋରୋ ଦ୍ୱାରା ମଧ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ, ପୂର୍ବତଟ ରେଳପଥ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୩୦ ମହିଳା ରେଳ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବ ଖୋର୍ଦ୍ଧା ରୋଡ,ୱାଲଟିୟର ଏବଂ ସମ୍ବଲପୁରର ରେଳ ମଣ୍ଡଳ ମୁଖ୍ୟାଳୟ ସହିତ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମଧ ପାଳନ କରାଯାଇଥିଲା ।

# ପିପିଏର ସଫଳତା, ୨୩ ଦିନ ପୂର୍ବରୁ କାର୍ଗୋ ଥ୍ରୋପପୁଟ ମାର୍କ ଅତିକ୍ରମ



ପରାଦୀପ,୯ା୩ (ନି.ପ୍ର): ଟିମ୍ ପିପିଏ ଦ୍ୱାରା ପ୍ରଦର୍ଶିତ ପ୍ରତିବଦ୍ଧତା ଏବଂ ସଂକଳ୍ପ ଦେଖିଲା ଯେ ପାରାଦୀପ ବନ୍ଦର ପ୍ରାଧିକରଣ, ଆରମ୍ଭରୁ ୧୩୫.୬୮ ଏମ୍‌ଏମ୍‌ଟି ର ସର୍ବାଧିକ କାର୍ଗୋ ଥ୍ରୋପପୁଟ୍, ବର୍ତ୍ତମାନର ଏଫ ୨୦୨୩-୨୪ ର ୨୩ ଦିନ ପୂର୍ବରୁ । ପୂର୍ବ ରେକର୍ଡ ଥିଲା ଏଫ ୨୦୨୨-୨୩ ରେ ୧୩୫.୩୬ ଏମ୍‌ଏମ୍‌ଟି ଏମ୍‌ଏମ୍‌ଟି ହାସଲ । ସର୍ବୋଚ୍ଚ ଉତ୍ପାଦନ ଏବଂ ସର୍ବନିମ୍ନ ଶୁଳ୍କ ପାଇଁ ଜଣାଶୁଣା ପାରାଦୀପ ବନ୍ଦର ଚଳିତ ଆର୍ଥିକ ସମୟରେ ଦେଶର ପ୍ରମୁଖ ବନ୍ଦର ପରିଚାଳନା କରୁଥିବା ଏକ ନମ୍ବର କାର୍ଗୋ ହୋଇ ୫୭ ବର୍ଷର ଇତିହାସରେ ଏକ ନୂତନ ଅଧ୍ୟାୟ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି । ଏହା ତିହାସିକ ୧୪୫ ଏମ୍‌ଏମ୍‌ଟି ମାର୍କ ଛୁଇଁବାକୁ ପ୍ରସ୍ତୁତ। ପିଏଲ୍ ହାରାନାଦ ଏହି ଚମତ୍କାର ପ୍ରଦର୍ଶନ ପାଇଁ ଟିମ୍ ପିପିଏକୁ ଅଭିନନ୍ଦନ ଜଣାଇଛନ୍ତି । ସରବାନନ୍ଦ ସୋନୋୱାଲ ଜୀ ମାନ୍ୟବର କେନ୍ଦ୍ର ମନ୍ତ୍ରୀଙ୍କୁ ସେ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ଯାହାର ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଟିମ୍ ପିପିଏ ଈର୍ଷା ରେକର୍ଡ ହାସଲ କରିଛି । ଚଳିତ ଆର୍ଥିକ ବର୍ଷରେ ଫେବୃଆରି ଶେଷ ପର୍ଯ୍ୟନ୍ତ ପିପିଏ ଦ୍ୱାରା ପରିଚାଳିତ କାର୍ଗୋ ଭଲ୍ୟୁମ୍ ୮.୧୪% ନକ୍ଷତ୍ର ଅଭିବୃଦ୍ଧି ପ୍ରଦର୍ଶନ କରିଥିଲା । ୫୮.୭୮ ଏମ୍‌ଏମ୍‌ଟି ପରିମାଣର କୋଇଲା ନିୟନ୍ତ୍ରଣ ବନ୍ଦରରେ ପରିଚାଳିତ ସମୁଦାୟ କାର୍ଗୋ ଭଲ୍ୟୁମର ପ୍ରାୟ ୪୪.୪୨% ଅଟେ । ଆଇରନ୍ ଓର ଏବଂ ପେଲେଟ୍ କାର୍ଗୋ ଉଲ୍ଲେଖନୀୟ ୪୮.୮୬% ବୃଦ୍ଧି ପାଇଛି ଯାହା ଦ୍ୱାରା ୨୩.୭୯ ଏମ୍‌ଏମ୍‌ଟି ଘଟିଛି । ରେକର୍ଡ ନଂ ୨୫୪୫ ଜାହାଜ ମଧ୍ୟରୁ ୨୨୦୦ ନମ୍ବର ତୁଳନାରେ ୮ ମାର୍ଚ୍ଚ ପର୍ଯ୍ୟନ୍ତ ପୋର୍ଟ ଅଫ୍ କଲ୍ କରିଥିଲା । ପୂର୍ବ ଟିକସରେ ଅନୁରୂପ ସମୟ ଅବଧି ମଧରେ । ବନ୍ଦର କି କାର୍ଯ୍ୟଦକ୍ଷତା ପାରାମିଟରରେ ଉଲ୍ଲେଖନୀୟ ଉନ୍ନତି ପଞ୍ଜିକରଣ କରିଛି। ବର୍ଥ ଉତ୍ପାଦନ ଦିନକୁ ୩୨୭୫୧ ଏମ୍‌ଟିରେ ଛିଡା ହୋଇଛି। ଯାହା ଦେଶର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବାଧିକ। ଗତ ବର୍ଷର ୪୬.୭୭ ଘଣ୍ଟାରୁ ହାରାହାରି ଟର୍ନଗ୍ରାଉଣ୍ଡ ସମୟ ୪୧.୮୫ ଘଣ୍ଟାକୁ ଉନ୍ନତ ହୋଇଛି କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବନ୍ଦରର ପ୍ରତିବଦ୍ଧତା, କାର୍ଗୋ ପରିଚାଳନାରେ ରଣନୀତିକ ଉନ୍ନତି ସହିତ ଏହାକୁ ଶିଳ୍ପର ଗ୍ରୋୱିଙ୍ଗ୍ ବଢୁଥିବା ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ଖେଳାଳି ଭାବରେ ସ୍ଥାନିତ କରିଛି। ସ୍ଥାୟୀ ମାର୍କେଟିଂ ପିଚ୍ ପିପିଏ କୁ ଏହାର ପୋର୍ଟ ବ୍ୟବହାରକାରୀଙ୍କ ନିକଟତର କରିଛି ଏବଂ ଭବିଷ୍ୟତରେ ଅଧିକ ସଫଳତା ପାଇଁ ପ୍ରସ୍ତୁତ ହୋଇଛି ।

# ଗ୍ରାମାଞ୍ଚଳ ରାସ୍ତା ଅସୁରକ୍ଷିତ,ବଢୁଛି ଦୁର୍ଦ୍ଦଶା




କାକଟପୁର, ୯ା୩ (ନି.ପ୍ର): କାକଟପୁର ଓ ଏହାର ଆଖପାଖ ଗ୍ରାମାଞ୍ଚଳ ରାସ୍ତା ଏବେ ଅସୁରକ୍ଷିତ ହୋଇପଡିଛି । ଦ୍ରୁତ ବେଗରେ ଗାଡି ଚାଳନା ସାଙ୍ଗକୁ ନିଶାସକ୍ତ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଘଟୁଛି ଦୁର୍ଘଟଣା ଅକାଳରେ ଚାଲିଯାଉଛି ଜୀବନ । ଗତ ୨ ଦିନରେ ତିନଟି ଦୁର୍ଘଟଣା ଘଟିଥିଲେ ମଧ ଆଜି ସକାଳ ଦୁର୍ଘଟଣା ଅତ୍ୟନ୍ତ ମର୍ମସ୍ପର୍ଶୀ । କାକଟପୁର ଆଡକୁ ଆସୁଥିବା od-୦୨cs-୭୬୫୦-କାର ସହିତ ବିପରୀତ ଦିଗରୁ ଆସୁଥିବା ଦୁଇ ଚକିଆର ବଲରା ଠାରେ ମୁହାଁମୁହିଁ ଧକାରେ ଗୁରୁତର ହୋଇଛନ୍ତି ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ କଣ୍ଟାପଡା ଗ୍ରାମର ସୁକାନ୍ତ ସେଠି (୩୫) ଓ ତାଙ୍କର ନାବାଳକ ପୁଅ ରାମଚନ୍ଦ୍ର ସେଠି । ନାବାଳକର ପେଟ କଣା ହୋଇ ରକ୍ତ ଶ୍ରାବ ହେଉଥିବା ଦେଖିବାକୁ ମିଳିଥିଲା । ତତକ୍ଷଣାତ ପୋଲିସ ପହଂଚି ଗୁରତରଙ୍କୁ ହସ୍ପିଟାଲକୁ ପଠାଇ ଚିକିତ୍ସା ଚଳାଇଛନ୍ତି । କାର ଓ ଡ୍ରାଇଭରେକୁ ଥାନାରେ ଅଟକ ରଖାଯାଇଛି । ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁଁ ଅଭାବନୀୟ ଘଟଣା ବଢ଼ି ଚାଲିଛି । ତୁରନ୍ତ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ହେନ୍ତାଳ ବଣ ସମ୍ପର୍କରେ ଶିକ୍ଷାଗ୍ରହଣ କଲେ ଛାତ୍ରଛାତ୍ରୀ




ଅସ୍ତରଙ୍ଗ, ୯ା୩ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ପରିପୂର୍ଣ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗଙ୍ଗାଦେବୀ ଅଞ୍ଚଳ । ଗଙ୍ଗାଦେବୀ ନିକଟରେ ହେନ୍ତାଳ ବଣ ସାଙ୍ଗକୁ ଲୁଣା ଜଙ୍ଗଲ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା ପାଇଁ ପୁରୀ ଜିଲ୍ଲା ମହାଦେବବସ୍ତ ରାମକୃଷ୍ଣ ଶିଶୁମନ୍ଦିର ତରଫରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତା ଗୋଟିଏ ପାର୍ଶ୍ୱରେ ଲୁଣା ଜଙ୍ଗଲ ସହ ଅପରପାର୍ଶ୍ୱରେ ବେଳାଭୂମି ରହିଛି । ସେହିପରି ଝାଉଁ ଜଙ୍ଗଲ, ନାଲିକଙ୍କଡା ଙ୍କ ଲୁଚକାଳୀ ଖେଳ, ଶୀତଳ ପବନ,ପକ୍ଷୀଙ୍କ କିଚିରିମିଚିର ସମସ୍ତ ଙ୍କୁ ଆନମନା କରିଥାଏଛ ଏହି ପ୍ରଶିକ୍ଷଣ ଶିବିର ରାମକୃଷ୍ଣ ଶିଶୁମନ୍ଦିର ତରଫରୁ ୯ମ,୮ମ ଓ ୭ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ଗଙ୍ଗାଦେବୀ ନିକଟରେ ଲୁଣା ଜଙ୍ଗଲ ସମ୍ପର୍କରେ ସଚେତନ କରିବାସହ ସଚେତନତା କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ରେ ଗାଇଡି ବନରକ୍ଷୀ ଭାବଗ୍ରାହୀ ସେଠି ଲୁଣା ଜଙ୍ଗଲ ମଧରେ ଛାତ୍ର ଛାତ୍ରୀ ଙ୍କୁ ପରିଦର୍ଶନ କରି ବୃକ୍ଷ ସମ୍ବନ୍ଧିୟ ଜ୍ଞାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ କୌଶିକ ସାଉଦିଗନ, ନିର୍ଦ୍ଦେଶକ ବାଲାଜୀ ରଞ୍ଜନ, ପ୍ରୋଜେକ୍ଟ ଅଫିସର ମିଷ୍ଟର ସୁନ୍ଦରଲାଲ, ପରିବେଶବିତି ଶୋଭାକର ବେହେରା ସମେତ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୁରୁଚରଣ ବିଶ୍ୱାଳ, ସୂର୍ଯ୍ୟକାନ୍ତ ଦଳାଇ, ହରଷ ଚନ୍ଦ୍ର ଦାସ ପ୍ରମୁଖ ଙ୍କ ସହ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ଜାତୀୟ ଫାଟୁଆ ରୋଗ ସଂସ୍ଥାନ ପରିସରରେ ଛେଳି ବଣ୍ଟନ



ଡେଲାଙ୍ଗ,୯ା୩ (ନି.ପ୍ର): ଜାତୀୟ ଫାଟୁଆ ରୋଗ ସଂସ୍ଥାନ ପରିସରରେ ଅନୁସୂଚିତ ଜାତି ଉପଯୋଜନା (DAPSC) ଅଧୀନରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଛେଳି ବଣ୍ଟନ କରାଯାଇଛି । ଚାଷୀ ଭାଇ ଓ ଭଉଣୀ ମାନେ ପୁରୀ ଜିଲ୍ଲାର ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଘନିପୁର ଏବଂ ରେଙ୍ଗଳ ଗ୍ରାମପଞ୍ଚାୟତର ହିତାଧିକାରୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ଜୀବନ ଜୀବିକା ଧାରାର ବିକାଶ ପାଇଁ ଛେଳି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ନିର୍ଦ୍ଦେଶକ ଡ଼ଃ ରବୀନ୍ଦ୍ର ପ୍ରସାଦ ସିଂହ, ପ୍ରଭାରୀ ବୈଜ୍ଞାନିକ ଡ଼ଃ ଯଯାତୀ କେଶରୀ ମହାପାତ୍ର, ଡ଼ଃ ନିହାର ରଞ୍ଜନ ସାହୁ, ନୋଡାଲ ଅଧିକାରୀ ଡ଼ଃ ମନୋରଞ୍ଜନ ରାଉତ ଏବଂ ଅନ୍ୟ ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେଛ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀନିବାସ ପାତ୍ର ଏବଂ ବିଶ୍ୱଜିତ୍ ବଡ଼ଜେନା ମଧ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୫ ଟି ଛେଳି ଓ ୭ଟି ଛେଳି ଛୁଆ ଓ ଖଣିଜ ଲବଣ ପ୍ୟାକେଟ ବଣ୍ଟନ କରାଯାଇଥିଲା । ଚାଷୀ ମାନଙ୍କର ସଚେତନତା ପାଇଁ ଛେଳି ପାଳନ ବିଷୟରେ ପତ୍ରିକା ତଥା ଫାଟୁଆ ରୋଗ ବିଷୟରେ ପତ୍ରିକା ବଣ୍ଟନ କରାଯାଇଥିଲା ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନିମାପଡା,୯ା୩ (ନି.ପ୍ର): ନିମାପଡା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାମ'ସିଂହାରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର,ସମ୍ମାନୀତ ଅତିଥିଭାବେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକ,ପ୍ରାକ୍ତନ ପ୍ରାଧ୍ୟାପକ କମଳ କୁମାର ବିଶ୍ୱାଳ,ଶିକ୍ଷକ ହେମନ୍ତ କୁମାର ପ୍ରଧାନ ଓ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ କୋମଳମତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଭଲ ପାଠ ପଢିଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷାକେନ୍ଦ୍ରର ସଂପାଦକ କମଳପତି ବରିହା ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ପରିଶେଷରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜାଗରରେ ଅଘଟଣ,ଦୀପ ଜାଳିବା ବେଳେ ଲାଗିଗଲା ଦେହରେ ନିଆଁ

ଅସ୍ତରଙ୍ଗ, ୯ା୩ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମପଂଚାୟତ ଅଧୀନ ଦକ୍ଷିଣପନ୍ତାଳ ପଶ୍ଚିମେଶ୍ୱର ଶିବ ମନ୍ଦିର ପରିସରରେ ମହାଶିବରାତ୍ରି ଜାଗର ପାଇଁ ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରୁଥିବା ବେଳେ ଜଣେ ମହିଳାଙ୍କ ଶରୀର ରେ ନିଆଁ ଲାଗିଗଲାଛ ସୂଚନା ମୁତାବକ ନଗର ଗ୍ରାମପଞ୍ଚାୟତ ଦକ୍ଷିଣପନ୍ତାଳ ଗ୍ରାମର ସୁଚିତ୍ରା ସ୍ୱାଇଁ (୩୫)ଜାଗର ପାଇଁ ପୂଜାର୍ଚ୍ଚନା କରିବାକୁ ବାବା ପଶ୍ଚିମେଶ୍ୱର ପୀଠ ପ୍ରାଙ୍ଗଣରେ କୌଣସି କାରଣ ବଶତଃ ଦୀପରୁ ଅଗ୍ନିସଂଯୋଗ ହୋଇ ବସ୍ତ୍ରରେ ନିଆଁ ଲାଗିଯାଇଥିଲା । ନିଆଁ ବେଶ ଅତି କ୍ଷିପ୍ର ଗତିରେ ଅଳ୍ପ କିଛି ମୁହୂର୍ତ୍ତଶରୀରର ୪୦ଶତକଡା ଫୋଟକା ହୋଇଯାଇଥିଲା । ପରିବାର ଗୁରୁତ୍ୱପୂର୍ଣ୍ଣ ସୁଚିତ୍ରାଙ୍କୁ ନିଜ ଘର ଗାଡ଼ିରେ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡକ୍ଟର ପ୍ରଜ୍ଞା ନାୟକ ଚିକିତ୍ସା କରିବାପରେ ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ ରୋଗୀଙ୍କ ସମ୍ପର୍କୀୟକୁ ଅନ୍ୟତ୍ର ମେଡିକାଲକୁ ସ୍ଥାନାନ୍ତରଣ କରିବାକୁ ସୂଚନା ଦେବା ସହ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରିବାର ଲୋକେ ୧୦୮ଆମ୍ବୁଲାନ୍ସ ଦୀର୍ଘ ଦୁଇ ଘଣ୍ଟା ବାରମ୍ବାର ଯୋଗାଯୋଗ ଯୋଗ କରିଥିଲେ ମଧ ଆମ୍ବୁଲାନ୍ସ ନାହିଁ ଅଲଗା ଗାଡି ନେଇଯାଆନ୍ତୁ ବୋଲି ଆମ୍ବୁଲାନ୍ସ ଟୋଲ ଫ୍ରି କେନ୍ଦ୍ରରୁ ସୂଚନା ମିଳିଥିଲା । ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଡିଯାଇଥିବା ମହିଳା କଷ୍ଟ ଅନୁଭବ କରୁଥିବା ବେଳେ ଦୀର୍ଘ ଦୁଇଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ମିଳିପାରିନଥିଲା । ଯାହାକି ପରିବାର ଲୋକେ ଦୀର୍ଘ ସମୟ ଅପେକ୍ଷା ପରେ ଏକ ଘରୋଇ ଗାଡ଼ିରେ ମେଡିକାଲ ସ୍ଥାନାନ୍ତରଣ କରିଥିଲେ । ବାସ୍ତବରେ ପ୍ରକୃତରୋଗୀ ଯନ୍ତ୍ରଣା ଅନୁଭବ କରିଥିବା ବେଳେ ଆମ୍ବୁଲାନ୍ସ ସେବା ମିଳିପାରିନାହିଁ ।

# ସାହିତ୍ୟ ଭାରତୀ ସମ୍ମାନ ଘୋଷିତ

କଟକ,୯ା୩ (ନି.ପ୍ର): ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କଟକ ଦରଘା ବଜାରସ୍ଥିତ ଗଙ୍ଗାଧର ରଥଙ୍କ ବାସ ଭବନରେ ଅନୁଷ୍ଠିତ ହୋଇ ସାହିତ୍ୟ ଭାରତୀ ସମ୍ମାନ ସହିତ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସମ୍ପର୍କରେ ଘୋଷଣା କରାଯାଇଛି। ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ଦ୍ୱାରା ମର୍ଯ୍ୟାଦା ଜନକ 'ସାହିତ୍ୟ ଭାରତୀ ସମ୍ମାନ : ୨୦୨୪' ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅର୍ଚ୍ଚନା ନାୟକଙ୍କୁ ଅର୍ପଣ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ସମ୍ମାନ ସହିତ ୧ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ। ସୁଦୀର୍ଘ ସାରସ୍ୱତ ଯାତ୍ରାରେ ସେ ଜଣେ କଥାକାର ଭାବେ ଖ୍ୟାତ। ତାଙ୍କର ସାରସ୍ୱତ କର୍ମ ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ। ଫାଉଣ୍ଡେସନର ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ ସାମ୍ବାଦିକ ରବି ଦାସଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ସହିତ ଏକ ରୌପ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ ବିଶିଷ୍ଟ କବି ପ୍ରଭାକର ଶତପଥୀଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ ବିଶିଷ୍ଟ କଥାକାର ଗାୟତ୍ରୀ ସରାଫ୍‌ଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ। ସେହିଭଳି ସାରସ୍ୱତ ପ୍ରତିଭା ଅମରେନ୍ଦ୍ର ମାଧବ ଦାସ ଏବଂ ମାନସ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରଯିବ। ୨୦୨୪ ଅପ୍ରେଲ ୭ତାରିଖ ରବିବାର ସନ୍ଧ୍ୟା ୬ : ୩୦ ଘଟିକା ସମୟରେ କଟକସ୍ଥ କଳାବିକାଶ କେନ୍ଦ୍ର ଠାରେ ଆୟୋଜିତ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ। ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ମୁଖ୍ୟଅତିଥି ଭାବରେ ଏହି ଉତ୍ସବକୁ ଉଦ୍ଘାଟନ କରିବେ। ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଏହି ସଭାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେବେ। ଫାଉଣ୍ଡେସନର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ଏହି ସଭାରେ ପୌରୋହିତ୍ୟ କରିବେ। ୧୯୯୬ରୁ ଗଙ୍ଗାଧର ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ମାନରେ ବହୁ ଯୋଗ୍ୟ ବ୍ୟକ୍ତି ସମ୍ମାନିତ ହୋଇଛନ୍ତି। ଏହି ସମ୍ମିଳନୀରେ ଫାଉଣ୍ଡେସନର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ, ସମ୍ପାଦିକା ସୁସ୍ମିତା ରଥ, ଡକ୍ଟର ବିଜୟାନନ୍ଦ ସିଂହ ଓ ଆଇନଜୀବୀ ସଞ୍ଜୟ ରଥ ଆଦି ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜେବିଏମ୍ ଇକୋଲାଇଫ ଇଲେକ୍‌ଟ୍ରିକ୍ ଏସି ବସ୍ ଚଳାଚଳ ଆରମ୍ଭ



ଭୁବନେଶ୍ୱର/ବ୍ରହ୍ମପୁର, ୯ା୩ (ନି.ପ୍ର): ବ୍ରହ୍ମପୁର ଠାରେ ଆୟୋଜିତ ଏକ ଉତ୍ସବରେ ଜେବିଏମ ଇକୋଲାଇଫ ଇଲେକଟ୍ରିକ ବସ ଚଳାଚଳର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ସହରରେ ମୋଟ ୨୦୦ ବାତାନୁକୂଳିତ ଇଲେକଟ୍ରିକ ବସ୍ ଚଳାଚଳ କରିବ। ଏହି ଶୁଭାରମ୍ଭ ସହିତ କମ୍ପାନୀ ଦେଶର ପୂର୍ବାଞ୍ଚଳରେ ପ୍ରବେଶ କରିଛି। ସମ୍ପ୍ରତି ଦେଶର ୧୦ଟି ରାଜ୍ୟ ଓ ଭାରତର ପ୍ରମୁଖ ବିମାନ ବନ୍ଦର ଗୁଡିକରେ ୧୫୦୦ରୁ ଅଧିକ ଜେବିଏମ ଇଲେକଟ୍ରିକ ବସ୍ ଚଳାଚଳ କରୁଛି। ଏହି ବସଗୁଡିକର ଚଳାଚଳକୁ ସୁଗମ କରିବା ପାଇଁ ଜେବିଏମ ଅଟୋ ଡିପୋଗୁଡିକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଇଲେକଟ୍ରିକ ବସ୍ ପରିବ୍ୟବସ୍ଥା ସ୍ଥାପନ କରିଛି, ଯେଉଁଥିରେ ବିଦ୍ୟୁତ ଶକ୍ତି ଏବଂ ଚାର୍ଜିଂ ଭିତ୍ତିଭୂମି ଆଦି ରହିଛି। ନୂଆକରି ପ୍ରଚଳନ କରାଯାଇଥିବା ୯ ମିଟର ଜେବିଏମ ଇକୋଲାଇଫ ଇଲେକଟ୍ରିକ ବସଗୁଡିକ ଶୂନ୍ୟ ନିର୍ଗମନ ଯାନ (ଜେଡଇଭି) ହୋଇଛି । ତାହା ୧୦ ବର୍ଷ ଚଳାଚଳ ଅବଧି ମଧ/ରେ ପ୍ରାୟ ୧୦୦୦ ତୁଲ୍ୟ ଟନ କାର୍ବନ ଡାଇଅକ୍ସାଇଡ ଏବଂ ୪୨୦,୦୦୦ ଲିଟର ଡିଜେଲ ସଞ୍ଚୟ କରିବ। ଏହି ବସଗୁଡିକ ଫାଷ୍ଟ ଚାର୍ଜିଂ ହେଉଥିବା ଲିଥିୟମ-ଆୟନ ବ୍ୟାଟେରୀଗୁଡିକର ଶକ୍ତିରେ ଚାଲୁଛି ଏବଂ ଏଥିରେ ରିଅଲ ଟାଇମ ପାସେର ଇନଫରମେସନ ସିଷ୍ଟମ (ପିଆଇଏସ), ଜରୁରୀ ସମୟ ପାଇଁ ପାନିକ ବଟନ, ଭେଇକଲ ଲୋକେସନ ଆଣ୍ଡ ଟ୍ରାକିଂ ସିଷ୍ଟମ, ସିସିଟିଭି କ୍ୟାମେରା, ମାଇକ ବ୍ୟବସ୍ଥା, ଅଟକାଇବା ପାଇଁ ଅନୁରୋଧ ବଟନ, ଅଗ୍ନି ଠାବ ଓ ଦମନ ବ୍ୟବସ୍ଥା ଆଦି ଭଳି ସମସ୍ତ ଆଧୁନିକ ବୈଶିଷ୍ଟ୍ୟ ରହିଛି। ବସ୍‌ଗୁଡିକ ଦିନକୁ ୨୦୦ କିଲୋମିଟରରୁ ଅଧିକ ଚଳାଚଳ କରିବା ଆଶା କରାଯାଉଛି। ଡ୍ରାଇଭରମାନଙ୍କ ପାଇଁ କାର୍ଯ୍ୟକାରିତା ଦୃଷ୍ଟିକୋଣରୁ ଡିଜାଇନ କରାଯାଇଥିବା ଡାସବୋର୍ଡ ଏକ ଅତ୍ୟନ୍ତ ସହଜ ଜ୍ଞାନଯୁକ୍ତ ଏବଂ ବ୍ୟବହାରକାରୀ ଉପଯୋଗୀ ବ୍ୟବସ୍ଥା ପ୍ରଦାନ କରୁଛି ଯାହା ଡ୍ରାଇଭରମାନଙ୍କୁ କୌଣସି ବ୍ୟାଘାତ ନପହଁଞ୍ଚାଇ ଗାଡି ଚାଳନା ଉପରେ ଦୃଷ୍ଟିନିବଦ୍ଧ କରିବାକୁ ସୁଯୋଗ ପ୍ରଦାନ କରୁଛି ଏବଂ ଏହା ବାସ୍ତବରେ ବସକୁ ଏକ ବୈଶ୍ୱିକ ଉତ୍ପାଦ କରି ଗଢିତୋଳୁଛି। ନିଶାନ୍ତ ଆର୍ୟା, ଭାଇସ ଚେୟାରମ୍ୟାନ ଓ ଏମଡି, ଜେବିଏମ ଗ୍ରୁପ କହିଛନ୍ତି । 'ଆମେ ପୂର୍ବାଞ୍ଚଳ ବଜାରକୁ ପ୍ରବେଶ କରିବା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମହୂର୍ତ୍ତ ହୋଇଛି ଏବଂ ରାଜ୍ୟ ଓ ରାଜ୍ୟର ଜନସାଧାରଣଙ୍କୁ ସେବା କରିବାକୁ ସୁଯୋଗ ଦେଇଥିବାରୁ ଆମେ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞ। ଏହି ଇଲେକଟ୍ରିକ ବସ୍‌ଗୁଡିକ ପ୍ରଯୁକ୍ତିଗତ ଦୃଷ୍ଟିରୁ ଉନ୍ନତ, ନିରାପଦ, ଦକ୍ଷ, ଆରାମଦାୟକ ଏବଂ ସହର ଜନସଂଖ୍ୟାର ଗମନାଗମନ ସମସ୍ୟା ସମାଧାନ କ୍ଷେତ୍ରରେ ବିଶେଷ ସହାୟକ ହେବ। ଏଗୁଡିକ ସୁରୁଖୁରୁରେ ଚଳାଚଳ କରିବା ନେଇ ଆମେ ପ୍ରତିବଦ୍ଧ ରହିଛୁ ଏବଂ ସେଥିପାଇଁ ଏହି ଇଲେକଟ୍ରିକ ବସଗୁଡିକ ଚାର୍ଜିଂ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ସ୍ଥାପନ କରିଛୁନ୍ତି । ଏହି ଅବସର ମଧ ସବୁଜ ଓ ଦୀର୍ଘସ୍ଥାୟୀ ସମାଧାନ ଆପଣାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସମର୍ଥନ କରିବା ଦିଗରେ ଜେବିଏମର ପ୍ରୟାସକୁ ଦର୍ଶାଉଛି, ଯାହା ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ବୈଶ୍ୱିକ ପ୍ରୟାସ ସହିତ ମେଳ ଖାଉଛି।

# ସୁରକ୍ଷିତ ଭବିଷ୍ୟତ ପାଇଁ ସୋଲାର ଏନର୍ଜି ସଲ୍ୟୁସନ

କୋଲକତା, ୯ା୩ (ଏଜେନ୍ସି): ଗ୍ରୀନ୍ ପାୱାର ସଲ୍ୟୁସନ୍ସ ସୋଲାର ଶକ୍ତି ସଲ୍ୟୁସନ୍ ଯୋଗାଇବାରେ ଏକ ପ୍ରମୁଖ ସଂସ୍ଥା । ସୁରକ୍ଷିତ ତଥା ଦୀର୍ଘସ୍ଥାୟୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗ୍ରୀନ୍ ପାୱାର ସଲ୍ୟୁସନ୍ସ ବିଭିନ୍ନ ଶିଳ୍ପ ଓ ବ୍ୟବସାୟୀକ ସେକ୍ଟରକୁ ସୋଲାର ପାୱାର ଯୋଗାଇଆସୁଛି । ମୁଖ୍ୟତ ପରିବେଶ ସୁରକ୍ଷା ଓ ବ୍ୟୟ ହ୍ରାସ କରିବା ଉପରେ ଅଧିକ ଫୋକସ୍ କରୁଛି । ଏ ଦୃଷ୍ଟିରୁ ଗ୍ରୀନ୍ ପାୱାର ସଲ୍ୟୁସନ୍ସ ବ୍ୟାପକ ସେବା ଯୋଗାଇ ଦେଉଛି । ଏଥିରେ ସୋଲାର ପାୱାର ପାଇଁ ଡିଜାଇନ୍, ଇଞ୍ଜିନିୟରିଂ, ପ୍ରୋକ୍ୟୁଅରମେଣ୍ଟ, ଇନ୍‌ଷ୍ଟାଲେସନ୍ସ ଓ ସୌରଶକ୍ତି ପ୍ଲାଣ୍ଟର ମେଣ୍ଟନାସ୍ ପ୍ରତି ଅଧିକ ଗୁରୁତ୍ୱ ଦେଉଛି । ଏହି ଗ୍ରୀନ୍ ପାୱାର ସଲ୍ୟୁସନ୍ସ ୨୦୧୮ରେ ପ୍ରତିଷ୍ଠା ହୋଇଥିବାବେଳେ ସୋଲାର ଇପିସି (ଇଞ୍ଜିନିୟରିଂ ପ୍ରୋକ୍ୟୁଅରମେଣ୍ଟ ଓ କନ୍‌ଷ୍ଟ୍ରସନ୍ସ) ଏବଂ ପରିବେଶ ସଷ୍ଟେନ୍‌ବୁଲ୍ ଭେଞ୍ଚର୍ ଆସେଟ୍ ମାମେଟାଇଜେନ୍ସ ଉପରେ ସ୍ୱତନ୍ତ୍ରତା ଆଣିପାରିଛି । କମ୍ପାନୀର ପୋର୍ଟ ଫୋଲିଓ ଉଭୟ ଅନ୍-ଗ୍ରୀଡ୍, ଅଫ୍-ଗ୍ରୀଡ୍ ଓ ହାଇବ୍ରୀଡ୍ ସୋଲାର ପାୱାର ପ୍ଲାଣ୍ଟ ସହିତ ଗ୍ରହାକଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ଉପରେ ବିଶେଷ ଧ୍ୟାନ ଦେଇଆସୁଛି । ଏହି ସଂସ୍ଥାର ଜନୈକ ମୁଖପାତ୍ର କହିଛନ୍ତି ଯେ, ଗ୍ରହାକମାନେ ଯେପରି ସହଜ ଓ ସୁବିଧାରେ ସୌରଶକ୍ତିର ବିନିଯୋଗ କରିପାରିବେ ଓ ପରିବଶେ ସୁରକ୍ଷିତ ରହିବ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯାଉଛି । ପ୍ରତେକ ଗ୍ରହକଙ୍କ ଆବଶ୍ୟକତା ପୂରଣ ଦୃଷ୍ଟିରୁ କାପେକ୍ସ (କ୍ୟାପିଟାଲ୍ ଏକ୍ସପେଣ୍ଡିଚର) କିମ୍ବା ରେସକୋ (ରିନିଆବୁଲ୍ ଏନର୍ଜି ସର୍ଭିସ୍ କମ୍ପାନୀ) ମଡେଲ୍ ଜରିଆରେ ଗ୍ରୀନ୍ ପାୱାର ସଲ୍ୟୁସନ ସୌରଶକ୍ତି ଯୋଗାଇବା ପାଇଁ ପ୍ରତିଶୃତି ବଦ୍ଧ ।

## କାଜିରଙ୍ଗା ନ୍ୟାସନାଲ ପାର୍କରେ ମୋଦୀ



**ଆସାମ,୯।୩(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମ ଓ ଅରୁଣାଚଳ ପ୍ରଦେଶ ଗସ୍ତ କରିଛନ୍ତି। ଦୁଇଦିନିଆ ଗସ୍ତରେ ଯାଇ ମୋଦୀ ଆସାମର କାଜିରଙ୍ଗା ନ୍ୟାସନାଲ ପାର୍କ ଓ ଟାଇଗର ରିଜର୍ଭରେ ହାତୀ ପିଠିରେ ବୁଲିଛନ୍ତି। କାଜିରଙ୍ଗାକୁ ମୋଦୀଙ୍କର ଏହା ପ୍ରଥମ ଗସ୍ତ। ମୋଦୀ ହାତୀ ପିଠିରେ ବୁଲିବାବେଳେ କାଜିରଙ୍ଗା ପାର୍କର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ପାଖେ ପାଖେ ରହିଥିଲେ।

## ନିର୍ବାଚନ କମିଶନର ଅରୁଣ ଗୋଏଲଙ୍କ ଇସ୍ତଫା

**ନୂଆଦିଲ୍ଲୀ,୯।୩ (ନି.ପ୍ର):** ନିର୍ବାଚନ କମିଶନର ଅରୁଣ ଗୋଏଲ ତାଙ୍କ ପଦରୁ ଦେଇଛନ୍ତି



ଇସ୍ତଫା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି । ଭାରତର ନିର୍ବାଚନ ଆୟୋଗ ପୂର୍ବରୁ ଏକ ପଦ ଖାଲି ରହିଛି । ଏବେ କେବଳ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ରହିଛନ୍ତି ।

### ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଆଥଲେଟ୍‌ଙ୍କ ପ୍ରସ୍ତୁତି

# ବିଦେଶରେ ତାଲିମ ନେଉଛନ୍ତି କ୍ରୀଡ଼ାବିତ୍ : ଅନୁରାଗ

- ବିଦେଶରେ ତାଲିମ ପାଇଁ ୩୫୦ କେନ୍ଦ୍ର
- ୫୮ ଆଥଲେଟଙ୍କ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ

**ନୂଆଦିଲ୍ଲୀ,୯।୩ (ଏଜେନ୍ସି):** ଚଳିତ ବର୍ଷ ଫ୍ରାନ୍ସର ଫ୍ରାନ୍ସର ପ୍ୟାରିସ ନଗରୀରେରେ ଅନୁଷ୍ଠିତ ହେବ ଆଗାମୀ ଗ୍ରୀଷ୍ମ କାଳୀନ ଅଲିମ୍ପିକ୍ସ କ୍ରୀଡ଼ା । ଜାପାନର ଟୋକିଓରେ ଅନୁଷ୍ଠିତ ଗତ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ସନ୍ତୋଷଜନକ ଥିବାବେଳେ ୨୦୨୪ ପ୍ୟାରିସ ଅଲିମ୍ପିକ୍‌ସରେ ଭାରତୀୟ ଆଥଲେଟିକ୍ସମାନେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଅନୁମାନ । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ ପ୍ୟାରିସ ଅଲିମ୍ପିକ୍ସ ଉପରେ ଆମେ ଅଧିକ ଫୋକସ୍ କରୁଛୁ । ଅଧିକ ସଂଖ୍ୟକ ଭାରତୀୟ ଆଥଲେଟ୍ ଯେପରି ଏହି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିବେ ସେଥିପାଇଁ ପଡ଼ ଲକ୍ଷ୍ୟ ରଖିଛି । ସେହି ଦୃଷ୍ଟିରୁ ଆଥଲେଟିକ୍‌ସଙ୍କ ପାଇଁ ବିଦେଶରେ ୩୫୦ ତାଲିମ ଓ ପ୍ରତିଯୋଗିତାରେ ଅଂଶ ଗ୍ରହଣ ଯୋଜନା କରାଯାଇଛି । ମୁଖ୍ୟତଃ ଅଲିମ୍ପିକ୍ସରେ ସ୍ଥାନ ପାଇବାକୁ ଥିବା ଇଭେଣ୍ଟ ଉପରେ ଏହି ବିଦେଶଗସ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହାଦ୍ୱାରା ଆଥଲେଟମାନେ ଅଧିକ ସୁଯୋଗ ପାଇବେ ଓ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିପାରିବେ ବୋଲି ଆମର ଆଶା । ବର୍ତ୍ତମାନ ସୁଦ୍ଧା ୫୮ ଆଥଲେଟ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଲେଣି । ପ୍ରଥମଥର ପାଇଁ ଉଭୟ ପୁରୁଷ ଓ ମହିଳା ଟେବୁଲ ଟେନିସ୍ ଟିମ୍ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଅତି ଖୁସିର ବିଷୟ ।

ସେହିପରି ମହିଳା ସ୍କିଟ୍ ଓ ଇକ୍ୱେଷ୍ଟ୍ରିଆନ (ଡ୍ରେସେଜ) ଇଭେଣ୍ଟ ପାଇଁ ମଧ୍ୟ ଭାରତ ଯୋଗ୍ୟତା ହାସଲ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୋତ୍ସାହକ୍ରମେ ଭାରତୀୟ ଆଥଲେଟମାନେ ଯେପରି ନିର୍ଭୟରେ ଅଲିମ୍ପିକ୍‌ସରେ ଭଲ ପ୍ରଦର୍ଶନ କରିବେ ସେଥିପାଇଁ ଆମେ ଗୁରୁତ୍ୱ ଦେଉଛୁ । ୨୦୧୬ ରିଓ ଅଲିମ୍ପିକ୍ସ ପରେ ଏହି ଚିନ୍ତାଧାରାରେ ଯେଉଁକି ବିଶେଷ ପରିବର୍ତ୍ତନ ଆସିଛି । କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ଓ ଜାତୀୟ କ୍ରୀଡ଼ା ଫେଡେରେସନ୍ ଅଧିକ ପଦକ ପାଇବା ଆଶା ଥିବା ଇଭେଣ୍ଟ ଉପରେ ସ୍ୱତନ୍ତ୍ର ତାଲିମ ପାଇଁ ଗୁରୁତ୍ୱ ଦେଉଛନ୍ତି । ଯେଉଁ ଆଥେଲେଟ୍‌ମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କୁ ମଧ୍ୟ ଅଧିକ ଉତ୍ସାହିତ କରାଯାଉଛି । ସେହିପରି ସାଇକେଲ ଚାଳନା ଓ ସନ୍ତରଣରେ ଅଧିକ ପଦକ ପାଇବା ଆଶା ନେଇ ଆଥେଲେଟଙ୍କୁ ଅଧିକ ପ୍ରୋତ୍ସାହନ କରାଯାଉଛି । ଏହିସବୁ କାରଣ ନେଇ କ୍ରୀଡ଼ାମନ୍ତ୍ରଣାଳୟ କ୍ରୀଡ଼ା ବଜେଟରେ ମଧ୍ୟ ଯଥେଷ୍ଟ ଅର୍ଥ ମଞ୍ଜୁରୀ କରିଛି । ୨୦୧୩-୧୪ ବଜେଟରେ ୧,୦୯୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୨୦୨୩-୨୪ କ୍ରୀଡ଼ା ବଜେଟରେ ଏହା ୩୩୯୭.୩୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ସହିତ ବିଭିନ୍ନ କର୍ପୋରେଟ ଓ ଘରୋଇ ସଂସ୍ଥା ସିଏସ୍‌ଆର ଜରିଆରେ କ୍ରୀଡ଼ା କ୍ଷେତ୍ରକୁ ଅଧିକ ପାଣ୍ଠି ସହଯୋଗ କରିଆସୁଛନ୍ତି । ଏହା ସହିତ ଖେଲୋ ଇଣ୍ଡିଆ କ୍ରୀଡ଼ାକୁ ମଧ୍ୟ ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି । କାରଣ ଏହି କ୍ରୀଡ଼ାର ସଫଳ ଆଥେଟେଲମାନେ ଆଗାମୀ



ଦିନରେ ଭାରତୀୟ କ୍ରୀଡ଼ାକୁ ଅଧିକ ଯୋଗଦାନ ଦେଇପାରିବେ ସେ ଦୃଷ୍ଟିରୁ ପ୍ରତିଭା ସମ୍ପନ୍ନ କ୍ରୀଡ଼ାବିତଙ୍କ ତାଲିମ, ରହିବା, ଖାଇବା ଓ ନିଜ ଖର୍ଚ୍ଚ ବାବଦରେ ବାର୍ଷିକ ୬.୨୮ ଲକ୍ଷ ଟଙ୍କା ବୃତ୍ତି ଆକାରରେ ପ୍ରଦାନ କରାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ କ୍ରୀଡ଼ା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ରହିଛି । ତୃଣମୂଳସ୍ତରରେ କ୍ରୀଡ଼ାବିତଙ୍କୁ ଦକ୍ଷଭାବେ ଗଢ଼ିବା ଓ ଭିତ୍ତିଭୂମି ବିକାଶ ପାଇଁ ୧,୮୭୯ କୋଟି ଟଙ୍କା ୨୦୨୪-୨୫ ବର୍ଷ ପାଇଁ ଅର୍ଥମନ୍ତ୍ରଣାଳୟ ମଞ୍ଜୁର କରିଛି । ସମସ୍ତ ରାଜ୍ୟ କେନ୍ଦ୍ରଶାସିତ ଅଞ୍ଚଳରେ 'ଗୋଟିଏ ରାଜ୍ୟ, ଗୋଟିଏ ଖେଳ' ଯୋଜନା ଅଧିନରେ ଉତ୍କର୍ଷ କ୍ରୀଡ଼ାକେନ୍ଦ୍ର ଓ ଖେଲୋଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭାରତ ୨୦୩୬ରେ ଗ୍ରୀଷ୍ମକାଳୀନ ଅଲମ୍ପିକ୍‌ସ ଆୟୋଜନ କରିବା ଲକ୍ଷ ରଖିଥିବାରୁ ୨୦୩୦ରେ ଯୁବଅଲିମ୍ପିକ୍ସ ସଫଳତାର ସହ ଅୟୋଜନ କରିବା ଯୋଜନା ଜାରି ରଖିଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି ।

### ଲୋକସଭା ନିର୍ବାଚନରେ ସମସ୍ୟା

## ଇସିଆଇରେ ଗୋଟିଏ ସିଟ୍ ଖାଲି

**ନୂଆଦିଲ୍ଲୀ,୯।୩ (ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନକୁ ନେଇ ନୂଆ ଅପଡେଟ୍ ଆସିଛି । ୨୦୨୪ ଲୋକସଭା ନିର୍ବାଚନ ଉପରେ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କୁ ନେଇ ଉପୁଜିଛି ସମସ୍ୟା । ଇସିଆଇର ସଦସ୍ୟଙ୍କୁ ନେଇ ଏହି ସମସ୍ୟା ଦେଖାଦେଇଛି । ଇସିଆଇର ୩ ଜଣିଆ ସଦସ୍ୟ ଟିମ୍‌ରେ ସମ୍ପ୍ରତି ୨ ଜଣ ସଦସ୍ୟ ଅଛନ୍ତି । ଆୟୋଗର ଗୋଟିଏ ସିଟ୍ ଖାଲି ରହିଛି । ନିର୍ବାଚନ କରାଇବା ପାଇଁ ଆୟୋଗରେ ୩ ଜଣ ସଦସ୍ୟ ରହିବା ଅନିବାର୍ଯ୍ୟ ।

ଇତି ମଧ୍ୟରେ ଇସିଆଇ ଲୋକସଭା ନିର୍ବାଚନ କରାଇବାକୁ ପ୍ରସ୍ତୁତି କରି ସାରିଛନ୍ତି । ସମସ୍ତ ରାଜନୈତିକ ଦଳ ନିଜ ନିଜର ପ୍ରସ୍ତୁତି ଚୂଡ଼ାନ୍ତ କରି ସାରିଛନ୍ତି । ଶାସକ ବିଜେପି ସହିତ ଅନ୍ୟ ଦଳମାନେ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଛନ୍ତି । ଏପରିସ୍ଥଳେ ଇସିଆଇର ସଦସ୍ୟଙ୍କୁ ନେଇ ସମସ୍ୟା ଦେଖାଦେଇଛି ।

ଇସିଆଇର ତୃତୀୟ ସଦସ୍ୟ ଫେବ୍ରୁଆରୀ ୧୫ରେ ଅବସର ଗ୍ରହଣ କରିଥିଲେ । ସେବେଠାରୁ ଏହି ପଦ ଖାଲି ରହିଛି । ଆସନ୍ତା ଦିନେ ଅବା ଦୁଇ ଦିନ ମଧ୍ୟରେ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବା ସମ୍ଭାବନା ରହିଛି । ନିର୍ବାଚନ ତାରିଖ ଘୋଷଣା ହେଲେ ଆଦର୍ଶ ଆଚରଣ ବିଧି ଲାଗୁହେବ । ଫଳରେ ଇସିଆଇରେ ଖାଲିଥିବା ପଦ ପୂରଣ ହେବା ସମ୍ଭବ ହେବ ନାହିଁ । ଫଳରେ ଏହା ଲୋକସଭା ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିପାରେ ।

### ନୀଳମାଧବ ନିବାସର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ଜମି ଅପେକ୍ଷା ଲୋକେ ଅଧିକ ଗୁରୁତ୍ୱପୂର୍ଣ୍ଣ



**ଭୁବନେଶ୍ୱର,୯।୩(ନି.ପ୍ର):** ଆମ ପାଇଁ ଜମି ଅପେକ୍ଷା ଲୋକେ ଅଧିକ ଗୁରୁତ୍ୱପୂର୍ଣ୍ଣ। ସହରରେ କେହି ଝୁମ୍ପୁଡ଼ି ଘରେ ରହିବେନାହିଁ। ଏଥିପାଇଁ ଆବାସ ଯୋଜନା ଜରିଆରେ ଫ୍ଲାଟ ପ୍ରଦାନ କରାଯାଉଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ନିର୍ମାଣ ହୋଇଛି ନୀଳମାଧବ ନିବାସ। ନୀଳମାଧବ ନିବାସ ଲୋକାର୍ପଣ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବସ୍ତିବାସିନ୍ଦାଙ୍କ ପାଇଁ ସ୍ମାର୍ଟ ସିଟିରେ ଆବାସ ସ୍କିମରେ ଘର ଯୋଗାଉଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ନୀଳମାଧବ ନିବାସରେ ୧୨ ଶହ ଘର ନିର୍ମାଣ ହେଉଛି। ପ୍ରଥମ ପର୍ଯ୍ୟାୟରେ ୯୬୦ଟି ଗୃହ ଶେଷ ହୋଇଥିବା ବେଳେ ଶନିବାର ୪୫୫ ବସ୍ତି ବାସିନ୍ଦାଙ୍କୁ ଘର ହସ୍ତାନ୍ତର କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରତି ପରିବାରକୁ ୨୭୫ ସ୍କୋୟାର ଫୁଟ୍‌ର ଏକ ଘର ପ୍ରଦାନ କରାଯାଇଛି।

ନୀଳମାଧବ ନିବାସ ପରିସରରେ ରହିଛି ବହୁମୁଖୀ ସୁବିଧା କେନ୍ଦ୍ର, ଶପିଙ୍ଗ କମ୍ପ୍ଲେକ୍ସ, ପାର୍କ, ପାର୍କିଂ ସ୍ଥାନ, ପାର୍କରେ ଜିମ୍ ଓ ଚାଲିବା ରାସ୍ତା, ପିଲାଙ୍କ ଖେଳିବା ପାଇଁ ଦୋଳି ସହ ବିଦ୍ୟୁତ ଓ ପାନୀୟ ଜଳର ସୁବିଧା ।

## ବ୍ରହ୍ମପୁର ଓ ସମ୍ବଲପୁରରେ ଗଡ଼ିଲା ମୋ ବସ୍

### ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୩(ନି.ପ୍ର):** ବ୍ରହ୍ମପୁର ଓ ସମ୍ବଲପୁର ସହରରେ 'ମୋ ବସ୍' ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୁଇ ସହରରେ ୧୫ଟି ଲେଖାଏ ବସ୍ ଚଳାଚଳ ପାଇଁ ସୁବିଧା କରାଯାଇଛି।

ବ୍ରହ୍ମପୁର ସହରରେ ଏମ୍‌କେସିଜି ମେଡିକାଲ କଲେଜ-ଇଞ୍ଜିନିୟରିଂ ସ୍କୁଲ-ରେଲୱେ ଷ୍ଟେସନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବସ୍ ଚଳାଚଳ କରିବ। ସମ୍ବଲପୁର ସହରରେ ସମ୍ବଲପୁର-ବୁର୍ଲା-ହୀରାକୁଦ ମଧ୍ୟରେ ଚାଲିବ ମୋ ବସ୍।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର। ୫-ଟି ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡ଼େ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆସିଛି। ମୋ ବସ୍‌ଠାରୁ ଆରମ୍ଭକରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା ନୂଆ ଓଡିଶା ଗଠନ ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋ ବସ୍ ପାଇଁ ଉଭୟ କ୍ୟାଶ୍ ଓ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ବ୍ୟବସ୍ଥା ସହିତ 'ମୋ ବସ୍ କାର୍ଡ ଟ୍ୟାପ ଆଣ୍ଡ ପେ' ସୁବିଧା କରାଯାଇଛି। ଏଥିରେ ଯାତ୍ରୀମାନଙ୍କର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁର ମୋ ବସ୍ ଗୁଡିକରେ ୯୦ ପ୍ରତିଶତ କଣ୍ଡକ୍ଟର ଭାବେ ମାଆମାନଙ୍କୁ ନିଯୁକ୍ତି ଦିଆଯାଇଛି । କମ୍ ଖର୍ଚ୍ଚରେ ଯାତ୍ରୀମାନଙ୍କ ନିରାପଦରେ ଗମନାଗମନ ପାଇଁ ସୁବିଧା ଯୋଗାଇଦେବା ମୋ ବସ୍ ସେବାର ଲକ୍ଷ୍ୟ। ଆଗକୁ ରାଜ୍ୟର ସବୁ ସହରରେ ମୋ ବସ୍ ସେବା ସୁବିଧା ଉପଲବ୍ଧ ହେବ ।

କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥାନନ, କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଉପସ୍ଥିତ ଥିଲେ। ସମ୍ବଲପୁରରେ କାର୍ଯ୍ୟକ୍ରମରେ ବିଧାୟକ ରୋହିତ ପୂଜାରୀ ଉପସ୍ଥିତ ଥିବାବେଳେ ବ୍ରହ୍ମପୁରରେ ଉପସ୍ଥିତ ଥିଲେ ବିଧାୟକ ବିକ୍ରମ କୁମାର ପଣ୍ଡା ।

### ଭୋକିଲାଙ୍କ ଉପରେ ପଡ଼ିଲା ଖାଦ୍ୟ ପ୍ୟାକେଟ

# ଚାପି ହୋଇ ଚାଲିଗଲା ୫ ଜୀବନ



**ନୂଆଦିଲ୍ଲୀ,୯।୩ (ଏଜେନ୍ସି):** ଇସ୍ରାଏଲ ଓ ହମାସ ଆତଙ୍କବାଦୀ ସଂଗଠନ ମଧ୍ୟରେ ଜାରି ରହିଛି ଯୁଦ୍ଧ । ଏହା ଯୋଗୁ ଗାଜାର ଜନସାଧାରଣଙ୍କ ସଙ୍କଟ ବଢ଼ିବାରେ ଲାଗିଛି । ପ୍ରିୟପରିଜନଙ୍କୁ ହରାଇ ଥିବା ଲୋକଙ୍କ ଆଖିରୁ ଲୁହ ଶୁଖୁ ନଥିବା ବେଳେ ଗୋଟିଏ ପରେ ଗୋଟିଏ ଦୁଃଖ ବଢ଼ିବାରେ ଲାଗିଛି । ଲୋକେ ଖାଦ୍ୟ ନପାଇ ଦିନ ଦିନ ଧରି ଭୋକ ଉପାସରେ ପଡ଼ି ରହିଛନ୍ତି । ଭୋକିଲାଙ୍କ ପାଇଁ ଆକାଶ ମାର୍ଗରୁ ଖାଦ୍ୟ ପ୍ୟାକେଟ ପକାଯାଉଛି ।

ଆକାଶ ମାର୍ଗରୁ ପକାଯାଉଥିବା ଖାଦ୍ୟ ପ୍ୟାକେଟ ତଳେ ଚାପି ହୋଇ ୫ ଜଣ ଲୋକଙ୍କ ଯାଇଛି ଜୀବନ । ଏହି ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି । ଗାଜାର ଅଲ୍-ଶିଫା ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି ।

ଗଣମାଧ୍ୟମ ସଂସ୍ଥା ରିପୋର୍ଟ ଅନୁଯାୟୀ, ଏହି ଘଟଣା ଗାଜାର ଅଲ୍-ଶାତି ଶରଣାର୍ଥୀ ଶିବିର ନିକଟରେ ଏହ ଦୁଃଖଦ ଘଟଣା ଘଟିଛି । ଆକାଶ ମାର୍ଗରୁ ଖସୁଥିବା ଖାଦ୍ୟ ପ୍ୟାକେଟ ବିମାନରୁ ପାରାଚ୍ୟୁଟରେ ପକାଯାଇଥିଲା । ମାତ୍ର ପାରାଚ୍ୟୁଟ ଖୋଲି ନଥିଲା । ଖାଦ୍ୟ ପାଇଁ ଏକ ଘର ଛାତ ଉପରେ ଅପେକ୍ଷା କରିଥିବା ଭୋକିଲା ଲୋକଙ୍କ ଉପରେ ଏହା ପଡ଼ିଯାଇଥିଲା । ଖାଦ୍ୟ ପ୍ୟାକେଟ ତଳେ ଚାପି ହୋଇ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା । ମୃତକ ଏବଂ ଆହତଙ୍କୁ ଅଲ୍-ଶିଫା ହସ୍ପିଟାଲକୁ ଅଣାଯାଇଥିଲା ।

ଆମେରିକା ଏବଂ ଜୋର୍ଡାନ ପକ୍ଷରୁ ମିଳିତ ଭାବେ ଗାଜାରେ ଆକାଶ ମାର୍ଗରୁ ଖାଦ୍ୟ ପ୍ୟାକେଟ ପକାଯାଉଛି । ତେବେ ଏହି ଘଟଣାରେ ଜୋର୍ଡାନ ବିମାନ ସାମିଲ ନଥିବା ଜୋର୍ଡାନ ସରକାର କହିଛନ୍ତି ।

## ହଷ୍ଟେଲ ଖାଦ୍ୟ ଖାଇ ୧୦୦ ଛାତ୍ର ଅସୁସ୍ଥ

**ନୋଇଡା,୯।୩ (ଏଜେନ୍ସି):** ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାର ଆର୍ଯ୍ୟନ ରେସିଡେନ୍ସି ଓ ଲଏଡ୍ ଲ' କଲେଜର ହଷ୍ଟେଲରେ ଖାଦ୍ୟ ଖାଇ ୧୦୦ରୁ ଅଧିକ ଛାତ୍ର ଅସୁସ୍ଥ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନେକ ଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି ।

ଡାକ୍ତରଙ୍କ କହିବା ଅନୁସାରେ, ଛାତ୍ରମାନେ ଖାଦ୍ୟ ବିଷାକ୍ତୀକରଣରେ ପୀଡ଼ିତ ହୋଇଛନ୍ତି । ଅନ୍ୟପକ୍ଷରେ ୟୁପି ଗୃହ ବିଭାଗ ଏହି ମାମଲାକୁ ଗୁରୁତର ସହ ନେଇ ରିପୋର୍ଟ ମାଗିଛି । ଖାଇ ସାରିବା ପରେ ଛାତ୍ରମାନେ ବାନ୍ତି କରିଥିଲେ । ସେମାନଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା ।

# ଏନ୍‌ଡିଏରେ ମିଶିଲା ଟିଡିପି

**ନୂଆଦିଲ୍ଲୀ,୯।୩ (ନି.ପ୍ର):** ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଭାଜପାର ପୁରୁଣା ସହଯୋଗୀଙ୍କୁ ଏନ୍‌ଡିଏରେ ମିଶିଛି । ରିପୋର୍ଟ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ତେଲୁଗୁ ଦେଶମ ପାର୍ଟି (ଟିଡିପି) ଶନିବାର ଏନ୍‌ଡିଏରେ ସାମିଲ ହୋଇଛି । ଶନିବାର ଦିଲ୍ଲୀରେ ଭାଜପା ଏବଂ ଟିଡିପି ନେତାଙ୍କ ମଧ୍ୟରେ ମିଳିତ ବୈଠକରେ ପରେ ଟିଡିପି ଏନ୍‌ଡିଏରେ ସାମିଲ ହୋଇଛି । ଟିଡିପି ସହ ଜନସେନା ପାର୍ଟି ମଧ୍ୟ ଏନ୍‌ଡିଏରେ ସାମିଲ ହୋଇଥିବା ଜଣାପଡ଼ିଛି ।

Mizoram State Lotteries
GOLDEN SONA | Draw 12:30 Noon | Draw Date 09.03.2024 | Draw Sr. 06
SHANI WEEKLY LOTTERY • Ticket M.R.P. Rs. 6/- • GOLDEN SONA SHANI WEEKLY LOTTERY

| Prize | | | | | |
|---|---|---|---|---|---|
| First Prize 10000/- | 30558 | | | | |
| Second Prize 9000/- | 08670 | 10052 | 13141 | 35944 | 46837 |
| | 57761 | 63218 | 67563 | 75406 | 89788 |
| Third Prize 1000/- | 10354 | 33289 | 36442 | 38267 | 48437 |
| | 64328 | 85349 | 86496 | 87854 | 92233 |
| Forth Prize 450/- | 0477 | 1186 | 1951 | 2440 | 3860 |
| | 4227 | 4823 | 5209 | 7295 | 8790 |
| Fifth Prize 250/- | 0826 | 1034 | 1696 | 2576 | 3533 |
| | 5533 | 7057 | 8430 | 9719 | 9789 |

Sixth (1000) Prize Rs. 120/-

| | | | | | | | | | |
|---|---|---|---|---|---|---|---|---|---|
| 0018 | 1330 | 2088 | 3221 | 4305 | 4824 | 5846 | 6746 | 7783 | 8797 |
| 0436 | 1350 | 2126 | 3328 | 4324 | 4845 | 6006 | 6952 | 7859 | 9007 |
| 0521 | 1498 | 2219 | 3430 | 4378 | 5048 | 6090 | 7040 | 7909 | 9121 |
| 0565 | 1536 | 2360 | 3599 | 4461 | 5113 | 6236 | 7085 | 8027 | 9136 |
| 0615 | 1542 | 2400 | 3620 | 4479 | 5287 | 6239 | 7106 | 8033 | 9162 |
| 0623 | 1658 | 2477 | 3865 | 4623 | 5328 | 6279 | 7255 | 8226 | 9465 |
| 0903 | 1726 | 2838 | 3966 | 4633 | 5508 | 6289 | 7301 | 8255 | 9731 |
| 1029 | 1837 | 2997 | 3995 | 4713 | 5667 | 6644 | 7394 | 8343 | 9756 |
| 1163 | 2012 | 3048 | 4033 | 4746 | 5725 | 6663 | 7604 | 8446 | 9774 |
| 1251 | 2086 | 3171 | 4279 | 4752 | 5839 | 6676 | 7758 | 8717 | 9967 |

Check Result with Govt. Official Gazzett.
Issued By : Mizoram State Lotteries
goldenlottery goldenlottery goldenlotteries thegoldenlottery thegoldenlottery
https://youtube.com/c/GoldenLottery/
Contact for Detail : 9263881849

Mizoram State Lotteries
GOLDEN TIGER | Draw 07:30 Pm | Draw Date 09.03.2024 | Draw Sr. 06
SANI WEEKLY LOTTERY • Ticket M.R.P. Rs. 6/- • GOLDEN TIGER SANI WEEKLY LOTTERY

| Prize | | | | | |
|---|---|---|---|---|---|
| First Prize 10000/- | 57197 | | | | |
| Second Prize 9000/- | 04667 | 21930 | 23087 | 31414 | 59619 |
| | 61886 | 66695 | 67607 | 76524 | 78863 |
| Third Prize 1000/- | 07485 | 09497 | 21653 | 25829 | 30745 |
| | 36338 | 36793 | 42974 | 48186 | 97833 |
| Forth Prize 450/- | 0377 | 1587 | 1720 | 1806 | 3308 |
| | 4216 | 5069 | 5367 | 6650 | 9667 |
| Fifth Prize 250/- | 0819 | 0958 | 1882 | 2904 | 2993 |
| | 4253 | 4442 | 5269 | 5959 | 7352 |

Sixth (1000) Prize Rs. 120/-

| | | | | | | | | | |
|---|---|---|---|---|---|---|---|---|---|
| 0017 | 0515 | 2129 | 3126 | 4001 | 5327 | 6215 | 7089 | 7933 | 8949 |
| 0155 | 0562 | 2135 | 3152 | 4020 | 5387 | 6274 | 7121 | 8255 | 9037 |
| 0249 | 0623 | 2172 | 3255 | 4448 | 5683 | 6280 | 7139 | 8261 | 9053 |
| 0304 | 0866 | 2365 | 3364 | 4539 | 5686 | 6295 | 7200 | 8437 | 9114 |
| 0327 | 0925 | 2779 | 3438 | 4584 | 5776 | 6344 | 7311 | 8522 | 9174 |
| 0349 | 0957 | 2802 | 3490 | 4599 | 5862 | 6405 | 7330 | 8589 | 9231 |
| 0351 | 1145 | 2915 | 3563 | 4660 | 5969 | 6429 | 7638 | 8638 | 9240 |
| 0372 | 1251 | 2996 | 3723 | 4838 | 6051 | 6823 | 7680 | 8725 | 9463 |
| 0386 | 1271 | 3000 | 3773 | 4984 | 6096 | 6867 | 7798 | 8903 | 9775 |
| 0509 | 1353 | 3117 | 3866 | 5098 | 6203 | 7067 | 7855 | 8920 | 9984 |

Check Result with Govt. Official Gazzett.
Issued By : Mizoram State Lotteries
goldenlottery goldenlottery goldenlotteries thegoldenlottery thegoldenlottery
https://youtube.com/c/GoldenLottery/
Contact for Detail : 9263881849

### ଭାରତ ଗସ୍ତ ବେଳେ କ୍ଷମା ମାଗିଲେ

# ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ନାସିଦ

**ନୂଆଦିଲ୍ଲୀ,୯।୩ (ଏଜେନ୍ସି):** ଗତବର୍ଷ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ ଭାରତର ବହିଷ୍କାର ଡାକରାର ପରିଣାମକୁ ନେଇ ଉଦ୍‌ବେଗ ପ୍ରକାଶ କରି ମାଳଦ୍ୱୀପବାସୀଙ୍କ ତରଫରୁ କ୍ଷମା ପ୍ରାର୍ଥନା କରିଛନ୍ତି । ସେ କହିଛନ୍ତି, ଭାରତ ଓ ମାଳଦ୍ୱୀପ ମଧ୍ୟରେ ଉତ୍ତେଜନା ମାଳଦ୍ୱୀପକୁ ବହୁତ ପ୍ରଭାବିତ କରିଛି ଏବଂ ମୁଁ ଏହାକୁ ନେଇ ପ୍ରକୃତରେ ଚିନ୍ତିତ । ମୁଁ କହିବାକୁ ଚାହୁଁଛି ଯେ ମାଳଦ୍ୱୀପର ଲୋକମାନେ ଦୁଃଖିତ, ଆମେ ଦୁଃଖିତ ଯେ ଏହା ଘଟିଛିଛ ଆମେ ଚାହୁଁଛୁ ଯେ ଭାରତୀୟମାନେ ସେମାନଙ୍କ ଛୁଟି ଦିନରେ ମାଳଦ୍ୱୀପ



ଆସନ୍ତୁ । ଆମର ଆତିଥେୟତାରେ କୌଣସି ପରିବର୍ତ୍ତନ ହେବ ନାହିଁ ।

ଭାରତର ଆର୍ଭି ମୁଖ୍ୟକୁ ପ୍ରଶଂସା କରି ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ କହିଛନ୍ତି, ଭାରତ ଚାପ ପକାଇବା ପରିବର୍ତ୍ତେ କୂଟନୈତିକ ଆଲୋଚନା ପ୍ରସ୍ତାବ ଦେଇଛି । ଯେତେବେଳେ ମାଳଦ୍ୱୀପ ରାଷ୍ଟ୍ରପତି ଚାହୁଁଥିଲେ ଯେ ଭାରତୀୟ ସୈନ୍ୟମାନେ ଚାଲିଯାଆନ୍ତୁ, ଆପଣ ଜାଣନ୍ତି କି ଭାରତ କ'ଣ କରିଛି? ସେ ହାତ ଯୋଡ଼ିନଥିଲେ । ସେ କୌଣସି ଶକ୍ତି ଦେଖାଇନଥିଲେ, ବରଂ ମାଳଦ୍ୱୀପ ସରକାରଙ୍କୁ କହିଥିଲେ-ଠିକ୍ ଅଛି, ଆସନ୍ତୁ ଏ ବିଷୟରେ ଆଲୋଚନା କରିବା ।

ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ ମଧ୍ୟ ମାଳଦ୍ୱୀପ ଏବଂ ଚୀନ୍ ମଧ୍ୟରେ ନିକଟରେ ସ୍ୱାକ୍ଷରିତ ପ୍ରତିରକ୍ଷା ଚୁକ୍ତି ଉପରେ ବକ୍ତବ୍ୟ ରଖିଥିଲେ । ମୁଁ ଭାବୁଛି ମୁଇଜ୍ଜୁ (ବର୍ତ୍ତମାନର ମାଳଦ୍ୱୀପ ରାଷ୍ଟ୍ରପତି) କିଛି ଉପକରଣ କିଣିବାକୁ ଚାହୁଁଥିଲେ, ମୁଖ୍ୟତଃ ରବର ବୁଲେଟ୍ ଏବଂ ଲୁହବୁହା ଗ୍ୟାସ୍ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ସରକାର ଭାବିଲେ ଯେ ଅଧିକ ଲୁହବୁହା ଗ୍ୟାସ ଏବଂ ଅଧିକ ରବର ବୁଲେଟର ଆବଶ୍ୟକତା ରହିଛି । ସରକାର ବନ୍ଧୁକ ଧରି ଚାଲୁନାହାନ୍ତି ।

ଗତବର୍ଷ ମାଳଦ୍ୱୀପର ରାଷ୍ଟ୍ରପତି ହେବା ପରେ ମହମ୍ମଦ ମୁଇଜ୍ ଘୋଷଣା କରିଥିଲେ ଯେ ମାଳଦ୍ୱୀପ ସହ ମିଶି ଭାରତକୁ ହାଇଡ୍ରୋଗ୍ରାଫିକ ସର୍ଭେ କରିବାକୁ ଅନୁମତି ଦେଇଥିବା ଚୁକ୍ତିକୁ ସେ ବଢ଼ାଇବେ ନାହିଁ । ସେ ଭାରତ ସରକାରଙ୍କୁ ଭାରତୀୟ ସେନା ପ୍ରତ୍ୟାହାର କରିବାକୁ କହିଛନ୍ତି । ରାଷ୍ଟ୍ରପତି ମୁଇଜ୍ଜୁ ପ୍ରତିଷ୍ଠିତ ପରମ୍ପରାକୁ ଭାଙ୍ଗି ନିଜର ପ୍ରଥମ ସରକାରୀ ଗସ୍ତ ପାଇଁ ତୁର୍କୀ ଏବଂ ଚୀନକୁ ବାଛିଥିବା ବେଳେ ମାଳଦ୍ୱୀପର ନୂତନ ରାଷ୍ଟ୍ରପତି ପ୍ରଥମେ ଭାରତ ଗସ୍ତ କରିଥିଲେ ।

### ୧.୭୫କୋଟି ଲୋକଙ୍କୁ ମିଳିବ

# ମାଗଣା ଏଲପିଜି ସିଲିଣ୍ଡର

**ଲକ୍ଷ୍ନୌ,୯।୩ (ଏଜେନ୍ସି):** ୧.୭୫କୋଟି ଲୋକଙ୍କୁ ମିଳିବ ମାଗଣା ଏଲପିଜି ସିଲିଣ୍ଡର । ହୋଲିରେ ଉତ୍ତରପ୍ରଦେଶବାସୀଙ୍କୁ ବଡ ଉପହାର ଦେବେ ଯୋଗୀ ସରକାର । କ୍ୟାବିନେଟ ବୈଠକରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୦୦ଟଙ୍କା ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ପରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ହୋଲିରେ ଏକ ବଡ ଉପହାର ଦେବେ ବୋଲି ଘୋଷଣା କରିଛନ୍ତି । ରାଜ୍ୟରେ ଥିବା ୧କୋଟିରୁ ଅଧିକ ପରିବାରକୁ ମାଗଣାରେ ଏଲପିଜି ସିଲିଣ୍ଡର ଦିଆଯିବ ବୋଲି କହିଛନ୍ତି ।

ଏହି ମାଗଣା ସିଲିଣ୍ଡର ସରକାରଙ୍କ ଘୋଷଣାର ଦ୍ୱିତୀୟ ପର୍ଯ୍ୟାୟ । ଯେଉଁଥିରେ ଗୋଟିଏ ବର୍ଷରେ ୨ଟି ମାଗଣା ଏଲପିଜି ସିଲିଣ୍ଡର ମିଳିବ ।

ଏହା ପୂର୍ବରୁ ଉତ୍ତରପ୍ରଦେଶର ଯୋଗୀ ସରକାର ଦୀପାବଳିରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମାଗଣା ସିଲିଣ୍ଡର ଦେଇଥିଲେ । ଏହା ପାଇଁ ଯୋଗୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୩୧୨ କୋଟି ଟଙ୍କା ବଜେଟ୍ ଘୋଷଣା କରିଥିଲେ ଏବଂ ଉଜ୍ଜ୍ୱଳା ସହିତ ୧୦ ନଭେମ୍ବର ୨୦୨୩ରେ ଏହି ଯୋଜନା ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ଯୋଜନା ଅଧୀନରେ ହୋଲି ଅବସରରେ ଦ୍ୱିତୀୟ ମାଗଣା ଗ୍ୟାସ ସିଲିଣ୍ଡର ଦିଆଯିବ । ଏହି ଘୋଷଣା ପରେ ଏବେ ଉଜ୍ଜ୍ୱଳା ହିତାଧିକାରୀଙ୍କ ହୋଲି ଆହୁରି ରଙ୍ଗୀନ ହେବ ବୋଲି ଜଣାପଡିଛି ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from Plot No.TS 3/193, Mancheswar Ind. Estate, Bhubaneswar-751 010,
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010, Associate Editor- Suresh Parida ସହଯୋଗୀ ସମ୍ପାଦକ- ସୁରେଶ ପରିଡ଼ା
Phone: 0674- 2582532, News Desk: Mob:7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁଧୀର କୁମାର ପଣ୍ଡା
Editor - Sudhir Kumar Panda